

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ଯା ଦେବୀ ସର୍ବଭୂତେଷୁ...

ବାଲେଶ୍ୱର ❑ ଶନିବାର ୨୪ ଅକ୍ଟୋବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 24 October 2026

Vol.No. 36 ■ No.277 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଛି ପୂଜାସଂଖ୍ୟା ସାଗରିକା

ଡିଜିଟାଲ ଫର୍ମାଟରେ ମଧ୍ୟ ଉପଲବ୍ଧ...



ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସନ୍ତାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net

ଅରୁଣାଚଳ ସୀମାରେ ଭାରତ-ଚୀନ୍ ସେନା ମୁହାଁମୁହିଁ



ନୂଆଦିଲ୍ଲୀ,୨୩/୧୦ : ଅରୁଣାଚଳ ପ୍ରଦେଶ ସୀମାରେ ଭାରତୀୟ ଏବଂ ଚୀନ୍ ସୈନ୍ୟମାନଙ୍କ ମଧ୍ୟରେ ଅନେକ ସ୍ଥାନରେ ମୁହାଁମୁହିଁ ସ୍ଥିତି ଜାରି ରହିଥିବା ନେଇ ଭାରତ-ତିବ୍ବତ ସୀମା ପୋଲିସ (ଆଇଟିବିପି) ର ମହାନିର୍ଦ୍ଦେଶକ ଶତ୍ରୁଜିତ୍ କପୁର ସୂଚନା ଦେଇଛନ୍ତି। ଅରୁଣାଚଳ ପ୍ରଦେଶର ଉତ୍ତର-ପୂର୍ବ ସୀମାନ୍ତରେ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବା ନେଇ ଏହା ପ୍ରଥମ ଆନୁଷ୍ଠାନିକ ସରକାରୀ ସ୍ପଷ୍ଟୀକରଣ। ଆଇଟିବିପିର ଆନୁଷାଙ୍ଗିକ ସମ୍ବର୍ଦ୍ଧନା ସମାରୋହରେ ମହାନିର୍ଦ୍ଦେଶକ କପୁର କହିଛନ୍ତି ଯେ, ଗତ ଜୁଲାଇ ମାସରୁ ଟାକ୍ସିଂ ଅଞ୍ଚଳରେ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲଏସି) ନିକଟବର୍ତ୍ତୀ ପ୍ରମୁଖ ପାଟ୍ରୋଲିଂ ପଏଣ୍ଟଗୁଡ଼ିକୁ ଯିବା ପାଇଁ ଭାରତୀୟ ସେନାକୁ ଚୀନ୍ ସୈନ୍ୟ ବାଧା ଦେବା ପରଠାରୁ ଏହି ଉତ୍ତେଜନା ଆରମ୍ଭ ହୋଇଥିଲା। ଗତ କିଛି ଦିନ ହେବ ଅରୁଣାଚଳର ଏକାଧିକ ସ୍ଥାନରେ ଦୁଇ ସେନା ମୁହାଁମୁହିଁ ହୋଇଛନ୍ତି ଏବଂ ଏହି ସ୍ଥିତି ଏବେ ବି ଜାରି ରହିଛି। ଗତ ସେପ୍ଟେମ୍ବର ମାସରେ ନୂଆଦିଲ୍ଲୀରେ ଆୟୋଜିତ ବ୍ରିକ୍ସ ସମ୍ମିଳନୀରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଯୋଗଦେଇଥିବା ବେଳେ ସୀମାରେ ଏହି ସାମରିକ ତୀକ୍ତତା ବଜାୟ ରହିଥିଲା। ତେବେ ଏହି ପ୍ରତିକୂଳ ପରିସ୍ଥିତିରେ ଆମର ନବଗଠିତ ''ଶୌର୍ଯ୍ୟ କମାଣ୍ଡୋ'' ଅତ୍ୟନ୍ତ ପ୍ରଶଂସନୀୟ ଓ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି ବୋଲି ଆଇଟିବିପି ମୁଖ୍ୟ କହିଛନ୍ତି। ପାର୍ବତ୍ୟାଞ୍ଚଳ ଯୁଦ୍ଧ କୌଶଳରେ ନିପୁଣ ଏହି କମାଣ୍ଡୋମାନେ ଅସାଧାରଣ ଧୈର୍ଯ୍ୟ ଦେଖାଇଛନ୍ତି। ୧୯୬୨ରେ ଗଠିତ ଆଇଟିବିପି ଚୀନ୍ ସହ ଜଡ଼ିତ ୩,୪୮୮ କିଲୋମିଟର ଦୀର୍ଘ ସୀମାର ସୁରକ୍ଷା ଦାୟିତ୍ୱରେ ରହିଛି। ଚୀନ୍ ସୀମାନ୍ତକୁ ସବୁଠାରୁ କଠିନ ସୀମା ଭାବେ ସ୍ୱୀକାର କରିବା ସହ ଆଇଟିବିପି ଏବେ ନିଜର ପ୍ରତ୍ୟେକ ୟୁନିଟରେ ଡ୍ରୋନ୍ ପ୍ଲାଟୁନ୍ ଗଠନ କରିଛି, ଗାଲୱାନ୍ ଭଳି ପରିସ୍ଥିତିର ମୁକାବିଲା ପାଇଁ ସ୍ୱତନ୍ତ୍ର ଯୁଦ୍ଧ ତାଲିମ ଦେଉଛି ଏବଂ ଭୂତଳ ଭୂମିରୂପ ସୃଷ୍ଟି କରୁଛି ବୋଲି ସେ ଦର୍ଶାଇଛନ୍ତି। ଅନ୍ୟପଟେ, ପୀପୁଲ୍ସ ପାର୍ଟି ଅଫ୍ ଅରୁଣାଚଳ (ପିପିଏ) ର ଏକ ପ୍ରତିନିଧି ଦଳ ଗତ ଜୁଲାଇରେ ଅପର ସୁବନସିରି ଜିଲ୍ଲାର ଟାକ୍ସିଂ ଅଞ୍ଚଳରେ ଚୀନ୍ ସୈନ୍ୟ ଭାରତର ପାଟ୍ରୋଲିଂ ପଏଣ୍ଟକୁ ଅବରୋଧ କରୁଥିବା ନେଇ ଦାବି କରିଥିଲେ। ତେବେ କେନ୍ଦ୍ର ସରକାର ଏହି ଦାବିକୁ ପ୍ରତ୍ୟାଖ୍ୟାନ କରି ଅରୁଣାଚଳ ପ୍ରଦେଶ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ସ୍ପଷ୍ଟ କରିଛନ୍ତି। କେନ୍ଦ୍ରମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି ଯେ, ଚୀନ୍ ଦ୍ୱାରା କୌଣସି ନୂତନ ଅଞ୍ଚଳ ଜବରଦଖଲ ହୋଇନାହିଁ, ମାତ୍ର କିଛି ଗୋଚର ଅଞ୍ଚଳକୁ ଯିବା ନେଇ ସ୍ଥାନୀୟ ଲୋକଙ୍କ ସମସ୍ୟାର ସମାଧାନ କରାଯାଉଛି। ଆଇଟିବିପି ଡିଜିଙ୍କ ଏହି ବକ୍ତବ୍ୟ ପରେ କଂଗ୍ରେସ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରାଯାଇଛି। କଂଗ୍ରେସ ସାଂସଦ ଜୟରାମ ରମେଶ ସୋସିଆଲ ମିଡିଆ ଏକ୍ସ ରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୀରବତା ଉପରେ ପ୍ରଶ୍ନ ଉଠାଇଛନ୍ତି। ସୀମାରେ ଚୀନ୍ ସହ ସୈନ୍ୟବାହିନୀ ନିଜର ବୀରତ୍ୱ ଦେଖାଉଥିବା ବେଳେ ସରକାର କାହିଁକି ଚୁପ୍ ରହିଛନ୍ତି ବୋଲି ସେ ପ୍ରଶ୍ନ କରିବା ସହ,

◆◆ପୃଷ୍ଠା ୭

ଇଣ୍ଡିଆ କେମ୍ ସମ୍ମିଳନୀରୁ ଯୋଗ ଦେଇ ଓଡ଼ିଶା ଫେରିଲେ ମୁଖ୍ୟମନ୍ତ୍ରୀ : ମୁମ୍ବାଇରୁ ଆଣିଲେ ବଡ଼ ନିବେଶ



ଭୁବନେଶ୍ୱର, ୨୩/୧୦ (ନି.ପ୍ର): ପସ୍କୋ ପସ୍କୋ ଓ ଜେଏସଡବ୍ଲ୍ୟୁ ମୁଖ୍ୟଙ୍କ ସହ ଓଡ଼ିଶା ସରକାରଙ୍କ ଆଲୋଚନା । ଓଡ଼ିଶାରେ ନିବେଶ ଓ ନିଯୁକ୍ତି ସମ୍ଭାବନା ନେଇ ବଢ଼ିଲା ଆଶା। ଓଡ଼ିଶାକୁ ଏକ ପ୍ରମୁଖ ଶିଳ୍ପ ଓ ପୁଞ୍ଜିନିବେଶ କେନ୍ଦ୍ର ଭାବେ ଗଢ଼ିତୋଳିବା ଲକ୍ଷ୍ୟରେ ମୁମ୍ବାଇ ଗସ୍ତ ବେଳେ ପସ୍କୋ ଓ ଜେଏସଡବ୍ଲ୍ୟୁ ଗ୍ରୁପ୍‌ର ଶୀର୍ଷ ନେତୃତ୍ୱଙ୍କ ସହ ଆଲୋଚନା କରିଛନ୍ତି ଓଡ଼ିଶା ସରକାରଙ୍କ ପ୍ରତିନିଧି। ଏହି ବୈଠକରେ ପସ୍କୋ ଇଣ୍ଡିଆର ମୁଖ୍ୟ ଏସ୍.ଏଲ୍.ଚୁନ୍, ମୁମ୍ବାଇ କାର୍ଯ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ଜ୍ୟାକି କିମ୍ ଓ ଜେଏସଡବ୍ଲ୍ୟୁ ଗ୍ରୁପ୍‌ର ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ ଯୋଗ ଦେଇଥିଲେ। ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶରେ ହୋଇଥିବା ଏହି ଆଲୋଚନାରେ ଓଡ଼ିଶାରେ ଶିଳ୍ପ ବିକାଶ, ପୁଞ୍ଜିନିବେଶ ଏବଂ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟିର ସମ୍ଭାବନା ନେଇ ସକାରାତ୍ମକ ଆଶା ସୃଷ୍ଟି ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି, 'ଓଡ଼ିଶା ଶିଳ୍ପାୟନ ଓ ପୁଞ୍ଜିନିବେଶ ପାଇଁ ଏକ ଅନୁକୂଳ ଗନ୍ତବ୍ୟସ୍ଥଳ। ସରକାର ନିବେଶକମାନଙ୍କୁ ଆବଶ୍ୟକ ସହଯୋଗ, ସୁବିଧା ଓ ଅନୁକୂଳ ପରିବେଶ ଯୋଗାଇଦେବାକୁ ସରକାର ପ୍ରତିବଦ୍ଧ। ରାଜ୍ୟରେ ଅଧିକ ପୁଞ୍ଜିନିବେଶ ଆଣିବା, ଯୁବପିଢ଼ିଙ୍କ ପାଇଁ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ଓଡ଼ିଶାର ଅର୍ଥନୈତିକ ବିକାଶକୁ ଆହୁରି ଗତିଶୀଳ କରିବା ଆମର ଲକ୍ଷ୍ୟ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ପସ୍କୋ ଓ ଜେଏସଡବ୍ଲ୍ୟୁ ଜେଏସଡବ୍ଲ୍ୟୁ ପରି ପ୍ରମୁଖ ଶିଳ୍ପଗୋଷ୍ଠୀ ସହ ଏହି ଆଲୋଚନା ରାଜ୍ୟର ଶିଳ୍ପ ସମ୍ଭାବନାକୁ ଆଗକୁ ନେବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ଆଲୋଚନାରୁ ଓଡ଼ିଶା ପାଇଁ ସକାରାତ୍ମକ ଫଳାଫଳ ମିଳିବା ନେଇ ଆଶା ପ୍ରକାଶ ପାଇଛି।

୭,୨୬୮ ଖାଲିପଦ ପୂରଣ ପାଇଁ ଓୟୁଏସଏସଏସସି ପକ୍ଷରୁ ବିଜ୍ଞପ୍ତି ଜାରି

ଭୁବନେଶ୍ୱର, ୨୩/୧୦ (ନି.ପ୍ର): ଓଡିଶା ୟୁନିଫର୍ମଡ ସେବା କର୍ମଚାରୀ ଚୟନ ଆୟୋଗ (ଓୟୁଏସଏସଏସସି) ପକ୍ଷରୁ ୭,୨୬୮ଟି ଖାଲି ପଦ ପୂରଣ ନିମନ୍ତେ ବିଜ୍ଞପ୍ତି ଶୁକ୍ରବାର ପ୍ରକାଶ ପାଇଛି। ମିଳିତ ୟୁନିଫର୍ମଡ ସେବା (ସ୍ନାତକ ଡିଗ୍ରୀ ଠାରୁ ନିମ୍ନସ୍ତର) ପରୀକ୍ଷା-୨୦୨୬ ଅଧୀନରେ କନଷ୍ଟେବଳ (ସିଭିଲ୍), କନଷ୍ଟେବଳ (କମ୍ୟୁନିକେସନ୍), କନଷ୍ଟେବଳ (ଓଡ଼ିଶା ଶିଳ୍ପ ସୁରକ୍ଷା ବାହିନୀ-ଓଆଇଏସଏଫ୍), ଅଗ୍ନିଶମ କର୍ମଚାରୀ, ଅଗ୍ନିଶମ ଗାଡ଼ିଚାଳକ, ପୋଲିସ୍ମୋଟର ପରିବହନ ବିଭାଗରେ ଡ୍ରାଇଭର ଏବଂ ଟ୍ରାଫିକ କନଷ୍ଟେବଳ ଆଦି ପଦବୀରେ ମୋଟ ୭,୨୬୮ଟି ଖାଲି ପଦ ପୂରଣ ନିମନ୍ତେ ଆୟୋଗଙ୍କ ପକ୍ଷରୁ ବିସ୍ତୃତ ନିଯୁକ୍ତି ବିଜ୍ଞାପନ ପ୍ରକାଶ କରାଯାଇଛି। ଏହି ନିଯୁକ୍ତି ସମ୍ବନ୍ଧୀୟ ଖାଲି ପଦବୀର ବିବରଣୀ, ଯୋଗ୍ୟତା ମାନଦଣ୍ଡ, ପରୀକ୍ଷା ପ୍ରଣାଳୀ ଏବଂ ଅନ୍ଲାଇନ ପଞ୍ଜୀକରଣ ଓ ଆବେଦନପତ୍ର ଦାଖଲର ସମୟ ସୂଚୀ ସମ୍ପର୍କରେ ଜାଣିବା ପାଇଁ ଇଚ୍ଛୁକ ଯୋଗ୍ୟ ପ୍ରାର୍ଥିନୀ / ପ୍ରାର୍ଥୀମାନଙ୍କୁ ଆୟୋଗଙ୍କ ୱେବସାଇଟ୍ ଏଚଟିଟିପିଏସ୍:// ଓୟୁଏସଏସଏସସି.ଓଡ଼ିଶା.ଜିଓଭି.ଇନ୍ ପରିଦର୍ଶନ କରିବାକୁ ଓଡିଶା ୟୁନିଫର୍ମଡ ସେବା କର୍ମଚାରୀ ଚୟନ ଆୟୋଗ କାର୍ଯ୍ୟାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି ।

ନାବାଳିକା ବଳାତ୍କାର ଓ ହତ୍ୟାକାଣ୍ଡ: ଫାଣ୍ଡି ଅଧିକାରୀ ନିଲମ୍ବିତ, ଥାନା ଅଧିକାରୀ ବଦଳି

ଜଳେଶ୍ୱର, ୨୩/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅନ୍ତର୍ଗତ ନାମ୍ପୋ ଫାଣ୍ଡି ଅଞ୍ଚଳର ବର୍ତ୍ତନା ପଞ୍ଚାୟତ ଡେରାପଦା ଗ୍ରାମରେ ଘଟିଥିବା ୧୪ ବର୍ଷୀୟା ନାବାଳିକାଙ୍କ ଗଳିତ ଶବ ଉଦ୍ଧାର ଘଟଣାରେ ପୋଲିସ ପ୍ରଶାସନ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠନ ଗ୍ରହଣ କରାଯାଇଛି ।କାର୍ଯ୍ୟରେ ଅବହେଳା ଅଭିଯୋଗରେ ନାମ୍ପୋ ଫାଣ୍ଡି ଅଧିକାରୀ କରଣ ମାରାଣ୍ଡିଙ୍କୁ ନିଲମ୍ବନ କରାଯାଇଥିବା ବେଳେ ଜଳେଶ୍ୱର ଥାନା ଅଧିକାରୀ ଅଶୋକ କୁମାର ବାରିକଙ୍କୁ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟକୁ ବଦଳି କରାଯାଇଛି । ଉତ୍ତରାଞ୍ଚଳ/ ପୂର୍ବାଞ୍ଚଳ ଆଇଜି ପିନାକୀ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଏହି କାର୍ଯ୍ୟାନୁଷ୍ଠନ ନିଆଯାଇଛି । ମିଳିଥିବା ସୂଚନା ଅନୁସାରେ,ଗତ ୧୬ ତାରିଖରେ ଉକ୍ତ ନାବାଳିକା ଦୀପିକା ଜେନାଙ୍କୁ ଅପହରଣ କରାଯାଇ ଜବରଦସ୍ତ ବଳାତ୍କାର କରାଯାଇଥିଲା। ନାବାଳିକା ଜଣକ ପ୍ରତିବାଦ କରିବାରୁ ଅଭିଯୁକ୍ତ ଚନ୍ଦ୍ରକାନ୍ତ ତାଙ୍କୁ ତଣ୍ଟିଚିପି ହତ୍ୟା କରିଥିବା ପୋଲିସ ତଦନ୍ତରୁ ପଦାକୁ ଆସିଛି ।ପୋଲିସ ମୁଖ୍ୟ ଅଭିଯୁକ୍ତ ଚନ୍ଦ୍ରକାନ୍ତକୁ ଗିରଫ କରିଥିବା ବେଳେ ଏହି ମାମଲାରେ ଜଳେଶ୍ୱର ଥାନାରେ କେସ୍ ନମ୍ବର ୬୨୬/୨୬ ରୁଜୁ କରାଯାଇ ତଦନ୍ତ ଜାରି ରହିଛି ।ଘଟଣାର ସଠିକ୍ ଓ ନିରପେକ୍ଷ ତଦନ୍ତ ପାଇଁ ଜଣେ ଡିଏସପି ପାହ୍ୟାର ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି ।ଶୁକ୍ରବାର ବାଲେଶ୍ୱର ଏସ୍.ପି. ପ୍ରତ୍ୟୁଷ ଦିବାକର ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ ।ପୋଲିସର ପ୍ରାରମ୍ଭିକ କାର୍ଯ୍ୟରେ ଅବହେଳାକୁ ନେଇ ସାଧାରଣରେ ଆକ୍ରୋଶ ଓ ପ୍ରଶ୍ନବାଚୀ ସୃଷ୍ଟି ହେବା ପରେ ପ୍ରଶାସନ ଏହି ଦୃଢ଼ ପଦକ୍ଷେପ ଗ୍ରହଣ କରିଛି। ଏହି ମର୍ମାନ୍ତୁକ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ଗ୍ରାମବାସୀମାନେ ଜଳେଶ୍ୱର-ପଶ୍ଚିମବାର୍ଡ ମୁଖ୍ୟ ରାସ୍ତାରେ ଆନ୍ଦୋଳନ ଓ ରାସ୍ତାରୋକ କରିଛନ୍ତି।

◆◆ପୃଷ୍ଠା ୭

କୋଟିଆରେ ପଂଚାୟତ ନିର୍ବାଚନ : ସାମ୍ନାକୁ ଆସିଲା ପଡୋଶୀ ରାଜ୍ୟର ଷଡଯନ୍ତ୍ର ପଛର କାରଣ

ଭୁବନେଶ୍ୱର, ୨୩/୧୦ (ନି.ପ୍ର): ମାଗଣା ବାଣ୍ଟି ମନ ଜିଣିଥିଲେ। ଏବେ ଭାତ, ଡାଲି ଖୁଆଇ , ଭୋଟ ନେଇ କୋଟିଆ ସୀମାନ୍ତରେ ଅସ୍ତିତ୍ୱ ଜାହିର କରିବାକୁ ଚାହୁଁଛି ଆନ୍ଧ୍ର। ହେଲେ ଏହା ପଛରେ ପଡ଼ୋଶୀ ରାଜ୍ୟର ରହିଛି ବିରାଟ ଚକ୍ରାନ୍ତ। କାରଣ ଓଡ଼ିଶାର ଭୂସ୍ୱର୍ଗ କୁହାଯାଉଥିବା କୋଟିଆର ମାଟି ତଳେ ଥିବା ସମ୍ପଦ ଉପରେ ଆଖି ରହିଛି। ସେପଟେ ଜଳ ବିବାଦ ଭଳି ମଧ୍ୟସ୍ଥତା କରିବେ କି କେନ୍ଦ୍ର ସରକାର। ବର୍ଷ ବର୍ଷ ଧରି କୋଟିଆରେ ନିଜର ଆଧିପତ୍ୟ ଦାବି କରିଆସୁଛି ଆନ୍ଧ୍ର। ପୂର୍ବରୁ ପଡ଼ୋଶୀ ରାଜ୍ୟର ସରକାରୀ



ଅଧିକାରୀ ଓଡ଼ିଶା ସୀମାରେ ପଶି ରାସନ କାର୍ଡ ବାଣ୍ଟୁଥିଲେ। ଏବେ ସିଧାସଳଖ ନିର୍ବାଚନ କରାଇ ଏଠାରେ ଅଧିକାର ଜାହିର କରିବା ମସୁଧାରେ ପଡ଼ୋଶୀ ରାଜ୍ୟ। ପ୍ରାର୍ଥୀପତ୍ର ଦାଖଲ ସରିଛି, କୋଟିଆର ବିଭିନ୍ନ ଗାଁ ଗୁଡ଼ିକରେ ପ୍ରଚାର ଆରମ୍ଭ କରିବା ସହ ଆନ୍ଧ୍ର ସରକାରଙ୍କ କୃଷକ ଭତ୍ତା, ଆମ୍ମାବାଡି ଭଳି ବିଭିନ୍ନ ସରକାରୀ ଯୋଜନାର ଲୋଭ ଦେଖାଉଛନ୍ତି ପ୍ରାର୍ଥୀ। ଏସବୁ ଭିତରେ କୋଟିଆ କେବଳ ବାହାନା ହୋଇଥିବା ବେଳେ ଏହି ଅଂଚଳର ମାଟିତଳେ ରହିଥିବା ପ୍ରାଚୁର୍ଯ୍ୟ ଉପରେ ଆନ୍ଧ୍ର ସରକାରଙ୍କ ଆଖି ବୋଲି କୁହାଯାଉଛି। ଦୀର୍ଘ ବର୍ଷ ଧରି କ୍ଷମତାରେ ରହିଥିବା ବିଜେଡି କୋଟିଆ ସୀମା ବିବାଦର ସମାଧାନ କରିପାରିନଥିଲା। ଏପରିକି ୨୪ ବର୍ଷ ଭିତରେ କୋଟିଆରେ ନବୀନଙ୍କ ପାଦ ମଧ୍ୟ ପଡ଼ିନଥିଲା। ଏବେ ସରକାରରୁ ହଟିବା ପରେ ସ୍ୱର ଓ ଆଭିମୁଖ୍ୟ ବଦଳାଇଛି ବିଜୁ ଜନତା ଦଳ। ନବୀନଙ୍କ ନିର୍ଦ୍ଦେଶ କ୍ରମେ ଏକ ଉଚ୍ଚସ୍ତରୀୟ

◆◆ପୃଷ୍ଠା ୭

ନିର୍ବାଚନ ଆୟୁକ୍ତଙ୍କ ମଧ୍ୟରେ ଅନ୍ତଃକନ୍ଦଳ: ସୂଚନା ଅଧିକାର ଆଇନ ବଳରେ ବଡ଼ ଖୁଲାସା

ନୂଆଦିଲ୍ଲୀ,୨୩/୧୦ : ଭାରତ ନିର୍ବାଚନ ଆୟୋଗ ସହ ଜଡ଼ିତ ଏକ ବଡ଼ ତଥ୍ୟ ସୂଚନା ଅଧିକାର ଆଇନ ଅଧୀନରେ ସାମ୍ନାକୁ ଆସିଛି। ଏଥିରେ ଅଧିକାରୀମାନଙ୍କ କାର୍ଯ୍ୟପ୍ରଣାଳୀ ଏବଂ ଭୋଟର ତାଲିକା ସହ ଜଡ଼ିତ ଓଞ୍ଚ ସିଷ୍ଟମକୁ ନେଇ ବିବାଦ ଥିବା ଜଣାପଡ଼ିଛି। ଦୁଇ ନିର୍ବାଚନ ଆୟୁକ୍ତ ଡା. ସୁଖବୀର ସିଂହ ସନ୍ଧୁ ଏବଂ ଡା. ବିବେକ ଯୋଶୀ ୨୯ ଜୁଲାଇ ୨୦୨୬ରେ କ୍ୟାବିନେଟ୍ ସଚିବ ଟି.ଭି. ସୋମନାଥନଙ୍କୁ ପୃଥକ ପୃଥକ ଚିଠି ଲେଖି ଆୟୋଗର ଜଣେ ବରିଷ୍ଠ ଅଧିକାରୀଙ୍କ



ଆଚରଣକୁ ନେଇ ଆପତ୍ତି ଉଠାଇଥିଲେ ଏବଂ ତାଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। କ୍ୟାବିନେଟ୍ ସଚିବଙ୍କୁ ଲେଖାଯାଇଥିବା ଏହି ଚିଠିଗୁଡ଼ିକ ବରିଷ୍ଠ ଉପନିର୍ବାଚନ ଆୟୁକ୍ତ ମନୀଷ ଗର୍ଗଙ୍କ ଦ୍ୱାରା ବରିଷ୍ଠ ଅଧିକାରୀମାନଙ୍କ ମଧ୍ୟରେ କାର୍ଯ୍ୟ ବଣ୍ଟନରେ ପରିବର୍ତ୍ତନ ସମ୍ପର୍କିତ ଜାରି କରାଯାଇଥିବା ଏକ ଆଦେଶ ସହ ଜଡ଼ିତ ଥିଲା। ଦୁଇ ଆୟୁକ୍ତଙ୍କ ଅଭିଯୋଗ ଥିଲା ଯେ, ଏହି ପରିବର୍ତ୍ତନ ନିର୍ବାଚନ ଆୟୋଗ କିମ୍ବା ସମ୍ପୃକ୍ତ ବରିଷ୍ଠ ଅଧିକାରୀମାନଙ୍କ ସହ ପୂର୍ବ ଆଲୋଚନା ବିନା କରାଯାଇଥିଲା। ଅକ୍ଟୋବର ୨୦୨୬ରେ ସାମ୍ନାକୁ ଆସିଥିବା ଜଞ୍ଚଓ ରିପୋର୍ଟ ଅନୁସାରେ, ନିର୍ବାଚନ ଆୟୋଗ ଭିତରେ ବରିଷ୍ଠ ଅଧିକାରୀମାନଙ୍କ ମଧ୍ୟରେ କାମର ବଣ୍ଟନ ଏବଂ ପ୍ରଶାସନିକ ନିୟନ୍ତ୍ରଣକୁ ନେଇ ଏହି ବିବାଦ ଆରମ୍ଭ ହୋଇଥିଲା। ୨୯ ଜୁଲାଇ ୨୦୨୬ରେ ନିର୍ବାଚନ ଆୟୁକ୍ତ ଡା. ସୁଖବୀର ସିଂହ ସନ୍ଧୁ ଏବଂ ଡା. ବିବେକ ଯୋଶୀ କ୍ୟାବିନେଟ୍ ସଚିବ ଟି.ଭି. ସୋମନାଥନଙ୍କୁ ନିଜ ନିଜ ପକ୍ଷରୁ ଚିଠି ପଠାଇଥିଲେ। ଏଥିରେ ମନୀଷ ଗର୍ଗଙ୍କ କାର୍ଯ୍ୟପ୍ରଣାଳୀକୁ ନେଇ ଗୁରୁତର ଆପତ୍ତି ଉଠାଯାଇଥିଲା। ଅଭିଯୋଗରେ କୁହାଯାଇଥିଲା ଯେ, ମନୀଷ ଗର୍ଗ ଆୟୋଗ କିମ୍ବା ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ପୂର୍ବରୁ କୌଣସି ଆଲୋଚନା

◆◆ପୃଷ୍ଠା ୭

ବହୁ ଚର୍ଚ୍ଚିତ କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ମୁଖ ଜମି ବିବାଦ ମାମଲାରେ ଐତିହାସିକ ରାୟ



ଭୁବନେଶ୍ୱର, ୨୩/୧୦ (ନି.ପ୍ର): କୋଣାର୍କର ବିକାଶ ନିମନ୍ତେ ରାଜସ୍ୱ ପର୍ଷଦଙ୍କ ଐତିହାସିକ ରାୟ । ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କରେ ସରକାରୀ ସମ୍ପତ୍ତିର ସୁରକ୍ଷା ଦିଗରେ ପ୍ରଶାସନର ବଡ଼ ପଦକ୍ଷେପ । ପ୍ରାୟ ୧୧୦ କୋଟି ଟଙ୍କା ମୂଲ୍ୟର ୧୧ ଏକରରୁ ଊର୍ଦ୍ଧ୍ୱ ଜମିକୁ ସରକାରୀ ଖାତାକୁ ଫେରାଇ ଆଣିବା ଦିଗରେ ନିଆଯାଇଛି ପଦକ୍ଷେପ । କୋଣାର୍କ ସୂର୍ଯ୍ୟ ମନ୍ଦିର ସମ୍ମୁଖରେ ଥିବା ଇଏ ସେଇ ୧୧ ଏକରରୁ ଅଧିକ ବହୁମୂଲ୍ୟ ଜମି, ଯେଉଁଠି ନାଲି ପତାକା ଲଗାଇ ଦଖଲକୁ ନେଇଛି ପ୍ରଶାସନ । କୋଣାର୍କର ବିକାଶ ନିମନ୍ତେ ରାଜସ୍ୱ ପର୍ଷଦ ଦେଇଛନ୍ତି ଐତିହାସିକ ରାୟ। ସରକାରୀ ଜମିର ମାଲିକାନା ଓ ପୁରୁଣା ରାଜସ୍ୱ ରେକର୍ଡର ବୈଧତାକୁ ନେଇ ଦୀର୍ଘଦିନ ଧରି ଲାଗି ରହିଥିବା ବିବାଦରେ ପଡ଼ିଛି ଯବନିକା । ଗୋପ ତହସିଲଦାରଙ୍କ ଉପସ୍ଥିତିରେ ପ୍ରଶାସନ ପକ୍ଷରୁ ଜମି ଚିହ୍ନଟ କରାଯାଇ ନାଲି ପତାକା ଲଗାଯାଇଛି। କୋଣାର୍କରେ ଜମି ମାଫିଆମାନେ ଜାଲ୍ ଦସ୍ତାବିଜ ଓ ରୋଟାରୀ ଏଗ୍ରିମେଣ୍ଟକୁ ଅସ୍ତ୍ର କରି ସରକାରୀ ଜମିକୁ ବିକ୍ରି କରୁଥିବା ବାରମ୍ବାର ଅଭିଯୋଗ ହେଉଛି । ତେବେ ୧୧୦ କୋଟି ଟଙ୍କା ମୂଲ୍ୟର ବିବାଦୀୟ ଜମିକୁ ନେଇ ପୁରୀ ଜିଲ୍ଲାପାଳ ଗତବର୍ଷ ଅଗଷ୍ଟରେ ରାଜସ୍ୱ ପାର୍ଷଦର ରିଭିଜନ୍ ମାମଲା ଦାୟର କରିଥିଲେ । ଏହାର ବିଚାର ପରେ ଜମିକୁ ସରକାରୀ ଖାତାକୁ ଫେରାଇବା ପାଇଁ ରାୟ ଆସିବା ପରେ, ଜମି ମାଫିଆଙ୍କୁ ଲାଗିଛି ଶକ୍ତ ଝଟ୍‌କା ।

କେଶବ ଚନ୍ଦ୍ର ନାଥ ଆଉ ଧ୍ୱନି ପ୍ରତିଧ୍ୱନିର ସାମ୍ବାଦିକ ନାହାନ୍ତି

ମୟୂରଭଂଜ ଜିଲ୍ଲା ବେତନଟୀ ବ୍ଲକ୍‌ର ସାମ୍ବାଦିକ ଭାବେ କାର୍ଯ୍ୟ କରୁଥିବା କେଶବ ଚନ୍ଦ୍ର ନାଥ ଆଜିଠାରୁ ଧ୍ୱନି ପ୍ରତିଧ୍ୱନିର ପ୍ରତିନିଧି ନାହାଁନ୍ତି। ତାଙ୍କ ସ୍ଥାନରେ ବରିଷ୍ଠ ସାମ୍ବାଦିକ ସର୍ବେଶ୍ୱର ମହାନ୍ତ ଧ୍ୱନି ପ୍ରତିଧ୍ୱନିର ନୂଆ ପ୍ରତିନିଧି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ତେଣୁ ସମସ୍ତ ପ୍ରକାର ସମ୍ବାଦ ଓ ବିଜ୍ଞାପନ ପ୍ରକାଶନ ସମ୍ପର୍କରେ କେଶବ ଚନ୍ଦ୍ର ନାଥଙ୍କ ସହ ଯୋଗାଯୋଗ ନକରି ସର୍ବେଶ୍ୱର ମହାନ୍ତଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ।

ସୃଷ୍ଟିଧର ପରିଡ଼ା

ମୁଖ୍ୟ ସମ୍ପାଦକ- 'ଧ୍ୱନି ପ୍ରତିଧ୍ୱନି'

ଓଡ଼ିଶାକୁ ଘେନେଇଲା ଅର୍ଣ୍ଣବ ଭୟ : ୨୫ରୁ ବଦଳିବ ପାଗ

ଭୁବନେଶ୍ୱର, ୨୩/୧୦ (ନି.ପ୍ର): ଓଡ଼ିଶା ଉପରେ ପୁଣି ବାତ୍ୟାର ଭୟ। ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଲଘୁଚାପ। ଧୀରେ ଧୀରେ ଘନୀଭୂତ ହୋଇ ନେଇପାରେ ଅବପାତର ରୂପ। ଆଉ ୨୬ ତାରିଖ ସକାଳ ସୁଦ୍ଧା ସୃଷ୍ଟି ହୋଇପାରେ ବାତ୍ୟା । ସମ୍ଭାବ୍ୟ ବାତ୍ୟାକୁ ନେଇ ବଢ଼ିଲା ଚିନ୍ତା । ତେବେ କେତେ ଭୟଙ୍କର ହେବ ବାତ୍ୟା ? କେଉଁଠି କରିବ ଲ୍ୟାଣ୍ଡଫଲ୍ ? କେତେ



ପ୍ରଭାବିତ ହେବ ଓଡ଼ିଶା ? ବଙ୍ଗୋପସାଗରରେ ଭୀଷଣ ବାତ୍ୟା ଆଶଙ୍କା। ବଙ୍ଗୋପସାଗରରେ ଉଠୁଛି ବଡ଼ ବଡ଼ ଲହରୀ, ଅଶାନ୍ତ ହେଉଛି ସମୁଦ୍ର, ବଢୁଛି ଲଘୁଚାପର ଶକ୍ତି । ସକ୍ରିୟ ଲଘୁଚାପ ଧୀରେ ଧୀରେ ଘନୀଭୂତ ହେଉଥିବାରୁ ବଢୁଛି ବାତ୍ୟା ଆଶଙ୍କା ।

◆◆ପୃଷ୍ଠା ୭

ହବିଷ୍ୟାଳୀ କେନ୍ଦ୍ର ପାଇଁ ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ

ପୁରୀ,୨୩/୧୦ (ନି.ପ୍ର): ଚଳିତ ବର୍ଷ ର ହବିଷ୍ୟାଳୀ ବ୍ରତ ବା ରାଇଦାମୋଦର ବ୍ରତ ଅକ୍ଟୋବର ୨୬ ତାରିଖରୁ ଆରମ୍ଭ ହୋଇ ନଭେମ୍ବର ୨୪ ତାରିଖରେ ଶେଷ ହେବ। ରାଜ୍ୟର ବିଭିନ୍ନ ଜିଲ୍ଲାର ବିଭିନ୍ନ ସ୍ଥାନରୁ ମାଆ ମାନେ ହବିଷ ପାଳନ ପାଇଁ ଆସିବେ। ତେଣୁ ସମସ୍ତଙ୍କୁ ଉପଯୁକ୍ତ ସେବା ଯୋଗାଇବା ଆମ ସମସ୍ତଙ୍କ ସାମୁହିକ ଦାୟିତ୍ୱ ବୋଲି ପୁରୀ ମହାନଗର ନିଗମର କମିଶନର ପ୍ରହ୍ଲାଦ ନାରାୟଣ ଶର୍ମା ଆହ୍ୱାନ ଦେଇଛନ୍ତି। ଆଜି ଅପରାହ୍ନରେ ଟାଉନ ହଲ ଠାରେ ହବିଷ୍ୟାଳୀ ବ୍ରତ ପାଇଁ ନିୟୋଜିତ ହେବାକୁ ଥିବା ଅଧିକାରୀ ଓ କର୍ମଚାରୀ ମାନଙ୍କ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ କମିଶନର ଶ୍ରୀ ଶର୍ମା ଯୋଗଦେଇ ପବିତ୍ର ମାସ କାର୍ତ୍ତିକରେ ମାଆ ମାନେ ଶ୍ରୀକ୍ଷେତ୍ର ଧାମରେ ରହି ଏକ ମାସ ବ୍ରତ ଓ ତପ କରିବାର ମାନସିକତା ନେଇ ଆସୁଛନ୍ତି। ସରକାରଙ୍କ ନିର୍ଦ୍ଦେଶ ଓ ପ୍ରଶାସନର ତତ୍ତ୍ୱାବଧାନରେ ଏହି କାର୍ଯ୍ୟକୁ ଶୃଙ୍ଖଳିତ ଭାବେ କରିବାର ବ୍ୟବସ୍ଥା କରାଯାଇଛି। ତେଣୁ ଦାୟିତ୍ୱ ରେ ଥିବା ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ ଅତ୍ୟନ୍ତ ନିଷ୍ଠାପର ଭାବେ କାର୍ଯ୍ୟ କରିବା ଉଚିତ। ମାଆ ମାନେ ମାସ ସାରା ବ୍ରତ କରି ଯେପରି ଏକ ସୁଖଦ ଅନୁଭୂତି ନେଇ ଫେରିବେ ଓ କୌଣସି ଅସୁବିଧା ନ ହୁଏ ଏଥିପାଇଁ ଆମେ ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ସେ ଅନୁରୋଧ କରିଥିଲେ। କୌଣସି କେନ୍ଦ୍ରରେ କୌଣସି ସମସ୍ୟା ଉପୁଜିଲେ ତତକ୍ଷଣାତ ତାହା ବରିଷ୍ଠ ଅଧିକାରୀ ମାନଙ୍କ ଦୃଷ୍ଟିକୁ ନେଇ ସମାଧାନ କରିବାକୁ ଶ୍ରୀ ଶର୍ମା ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ସମସ୍ତଙ୍କୁ ସ୍ୱାଗତ ସହ ହବିଷ୍ୟାଳୀ ମାଆ ମାନଙ୍କ ଆଗମନ ପରେ ହବିଷ୍ୟାଳୀ କେନ୍ଦ୍ର ଅନୁସାରେ ପଞ୍ଜିକରଣ, ସେମାନଙ୍କୁ ପରିଚୟ ପତ୍ର ପ୍ରଦାନ, ସ୍ୱେଚ୍ଛାସେବୀ ମାନଙ୍କ ସହ ସମନ୍ୱୟ ରକ୍ଷା ଇତ୍ୟାଦି ସମ୍ପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଶାନ୍ତ, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା ପ୍ରମୁଖ ଯୋଗଦେଇ ଅଧିକାରୀ ଓ କର୍ମଚାରୀ ମାନଙ୍କର ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ବିବେକାନନ୍ଦ ସାହୁ, ଶୁଭକଲ୍ୟାଣୀ ମହାପାତ୍ର, ଅଙ୍କିତା ମଣ୍ଡେଲା, ସୁଚିତ୍ରା ମାଝୀ, ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ।

ସଂସ୍କୃତ ଭାଷାବୋଧନ ବର୍ଗର ଶୁଭାରମ୍ଭ

ବଲାଙ୍ଗିର,୨୩/୧୦ (ନି.ପ୍ର): ପ୍ରାଚୀନ ଭାରତୀୟ ଜ୍ଞାନପରମ୍ପରାର ଅମୂଲ୍ୟ ବାହକ ସଂସ୍କୃତ ଭାଷାର ସଂରକ୍ଷଣ, ସଂବର୍ଦ୍ଧନ ଓ ଜନସାଧାରଣଙ୍କ ମଧ୍ୟରେ ଏହାର ବ୍ୟବହାରିକ ପ୍ରସାର ଲକ୍ଷ୍ୟରେ ସଂସ୍କୃତଭାରତୀ, ଉତ୍କଳ ପଶ୍ଚିମ ପ୍ରାନ୍ତ ପକ୍ଷରୁ ତ୍ରିଦିବସାତ୍ମକ ସଂସ୍କୃତ ଭାଷାବୋଧନ ବର୍ଗ ର ଶୁଭାରମ୍ଭ ହୋଇଯାଇଛି। ଗୁରୁବାର ଦିନ ବଲାଙ୍ଗୀର ସହରର କଲେଜଛକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ଉଦ୍ଘାଟନୀ ସମାରୋହରେ ସଂସ୍କୃତ ଭାଷାର ମହତ୍ତ୍ୱ, ସମକାଳୀନ ସମାଜରେ ଏହାର ପ୍ରାସଙ୍ଗିକତା ଏବଂ ଦୈନନ୍ଦିନ ଜୀବନରେ ସଂସ୍କୃତର ବ୍ୟବହାର ବିଷୟରେ ଗୁରୁତ୍ୱାରୋପ କରାଯାଇଥିଲା। ସମାରୋହର ପ୍ରାରମ୍ଭରେ ମିଥୁନ ବାଗ୍ ଧ୍ୟେୟମନ୍ତ୍ର ଉଚ୍ଚାରଣ କରିଥିବା ବେଳେ କଳାହାଣ୍ଡି ବିଭାଗ ସଂଯୋଜକ ଉମେଶ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂସ୍କୃତଭାରତୀର ପ୍ରାନ୍ତ ସହମନ୍ତ୍ରୀ ଡ. ମାନସରଞ୍ଜନ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମାରୋହର ମୁଖ୍ୟବକ୍ତା ସଂସ୍କୃତଭାରତୀର ପ୍ରାନ୍ତ ସମ୍ପାଦକ ଅଜିତ କୁମାର ପଣ୍ଡା, ମୁଖ୍ୟ ଅତିଥି ଭାବେ ବନବାସୀ କଲ୍ୟାଣ ଆଶ୍ରମର ବଲାଙ୍ଗୀର ଜିଲ୍ଲା ସଭାପତି ରବି ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ନଗର ସହସଂଘଚାଳକ ତରଣୀସେନ ପଟେଲ ଏବଂ ବରେଣ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର କୁମାର ମିଶ୍ର ଉପସ୍ଥିତ ଥିଲେ। ସଭାରେ ଧର୍ମରାଜ ବାଗ୍ ସଭାପତିତ୍ୱ କରିଥିଲେ।ଶେଷରେ ବର୍ଗ ବ୍ୟବସ୍ଥା ପ୍ରମୁଖ ରାଧାନାଥ ଦିଶ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ସଂସ୍କୃତଭାରତୀ, ଉତ୍କଳ ପଶ୍ଚିମ ପ୍ରାନ୍ତର ପ୍ରାନ୍ତ ପ୍ରଚାର ପ୍ରମୁଖ ତଥା ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପଥରଚେପା, ବଲାଙ୍ଗୀରର ସଂସ୍କୃତ ଶିକ୍ଷକ ଶେଷଦେବ ମିଶ୍ର ସମଗ୍ର କାର୍ଯ୍ୟକ୍ରମର ସଂଚାଳନ କରିଥିଲେ।

ମାର୍ଶାଘାଇ ହାଇସ୍କୁଲ ପୁରାତନ ଛାତ୍ର ସଂସଦର ୩୯ତମ ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା,୨୩/୧୦ (ନି.ପ୍ର): ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ରସଂସଦର ୩୯ତମ ବାର୍ଷିକ ଉତ୍ସବ ମହାନବମୀ ତିଥିରେ ବୁଧବାର ବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରସଂସଦ ସଭାପତି ତଥା ପୂର୍ବତନ ଜିଲ୍ଲା ଶିକ୍ଷାଧିକାରୀ ମଧୁସୂଦନ ବେହେରା ସଭାପତିତ୍ୱ କରିଥିଲେ। ମାର୍ଶାଘାଇ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ ଫକୀର ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଉଚ୍ଚ ଶିକ୍ଷା ବିଭାଗର ଅବସରପ୍ରାପ୍ତ ଯୁଗ୍ମ ସମ୍ପାଦକ ତଥା ପୁରାତନ ଛାତ୍ର ଦିଲ୍ଲୀପ କୁମାର ସାହୁ, ମଣି ନାଗେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ପୁରାତନ ଛାତ୍ର ରଞ୍ଜନ କୁମାର ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ବାମଦେବ ମହାପାତ୍ରଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ପ୍ରଦାନ ସହିତ ପୂର୍ବତନ ପ୍ରଧାନ ଶିକ୍ଷକ ତଥା ଛାତ୍ରସଂସଦର ପୂର୍ବତନ ସଭାପତି ଚନ୍ଦ୍ରମଣି ସାହୁଙ୍କର ଅଳ୍ପ ଦିନ ତଳେ ପରଲୋକ ହୋଇଥିବାରୁ ତାଙ୍କ ଆତ୍ମାର ସଦଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା। ପୁରାତନ ଛାତ୍ର ଆଇନଜୀବି ବିଚିତ୍ରାନନ୍ଦ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଅଧାପକ ସୁକାନ୍ତ କୁମାର ପ୍ରଧାନ ମଂଚ ସଂଚାଳନ କରିଥିଲେ। ସମ୍ପାଦକ ହିମାଂଶୁ ଶେଖର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ପୁରାତନ ଛାତ୍ର ତଥା ଗୁଇନ୍ଦା ବିଭାଗ ଡ଼ିଏସ୍‌ପି ପ୍ରେମାନନ୍ଦ ଲେଙ୍କା, ଇଂ ସୌମ୍ୟରଞ୍ଜନ ରଥ, ଇଂ ସଂଗ୍ରାମ କେଶରୀ ଜେନା, ପ୍ରବୋଧ ନାୟକ, ଭାବଗ୍ରାହୀ ମଲ୍ଲ, ଉମାକାନ୍ତ ଦାସ, ଅଧାପିକା ପ୍ରତିଜ୍ଞା ସାମଲ, ସୁଜାତା ସାମଲ, ପ୍ଲାବନ କୁମାର ସ୍ୱାଇଁ, ପୁରାତନ ସଭାପତି ନିରଞ୍ଜନ ବସନ୍ତିଆ, ବିଜୟ କୁମାର ଦାସ, ପ୍ରସନ୍ନ କୁମାର ସାହୁ, ଭାବଗ୍ରାହୀ ମଲ୍ଲ, ଇଂ ଚିତରଞ୍ଜନ ରଥ, ଶଙ୍କର୍ଷଣ ରାଉତ, ଜ୍ଞାନରଞ୍ଜନ ବସନ୍ତିଆ, ବିଭୂତି ଭୂଷଣ ଦାସ, ସରୋଜ କୁମାର ପତି, ପାର୍ଥସାରଥୀ ସାହୁ, ଅଶ୍ୱିନୀ ଅମିତାଭ ନାୟକ, ଗଣେଶ ବସନ୍ତିଆ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରାକ୍ତନ ଛାତ୍ର ତଥା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଅରୁଣ କୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

ସୁବର୍ଣ୍ଣପୁର ପ୍ରସିଦ୍ଧ ମହାବଳି ଯାତ୍ରା ସଂପନ୍ନ

ସୁବର୍ଣ୍ଣପୁର,୨୩/୧୦ (ନି.ପ୍ର): ଆଶ୍ୱିନ ମାସ ଆସିଲେ ଚଳଚଞ୍ଚଳ ହୋଇଉଠେ ସୁବର୍ଣ୍ଣପୁର ସହରଠୁ ଆରମ୍ଭ କରି ପୁରପଲ୍ଲୀ । ସବୁଠାରେ ଆରମ୍ଭ ହୋଇଯାଏ ଦେବୀ ଉପାସନା ଓ ବଳିଯାତ୍ରା । ହେଲେ ଅନ୍ୟ ସ୍ଥାନ ମାନଙ୍କରେ ଦିନେ କି ଦୁଇଦିନ ଏହି ଯାତ୍ରା ହେଉଥିବା ବେଳେ ସୁବର୍ଣ୍ଣପୁରରେ କିନ୍ତୁ ୧୫ ଦିନଧରି ଅନୁଷ୍ଠିତ ହୋଇଥାଏ । ଯନ୍ତ୍ର, ମନ୍ତ୍ର ଓ ତନ୍ତ୍ରକୁ ନେଇ ନଅ ପ୍ରକାର ବଳିହୋଇ ବରୁଆ ଦେହରେ ଦୈବୀଶକ୍ତୀ ଭରାଯାଏ । ଖାଲି ସେତିକି ନୁହେଁ ୧୬ ପ୍ରକାର ସଂପ୍ରଦାୟର ଲୋକେ ସମଗ୍ର ଏହି ବଳିଯାତ୍ରାରେ ସେବାୟତ ଭାବରେ ନିୟୋଜିତ ଥାଆନ୍ତି ଓ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହି ଯାତ୍ରାରେ ସାମିଲ ହୁଅନ୍ତି । ପ୍ରାଚୀନ ସୁବର୍ଣ୍ଣପୁରର ଲୋକ ସଂସ୍କୃତି ଓ ପରମ୍ପରା ନିଆରା । କାହିଁ କେତେଦିନ ରାଜା ରାଜୁଡା ଅମଳରୁ ସୁବର୍ଣ୍ଣପୁରରେ ପାଳିତ ହୋଇଆସୁଛି ବଳିଯାତ୍ରା । ପ୍ରତିବର୍ଷ ଆଶ୍ୱିନ ଅମାବାସ୍ୟା ଠାରୁ ପୂର୍ଣ୍ଣମୀ ଯାଏଁ ଦୀର୍ଘ ୧୬ ଦିନଧରି ଅନୁଷ୍ଠିତ ହୋଇଥାଏ ବଳିଯାତ୍ରା । ପର୍ଯ୍ୟାୟ କ୍ରମେ ଉଆଁସବଳି, ଖଉଳଫିଟା ବଳି, ନିଶାବଳି, ଡାଙ୍ଗୁଆବଳି, ଗାୟନବଳି, ମହାବଳି ଏବଂ ଶେଷରେ ପୂର୍ଣ୍ଣମୀବଳି ଅନୁଷ୍ଠିତ ହୋଇଥାଏ । ହେଲେ ମୁଖ୍ୟବଳି ଯାତ୍ରା ହେଉଛି ନବମୀବଳି ବା ମହାବଳି । ଏହି ଦିନ କଳାଧଳା ଛତ୍ର ସାଙ୍ଗରେ ବରୁଆ ଖମ୍ବେଶ୍ୱରୀ ମନ୍ଦିରରୁ ବାହାରି ସୁରେଶ୍ୱରୀ ମନ୍ଦିରକୁ ଯାଇଥାଏ । ତେବେ ଯନ୍ତ୍ର, ମନ୍ତ୍ର ଓ ତନ୍ତ୍ର ଦ୍ୱାରା ହୋଇ ଆସୁଥିବା ଏହି ବଳିଯାତ୍ରା ବହୁପୁରୁଣା । ଶକ୍ତିପୀଠ ଖମ୍ବେଶ୍ୱରୀ ମନ୍ଦିର ଠାରେ ନବମୀ ରାତିରେ ଏହା ହୋଇଥାଏ । ବରୁଆ ଦେହରେ ଦୈବୀଶକ୍ତି ଆବିର୍ଭାବ ପାଇଁ ଖଉଳ ଗାତର ମାଟି ଆଣି ବରୁଆର ନାଭିରେ ଲଗାଇ ପୁରୋହିତଙ୍କ ଦ୍ୱାରା କଟାଯାଇଥିବା ଅରୁଆ ଚାଉଳର ଯନ୍ତ୍ର ଉପରେ ଯୋଗ ମୁଦ୍ରାରେ ବସାଇ ଦିଆଯାଏ । ଢୁଲିଆମାନଙ୍କ ଷୋହଳବରଣୀ ବାଦ୍ୟର ତାଳରେ ଦେବୀ ଆବିର୍ଭାବ ହୁଅନ୍ତି । ତା'ପରେ ବରୁଆ ଉନ୍ମାଦରେ ତାଣ୍ଡବ ନୃତ୍ୟକରେ ଓ ଭକ୍ତମାନଙ୍କ ମଙ୍ଗଳ କାମନା କରି ସମସ୍ତଙ୍କ ଦର୍ଶନ ପାଇଁ କଳା ଧଳା ଛତ୍ରଧରି ମନ୍ଦିର ଭିତରୁ ବାହାରକୁ ୭ ଥର ବାହାରେ । ପରେ ଅଷ୍ଟଚଣ୍ଡିଙ୍କ ମୁଖ୍ୟପୀଠ ଖମ୍ବେଶ୍ୱରୀ ମନ୍ଦିରରୁ ସୁରେଶ୍ୱରୀ ମନ୍ଦିରକୁ ଶୋଭାଯାତ୍ରାରେ ଯାଏ ମହାବଳି । ଏହି ଯାତ୍ରା ଦେଖିବାକୁ ହଜାର ହଜାର ଦର୍ଶକଙ୍କ ଭିଡ ଜମେ । ମହାବଳି ଯାତ୍ରା ଚଳିତବର୍ଷ ମହା ଜାକଜମକରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ତଥା ଜିଲ୍ଲା ବାହାରର ହଜାର ହଜାର ଭକ୍ତ ଓ ଦର୍ଶକ ଏହି ଯାତ୍ରାରେ ସାମିଲ ହୋଇଥିଲେ । ସବୁଠି ବଳି କହିଲେ ପଶୁ ବଳିକୁ ବୁଝାଇଥାଏ । ହେଲେ ସୁବର୍ଣ୍ଣପୁରେ ଅନୁଷ୍ଠିତ ଯାତ୍ରାରେ ବଳି କହିଲେ ବରୁଆ ବା ସମର୍ପଣକୁ ବୁଝାଇଥାଏ । ଏଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା ।

ବାର ଦିବସୀୟ ବିଏଡ୍ କର୍ମଶାଳା ଉଦ୍‌ଯାପିତ
ଦାୟିତ୍ୱବାନ ଓ ସାମର୍ଥ୍ୟବାନ ଶିକ୍ଷକ ହେବା ଆମର ପ୍ରତିଜ୍ଞା

ଜୟପୁର,୨୩/୧୦ (ନି.ପ୍ର): ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଶିକ୍ଷକ ଶିକ୍ଷା ବିଭାଗ ଆନୁକୂଲ୍ୟରେ କୋରାପୁଟ ଇଗ୍ନୁ ଆଞ୍ଚଳିକ କେନ୍ଦ୍ର ତତ୍ତ୍ୱାବଧାନରେ ୧୨ ଦିବସୀୟ ବିଏଡ୍ କର୍ମଶାଳା ଉଦଯାପିତ ହୋଇଯାଇଛି। ଅକ୍ଟୋବର ୧୦ ତାରିଖରେ ଆରମ୍ଭ ହୋଇଥିବା ଦ୍ୱିତୀୟ ବର୍ଷର କର୍ମଶାଳା ଆଜି ଅର୍ଥାତ୍ ବାଇଶି ଅକ୍ଟୋବରରେ ସମାପ୍ତ ହୋଇଯାଇଛି। ଉଦଘାଟନୀ ଅଧିବେଶନରେ ଇଗ୍ନୁ ଆଞ୍ଚଳିକ ନିର୍ଦ୍ଦେଶିକା ଡଃ. ଲତିକା ମିଶ୍ର ମୁଖ୍ୟ ଅତିଥି, ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡଃ. ପ୍ରଶାନ୍ତ କୁମାର ପାତ୍ର ତଥା ଇଗ୍ନୁ ସଂଯୋଜକ ଓ ସହ-ସଂଯୋଜକ ଡଃ. ଉଜ୍ଜ୍ୱଳ ଷଡ଼ଙ୍ଗୀ ଅତିଥୀ ଭାବରେ ଉପସ୍ଥିତ ରହି ଗୁରୁ ଛାତ୍ର ଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ସୂଚନାଯୋଗ୍ୟ ଯେ, ଓଡ଼ିଶାର ବିଭିନ୍ନ ଜିଲ୍ଲା, ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ରୁ ୫୧ ଜଣ ଗୁରୁ ଛାତ୍ର ଛାତ୍ରୀ କର୍ମଶାଳାରେ ଯୋଗ ଦେଇଥିଲେ। କର୍ମଶାଳାରେ ୧୩ ଜଣ ସମ୍ବଳ ଶିକ୍ଷକ ଶିକ୍ଷୟିତ୍ରୀ ଷାଠିଏଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଡିଏଭି ସିଟି, କୋରାପୁଟର ସହକାରୀ ପ୍ରଫେସର ଡଃ. ମନୋରଞ୍ଜନ ପ୍ରଧାନ, ସରକାରୀ ଡିଏଭି କଲେଜର ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ କୋବିଦ ପ୍ରଧାନ, ସରକାରୀ ମହିଳା ମହାବିଦ୍ୟାଳୟର ଅଧାପିକା ବନ୍ଦନା ମହାରଣା ଓ ସୁଶ୍ରୀ ଶୁଭଶ୍ରୀ ପଟ୍ଟନାୟକ, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ପିଏଚଡ଼ି ଗବେଷିକା ଶ୍ରୀମତୀ ଅନୁପମା ମିଶ୍ର, ସହକାରୀ ପ୍ରଫେସର ପରିଚିତା ମହାପାତ୍ର,ଅନୀତା ପଟ୍ଟନାୟକ, ଅଭୟ ପରିଡ଼ା,ଯପ୍ରତ୍ ପାଣ୍ଡେ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ବଲାଙ୍ଗୀରର ଅନ୍ତର୍ଯ୍ୟାମୀ ମହଲା,ବୋଇପାରିଗୁଡା କଲେଜର ମାନସୀ ଆଚାର୍ଯ୍ୟ, ଲକ୍ଷ୍ମୀପୁର କଲେଜର ବବଲୁ ବେନ୍ୟା, ମାଥିଲି କଲେଜର ରତ୍ନାକର ସାହୁ ପ୍ରମୁଖ ସମ୍ବଳ ଶିକ୍ଷକ ଶିକ୍ଷୟିତ୍ରୀ ଭାବରେ ଯୋଗଦାନ କରିଥିଲେ। ସଂପୂର୍ଣ୍ଣ କର୍ମଶାଳାର ସମସ୍ତ କାଗଜପତ୍ର ଓ ବ୍ୟବସ୍ଥା ସୁଜାତା ବେଜଙ୍କ ଦ୍ୱାରା କରାଯାଇଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କର୍ମଶାଳାର ଶେଷ ଦିନରେ ଗୁରୁ ଛାତ୍ର ଛାତ୍ରୀମାନେ ନିଜର ଅଭିଜ୍ଞତା ବାଣ୍ଟିବା ସହ କର୍ମଶାଳାରୁ ଅନେକ ଶିକ୍ଷାଦାନ ଓ ଶିକ୍ଷଣ କୌଶଳ ଶିଖିବା ଏବଂ ସେଗୁଡିକ ଶ୍ରେଣୀ ଶିକ୍ଷାଦାନ ଅତ୍ୟନ୍ତ ଆନନ୍ଦଦାୟକ କରିବ ବୋଲି ମତବ୍ୟକ୍ତ କରିଥିଲେ। ବିଶେଷକରି ଦାୟିତ୍ୱବାନ ଓ ସାମର୍ଥ୍ୟବାନ ଶିକ୍ଷକ ଶିକ୍ଷୟିତ୍ରୀ ଭାବରେ ଆଗାମୀ ଭବିଷ୍ୟତ ନିର୍ମାଣ କରିବେ ବୋଲି ପ୍ରତିଜ୍ଞାବଦ୍ଧ ବୋଲି ମତପୋଷଣ କରିଥିଲେ। ଉଦଯାପନୀ ସମାରୋହରେ ସିପିଜିସି ଡଃ. ପ୍ରଶାନ୍ତ ପାତ୍ର ସମସ୍ତ ଗୁରୁ ଛାତ୍ରଛାତ୍ରୀମାନଙ୍କୁ ଭଲ ଶିକ୍ଷକ ଶିକ୍ଷୟିତ୍ରୀ ହେବା ପାଇଁ ଆହ୍ୱାନ ଦେବା ସହ ଇଗ୍ନୁ ତରଫରୁ ଆୟୋଜିତ ପ୍ରଥମ ବ୍ୟାଚ୍ ବିଏଡ୍ ର ସଫଳତାର ସହ କର୍ମଶାଳା ଅନୁଷ୍ଠିତ ହୋଇଥିବାରୁ ଖୁସି ବ୍ୟକ୍ତ କରିଥିଲେ। ଶେଷରେ ସମସ୍ତ ସମ୍ବଳ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ଏଭଳି କର୍ମଶାଳାର ଆୟୋଜନ ପାଇଁ ବିଶ୍ୱବିଦ୍ୟାଳୟକୁ ସୁଯୋଗ ଦେଇଥିବାରୁ ଇଗ୍ନୁ ଆଞ୍ଚଳିକ ନିର୍ଦ୍ଦେଶିକା ଡଃ. ଲତିକା ମିଶ୍ରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

ନିଳାଗୁଡା ଜଙ୍ଗଲରେ ଅବକାରି ଚଢଉ

ଜୟପୁର,୨୩/୧୦ (ନି.ପ୍ର): ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରି ଥାନା ଆଜି ନିଳାଗୁଡା ଜଙ୍ଗଲରେ ଚଢଉ କରିଛି । ଚଢଉ ଖବର ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିବା ସହ ୩ ହଜାର ୫ ଶହ ଲିଟର ପୋଚ ଓ ୩୩୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି । ମଦ ରନ୍ଧା ସରଞ୍ଜାମ ଡ୍ରମ, ମାଟି ହାଣ୍ଡି ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୂଚନା ଦେଇଛନ୍ତି ।

ଏସ୍.ଆଇ.ଆର ବିରୁଦ୍ଧରେ ଜନଗଣଙ୍କ ପକ୍ଷରୁ ଜଳେଶ୍ୱରରେ ତ୍ରିରଙ୍ଗା ଶୋଭାଯାତ୍ରା

ଜଳେଶ୍ୱର, ୨୩/୧୦ (ନି.ପ୍ର): ଦେଶର ଗଣତନ୍ତ୍ରର କଣ୍ଠରୋଧ ଏବଂ ନାଗରିକମାନଙ୍କ ମୌଳିକ ଅଧିକାର ହନନ ଅଭିଯୋଗରେ ଆଜି ଜଳେଶ୍ୱର ଠାରେ ଜନସାଧାରଣଙ୍କ ପକ୍ଷରୁ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାକୃତ ଏସ୍.ଆଇ.ଆର. ପ୍ରକ୍ରିୟା ନାମରେ କୋଟି କୋଟି ବୈଧ ଭୋଟରଙ୍କ ନାମ ଭୋଟର ତାଲିକାରୁ ବାଦ୍ ଦିଆଯାଇଥିବା ଅଭିଯୋଗ କରି ଏହି ପ୍ରତିବାଦ କରାଯାଇଛି। ଆଜି ପୂର୍ବାହ୍ନ ୧୦ ଘଟିକା ସମୟରେ ଷ୍ଟେସନ ବଜାରସ୍ଥିତ କାଳୀମନ୍ଦିର ପ୍ରାଙ୍ଗଣରୁ ଏହି ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ସାମିଲ ହୋଇଥିବା ଶତାଧିକ ଆନ୍ଦୋଳନକାରୀ 'ଆମ ଭୋଟ୍ ଆମ ଅଧିକାର',ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ୍ କୁମାରଙ୍କୁ ବହିଷ୍କାର କର','ଏସ୍.ଆଇ.ଆର. ବାତିଲ କର' ଏବଂ 'ନିର୍ବାଚନ କମିଶନର ନିଯୁକ୍ତି ଆଇନ ରଦ୍ଦ କର' ଭଳି ବିଭିନ୍ନ ନାରାବାଜି କରିଥିଲେ। ଏହା ସହିତ ନିର୍ବାଚନରେ ବାହୁବଳ ଓ ଅର୍ଥବଳର ପ୍ରଭାବ ରୋକିବା,ବ୍ୟାପକ ନିର୍ବାଚନ ସଂସ୍କାର ଆଣିବା ଏବଂ ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ପ୍ରଚଳନ କରିବା ପାଇଁ ଦାବି ଉପସ୍ଥାପନ କରାଯାଇଥିଲା। ଶୋଭାଯାତ୍ରାଟି କାଳୀମନ୍ଦିରରୁ ବାହାରି ଜଗନ୍ନାଥ ମନ୍ଦିର ଦେଇ ବଡ଼ବଜାର ଛକଠାରେ ପହଞ୍ଚି ଏକ ପ୍ରତିବାଦ ସଭାରେ ପରିଣତ ହୋଇଥିଲା। ସଭାରେ ବକ୍ତାମାନେ ଚେତାବନୀ ଦେଇଥିଲେ ଯେ,ଯେପର୍ଯ୍ୟନ୍ତ ଜ୍ଞାନେଶ୍ କୁମାରଙ୍କୁ ବହିଷ୍କାର ଏବଂ ଏସ୍.ଆଇ.ଆର. ସମ୍ପୂର୍ଣ୍ଣ ବାତିଲ ନହୋଇଛି,ସେପର୍ଯ୍ୟନ୍ତ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ ଓ ତୀବ୍ର କରାଯିବ। ଏହି କାର୍ଯ୍ୟକ୍ରମରେ ବୁଦ୍ଧିଜୀବୀ, ସମାଜସେବୀ,ପ୍ରାକ୍ତନ ଅଧ୍ୟାପକ, ଶିକ୍ଷକ ନେତା,ମହିଳା ନେତ୍ରୀ, ଓକିଲ,ଛାତ୍ର ଓ ଯୁବ ସଂଗଠକମାନେ ବହୁ ସଂଖ୍ୟାରେ ସାମିଲ ହୋଇଥିଲେ। ଦିଲ୍ଲିପ କୁମାର ଗିରି, ଶିଶିର୍ ହୁଇ,ସିତାଂଶୁ ସେନାପତି, ଦିପ୍ତିମାନ ଆଚାର୍ଯ୍ୟ, ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ଲଳିତ ରଞ୍ଜନ ସେନାପତି,ପ୍ରଫୁଲ ଦେ, ତନୁଜ ହୁଇ, ତ୍ରିଲୋଚନ ଦାସ ଅଧିକାରୀ,ଅବ୍‌ଦୁଲ୍ ରହିମ୍, କାଳୀଚରଣ ପୃଷ୍ଟି,ଅଶୋକ ଜେନା, ପ୍ରଫୁଲ ମହାନ୍ତି,ସମିତ ପଣ୍ଡା, ଫନିଭୂଷଣ ଭୂୟାଁ,ବରିଷ୍ଠ ଓକିଲ ଜିତାଂସୁ ନନ୍ଦି,ଗୋବିନ୍ଦ ଭଗବାନ, ବିଧୁଭୂଷଣ ଦାସ,ଦିଲିପ୍ ଶତପଥି,ଲକ୍ଷ୍ମୀଧର ଗିରି, ଛାତ୍ରନେତା ଚନ୍ଦନ କାମେଲା, ପ୍ରମଥ ପ୍ରମାଣିକ,ଆକିବ୍ ରହିମ୍, ମମି ପଣ୍ଡା,ସବିତା ଭୂଂୟା,ପଲ୍‌ଟୁ ଦାସ,ଦିଲ୍ଲିପ ପରିଡ଼ା,ଜିବନ ପରିଡ଼ା,ରବିନ୍ଦ୍ର ବାରିକ୍,ରତନ ଦାସ,ଶୀତଳ ଘୋଷ ଏବଂ କାର୍ତ୍ତିକ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ।

ପ୍ରାକୃତିକ ସମ୍ପଦ ସୁରକ୍ଷା ପାଇଁ ଯୁବପିଢ଼ି ଆଗେଇ ଆସନ୍ତୁ: ଭକ୍ତ ଚରଣ ଦାସ

ଭୁବନେଶ୍ୱର,୨୩/୧୦ (ନି.ପ୍ର): ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନେତୃତ୍ୱରେ ଗଠିତ ଆଜାଦ ହିନ୍ଦ ବାହିନୀର ୮୩ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ସମାରୋହର ଦ୍ୱିତୀୟ ଦିବସରେ 'ପ୍ରାକୃତିକ ସମ୍ପଦ ଓ ଆଗାମୀ ପିଢ଼ି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି।
ଆଜାଦ ହିନ୍ଦ ବାହିନୀର ଜାତୀୟ ସଂଯୋଜକ ଜ୍ୟୋତି ରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ ଓଡ଼ିଶାର ଖଣିଜ ଓ ପ୍ରାକୃତିକ ସମ୍ପଦର ସୁରକ୍ଷାରେ ରାଜ୍ୟର ଡବଲ ଇଞ୍ଜିନ ସରକାର ବିଫଳ ହୋଇଥିବା ଅଭିଯୋଗ କରିଥିଲେ। ପୁଞ୍ଜିପତିଙ୍କ ହାତରେ ସମ୍ପତି କେନ୍ଦ୍ରୀଭୂତ ହେବା ସାଧାରଣ ଲୋକଙ୍କ ବିକାଶରେ ବାଧକ ସାଜୁଥିବା ସେ କହିଥିଲେ। ଗାନ୍ଧିଜୀ ଓ ନେତାଜୀଙ୍କ ଆଦର୍ଶରେ ସତ୍ୟାଗ୍ରହ ମାଧ୍ୟମରେ ଦେଶ ଓ ରାଜ୍ୟର ସମ୍ପଦକୁ ସୁରକ୍ଷା ଦେବାକୁ ସେ ଆହ୍ୱାନ ଦେଇଥିଲେ। ଅତିଥି ବକ୍ତା ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମତାକ୍ରାନ୍ତି ଦଳର ଜାତୀୟ ଅଧ୍ୟକ୍ଷ ବ୍ରଜ କିଶୋର ତ୍ରିପାଠୀ, ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାୟ, ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ ମିଶ୍ର, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗ ଦେଇଥିଲେ। ବକ୍ତାମାନେ ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ, ୨୦୨୬କୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଏହାଦ୍ୱାରା ଦେଶ ଓ ଓଡ଼ିଶାର ପ୍ରାକୃତିକ ସମ୍ପଦ କମ୍ପାନୀଙ୍କ ହାତକୁ ଚାଲିଯିବାର ଆଶଙ୍କା ରହିଥିବା ଅଭିଯୋଗ କରିଥିଲେ। ରାଜ୍ୟର ପ୍ରାକୃତିକ ସମ୍ପଦର ସୁବିନିଯୋଗ ଦ୍ୱାରା ବେକାର ଯୁବକଯୁବତୀଙ୍କୁ ନିଯୁକ୍ତି ମିଳିବା ସହ ଜନସାଧାରଣଙ୍କ ଆବଶ୍ୟକତା ପୂରଣ ହୋଇପାରିବ ବୋଲି ସେମାନେ ମତ ଦେଇଥିଲେ। ସମ୍ପଦ ସୁରକ୍ଷା ପାଇଁ ଯୁବପିଢ଼ିଙ୍କୁ ନେତାଜୀଙ୍କ ଆଦର୍ଶରେ ସଂଗ୍ରାମ ଜାରି ରଖିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ନେତାଜୀଙ୍କ ଜୀବନୀ ଆଧାରିତ ଫଟୋଚିତ୍ର ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହୋଇଥିଲା।

ଜନସମ୍ପର୍କ ସୁଦୃଢ଼ କରିବା ପାଇଁ ରାୟଗଡ଼ା ରେଳ ମଣ୍ଡଳ ପକ୍ଷରୁ ଏହାର ପରିସୀମା ମଧ୍ୟରେ ବିଭିନ୍ନ ଷ୍ଟେସନରେ 'ରେଳ ଜନ ସମ୍ବାଦ' ଆୟୋଜିତ

ଜୟପୁର,୨୩/୧୦ (ନି.ପ୍ର): ପୂର୍ବତଟ ରେଳପଥ ରାୟଗଡ଼ା ରେଳ ମଣ୍ଡଳ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ୬.୦ ଅଧୀନରେ ଆଜି ରେଳ ମଣ୍ଡଳର ବିଭିନ୍ନ ଷ୍ଟେସନରେ 'ରେଳ ଜନ ସମ୍ବାଦ' କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରେଳପଥ ଓ ସାଧାରଣ ଜନତାଙ୍କ ମଧ୍ୟରେ ସିଧାସଳଖ ଯୋଗାଯୋଗକୁ ସୁଦୃଢ଼ କରିବା, ଯାତ୍ରୀମାନଙ୍କୁ ସଚେତନ କରିବା ଏବଂ ରେଳ ସେବାର ଉନ୍ନତି ପାଇଁ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା।ଏହି ଅଭିଯାନ ଅନ୍ତର୍ଗତ, ରାୟଗଡ଼ା ରେଳ ମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଏଡିଆରଏମ) ଗୌରୀ ଶଙ୍କର ରାଓ କୋରାପୁଟ ରେଳ ଷ୍ଟେସନରେ ଯାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ବରିଷ୍ଠ ମଣ୍ଡଳ ଯାନ୍ତ୍ରିକ ଇଞ୍ଜିନିୟର ପ୍ରବୀନ୍ ଭାଟି ଏବଂ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଶ୍ରୀମତୀ ପୂଜା ସିଂହ ରାୟଗଡ଼ା ରେଳ ଷ୍ଟେସନରେ ଯାତ୍ରୀମାନଙ୍କ ସହ ମତ ବିନିମୟ କରିଥିଲେ। ସେହିପରି, ମଣ୍ଡଳ ଅର୍ଥ ପ୍ରବନ୍ଧକ (ଭାରପ୍ରାପ୍ତ) ଧର୍ମଓ ସାହୁ ଗୁଣୁପୁର ଷ୍ଟେସନରେ ଏବଂ ମଣ୍ଡଳ କାର୍ମିକ ଅଧିକାରୀ (ଭାରପ୍ରାପ୍ତ) ଦିଗମ୍ବର ପାଢ଼ୀ ପାରଳାଖେମୁଣ୍ଡି ଷ୍ଟେସନରେ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ମଣ୍ଡଳର ଅନ୍ୟାନ୍ୟ ଶାଖା ଅଧିକାରୀମାନେ ମଧ୍ୟ ମନୋନୀତ ଷ୍ଟେସନଗୁଡ଼ିକରେ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।ଏହି ଆଲୋଚନା ସମୟରେ ରେଳ ଅଧିକାରୀମାନେ ରେଳ ସେବା, ଷ୍ଟେସନରେ ଉପଲବ୍ଧ ସୁବିଧା ଏବଂ ଯାତ୍ରୀ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଯାତ୍ରୀମାନଙ୍କ ମତାମତ, ପରାମର୍ଶ ଓ ଅଭିଯୋଗ ଶୁଣିଥିଲେ। ଏହା ମାଧ୍ୟମରେ ଯାତ୍ରୀମାନେ ସିଧାସଳଖ ରେଳ ଅଧିକାରୀଙ୍କ ନିକଟରେ ନିଜର ମତ ରଖିବା ସହ ରେଳ ସେବାର ଉନ୍ନତିରେ ସହଯୋଗ କରିବାର ସୁଯୋଗ ପାଇଥିଲେ। ଏହା ସହିତ ଅଧିକାରୀମାନେ ଷ୍ଟେସନ ପରିସର ଏବଂ ଯାତ୍ରୀ ସୁବିଧାଗୁଡ଼ିକର ନିରୀକ୍ଷଣ କରି ସ୍ୱଚ୍ଛତା, ପରିମଳ ଓ ସାର୍ବଜନୀନ ସୁବିଧାଗୁଡ଼ିକର ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଦେଇଥିଲେ। ରେଳ କର୍ମଚାରୀ, ଯାତ୍ରୀ ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କ ସହ ମିଶି ସେମାନେ ସ୍ୱଚ୍ଛତା ଅଭିଯାନରେ ଅଂଶଗ୍ରହଣ କରିଥିଲେ। ରେଳ ଷ୍ଟେସନଗୁଡ଼ିକୁ ସ୍ୱଚ୍ଛ, ସ୍ୱାସ୍ଥ୍ୟକର ଓ ଯାତ୍ରୀ ଅନୁକୂଳ ରଖିବା ଏକ ସାମୂହିକ ଦାୟିତ୍ୱ ବୋଲି ଏହି ଅଭିଯାନ ମାଧ୍ୟମରେ ବାର୍ତ୍ତା ଦିଆଯାଇଥିଲା।କାର୍ଯ୍ୟକ୍ରମ ସମୟରେ ଯାତ୍ରୀମାନଙ୍କୁ ବର୍ଜ୍ୟବସ୍ତୁର ଉପଯୁକ୍ତ ପରିଚାଳନା, ଉତ୍ପତ୍ତି ସ୍ଥଳରେ ବର୍ଜ୍ୟବସ୍ତୁ ପୃଥକୀକରଣ ଏବଂ ନିର୍ଦ୍ଧାରିତ ଡଷ୍ଟବିନ୍‌ରେ ଆବର୍ଜନା ପକାଇବା ସମ୍ପର୍କରେ ସଚେତନ କରାଯାଇଥିଲା। ପ୍ଲାଟଫର୍ମ, ଷ୍ଟେସନର ପ୍ରବେଶ ଓ ପ୍ରସ୍ଥାନ ଅଞ୍ଚଳ ସମେତ ରେଳ ପରିସରର ଅନ୍ୟାନ୍ୟ ସ୍ଥାନରେ ଆବର୍ଜନା ନ ପକାଇବା ଏବଂ ସ୍ୱଚ୍ଛତା ରକ୍ଷା କରିବାରେ ରେଳ କର୍ମଚାରୀଙ୍କୁ ସହଯୋଗ କରିବାକୁ ଯାତ୍ରୀମାନଙ୍କୁ ଅନୁରୋଧ କରାଯାଇଥିଲା। ଏଥିସହ ଦାୟିତ୍ୱପୂର୍ଣ୍ଣ ଯାତ୍ରା, ଯାତ୍ରୀ ସୁରକ୍ଷା ଏବଂ ରେଳ ସମ୍ପତ୍ତି ଓ ସାର୍ବଜନୀନ ସ୍ଥାନଗୁଡ଼ିକର ସୁରକ୍ଷା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା।'ରେଳ ଜନ ସମ୍ବାଦ' ରେଳ ଅଧିକାରୀ ଓ ଯାତ୍ରୀମାନଙ୍କ ମଧ୍ୟରେ ସିଧାସଳଖ ମତ ବିନିମୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ। ଏହା ମାଧ୍ୟମରେ ରେଳ ପ୍ରଶାସନ ଜନସାଧାରଣଙ୍କ ଆଶା ଓ ଆବଶ୍ୟକତା ବୁଝିବା, ମୂଲ୍ୟବାନ ପରାମର୍ଶ ଗ୍ରହଣ କରିବା ଏବଂ ଉନ୍ନତି ଆବଶ୍ୟକ କରୁଥିବା କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବାର ସୁଯୋଗ ପାଉଛି।

ପୂର୍ବ ତଟ ରେଳପଥ ପକ୍ଷରୁ ବିଭିନ୍ନ ରେଳ ଷ୍ଟେସନରେ ଜନ ସମ୍ବାଦ ଅଭିଯାନ ଆୟୋଜିତ

ଭୁବନେଶ୍ୱର,୨୩/୧୦ (ନି.ପ୍ର): ପୂର୍ବତଟ ରେଳପଥ ପକ୍ଷରୁ ଗୁରୁବାର ବିଭିନ୍ନ ରେଳ ଷ୍ଟେସନରେ 'ଜନ ସମ୍ବାଦ' ଅଭିଯାନ ଆୟୋଜନ କରାଯାଇଛି। ରେଳପଥ ଓ ଜନସାଧାରଣଙ୍କ ମଧ୍ୟରେ ସିଧାସଳଖ ଯୋଗାଯୋଗକୁ ସୁଦୃଢ଼ କରିବା, ଯାତ୍ରୀମାନଙ୍କୁ ସଚେତନ କରିବା ଏବଂ ରେଳ ସେବାର ଉନ୍ନତି ପାଇଁ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମର ଅଂଶସ୍ୱରୂପ ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଭୁବନେଶ୍ୱର ରେଳ ଷ୍ଟେସନରେ ଯାତ୍ରୀମାନଙ୍କ ସହ ଭାବ ବିନିମୟ କରିବା ସହ ରେଳ ସେବା ଓ ଯାତ୍ରୀ ସୁବିଧା ସମ୍ପର୍କରେ ସେମାନଙ୍କ ମତାମତ ଏବଂ ପରାମର୍ଶ ଗ୍ରହଣ କରିଥିଲେ। ଏଥିସହ ସେ ଷ୍ଟେସନରେ ଉପଲବ୍ଧ ଯାତ୍ରୀ ସୁବିଧା ଓ ସ୍ୱଚ୍ଛତାର ସମୀକ୍ଷା କରିଥିଲେ। ଯାତ୍ରୀମାନଙ୍କୁ ଉନ୍ନତ ସୁବିଧା ଯୋଗାଇବା ସହ ରେଳ ଷ୍ଟେସନ ପରିସରକୁ ସ୍ୱଚ୍ଛ ଓ ଯାତ୍ରୀ ଅନୁକୂଳ ରଖିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମହାପ୍ରବନ୍ଧକ ଷ୍ଟେସନ ପରିସରରେ ଆୟୋଜିତ ସ୍ୱଚ୍ଛତା ଅଭିଯାନର ମଧ୍ୟ ନେତୃତ୍ୱ ନେଇଥିଲେ। ଯାତ୍ରୀମାନଙ୍କ ପାଇଁ ଏକ ସ୍ୱଚ୍ଛ, ସୁସ୍ଥ ଓ ଉତ୍ତମ ପରିବେଶ ସୁନିଶ୍ଚିତ କରିବାରେ ପରିମଳ ଓ ସ୍ୱଚ୍ଛତାର ଗୁରୁତ୍ୱ ସମ୍ପର୍କରେ ସେ ବାର୍ତ୍ତା ଦେଇଥିଲେ। ଏହି ପଦକ୍ଷେପରେ ରେଳପଥର ଅଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରି ରେଳ ଷ୍ଟେସନଗୁଡ଼ିକୁ ସ୍ୱଚ୍ଛ, ସୁନ୍ଦର ଓ ଯାତ୍ରୀ ଅନୁକୂଳ ରଖିବା ଦିଗରେ ସାମୂହିକ ଦାୟିତ୍ୱବୋଧର ପରିଚୟ ଦେଇଥିଲେ। 'ଜନ ସମ୍ବାଦ' ଅଭିଯାନ ରେଳ ଅଧିକାରୀ, ଯାତ୍ରୀ ଓ ଜନସାଧାରଣଙ୍କ ମଧ୍ୟରେ ସିଧାସଳଖ ଆଲୋଚନା ପାଇଁ ଏକ ଉପଯୁକ୍ତ ମଞ୍ଚ ପ୍ରଦାନ କରୁଛି। ଏହା ମାଧ୍ୟମରେ ଯାତ୍ରୀମାନଙ୍କ ଆବଶ୍ୟକତା ବୁଝିବା, ସେମାନଙ୍କ ସମସ୍ୟାର ସମାଧାନ କରିବା ଏବଂ ରେଳ ସେବାର ଉନ୍ନତି ପାଇଁ ମୂଲ୍ୟବାନ ପରାମର୍ଶ ସଂଗ୍ରହ କରିବା ସମ୍ଭବ ହେଉଛି। ଏହି ଅଭିଯାନ ସମୟରେ ରେଳ ଅଧିକାରୀ ଓ କର୍ମଚାରୀମାନେ ଯାତ୍ରୀ ସୁରକ୍ଷା, ସ୍ୱଚ୍ଛତା, ଦାୟିତ୍ୱପୂର୍ଣ୍ଣ ଯାତ୍ରା ଏବଂ ରେଳ ପରିସରର ସଠିକ୍ ବ୍ୟବହାର ସମ୍ପର୍କରେ ମଧ୍ୟ ସଚେତନତା ସୃଷ୍ଟି କରୁଛନ୍ତି।

ବିଚିତ୍ର

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ୨୪ ଅକ୍ଟୋବର ୨୦୨୬ ଶନିବାର



ନିଜ ଜୀବନ କାଳରେ ସୁସ୍ଥ ରହିବା ପାଇଁ ଲୋକଙ୍କ ସଂଘର୍ଷ ଚାଲିଥାଏ। କିଭଳି ସୁସ୍ଥ ଭାବେ ସେମାନେ ନିଜର ଜୀବନ ବିତାଇବେ, ସେଥିପାଇଁ ବିଭିନ୍ନ tips ଖୋଜନ୍ତି ଲୋକେ। ଏବେ ଜୀବନଶୈଳୀ ବଦଳିଥିବା ବେଳେ ଲୋକଙ୍କ ଆୟୁଷ କମିବାରେ ଲାଗିଛି। ଅନେକ ଲୋକେ ୩୦-୫୦ବର୍ଷ ବୟସ ମଧ୍ୟରେ ମୃତ୍ୟୁବରଣ କରୁଛନ୍ତି। ଏଥିପାଇଁ ଅନେକ କାରଣକୁ ଦାୟୀ କରାଯାଉଥିବା ବେଳେ କିଛି ଅଭ୍ୟାସକୁ ଆପଣାଇ ଆପଣ ଦୀର୍ଘାୟୁ ହୋଇପାରିବେ ବୋଲି କହିଛନ୍ତି ଫ୍ରାନ୍ସର ୧୦୨ ବର୍ଷୀୟ ଯୋଗ ଶିକ୍ଷୟିତ୍ରୀ ଚାର୍ଲୋଟ୍ ଚୋପିନ୍। ତାଙ୍କୁ ଏବେ ୧୦୨ବର୍ଷ। ଏହି ବୟସରେ ମଧ୍ୟ ସେ ସମ୍ପୂର୍ଣ୍ଣ ଫିଟ୍ ଅଛନ୍ତି। ଫ୍ରାନ୍ସର ଏକ ଛୋଟ ଗାଁ ଲେରେରେ ରହୁଥିବା ଚାର୍ଲୋଟ୍ ଚୋପିନ୍ ଆଜି ବିଶ୍ୱ ପାଇଁ ପ୍ରେରଣା। ସେ ୧୯୮୨ ମସିହାରୁ ଗତ ୪୦ ବର୍ଷ ଧରି ଯୋଗ ଶିକ୍ଷା ଦେଇ ଆସୁଛନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି, ସେ ୫୦ ବର୍ଷ ବୟସରେ ଯୋଗ କରିବା ଆରମ୍ଭ କରିଥିଲେ। ଆଜି, ସେ କେବଳ ନିଜକୁ ଫିଟ୍ ରଖିନାହାନ୍ତି, ବରଂ ହଜାର ହଜାର ଲୋକଙ୍କୁ ଯୋଗ ସହିତ ଦୀର୍ଘାୟୁ ହେବାର ବାର୍ତ୍ତା ମଧ୍ୟ ବାଣ୍ଟୁଛନ୍ତି। ତେବେ ସେ କେଉଁ ୫ଟି ଅଭ୍ୟାସକୁ ଆପଣାଇ ଏହାକୁ ସମ୍ଭବ କରିପାରିଛନ୍ତି, ତାହା ସାମ୍ନାକୁ ଆସିଛି।

୧. ଯୋଗ କେବଳ ବ୍ୟାୟାମ ନୁହେଁ, ଏହା ଜୀବନର ଏକ ଅଂଶ।

ଚାର୍ଲୋଟଙ୍କ ପାଇଁ, ଯୋଗ କେବଳ ଏକ ନିୟମିତ ବ୍ୟାୟାମ ନୁହେଁ, ଏହା ତାଙ୍କ ଜୀବନର ଏକ ଅଂଶ। ସେ ପ୍ରତିଦିନ ଯୋଗ କରନ୍ତି। ଖରା ହେଉ କି ବର୍ଷା, ଯୋଗ କରିବାକୁ ସେ କେବେ ବି ଭୁଲନ୍ତି ନାହିଁ। ଯୋଗ ଶରୀରକୁ ନମନୀୟ, ମନକୁ ଶାନ୍ତ ଏବଂ ଆତ୍ମାକୁ ଶକ୍ତିଶାଳୀ କରିଥାଏ। ଏଥିପାଇଁ ତାଙ୍କୁ ଭାରତ ସରକାର ମଧ୍ୟ ସମ୍ମାନିତ କରିସାରିଛନ୍ତି। ଗତ ବର୍ଷ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ତାଙ୍କୁ ସମ୍ମାନିତ କରିଥିଲେ। ଯଦି ଆପଣ ମଧ୍ୟ ଫିଟ୍ ରହିବାକୁ ଚାହାଁନ୍ତି, ତେବେ ଆଜିଠୁ ଯୋଗ କରିବା ଆରମ୍ଭ କରନ୍ତୁ।

୨. ସଠିକ୍ ଖାଦ୍ୟ ଖାଇବା ଉଚିତ୍।

ଚାର୍ଲୋଟ୍‌ଙ୍କ କହିବା ମୁତାବକ, ତାଙ୍କ ଦିନ କଫି, ଟୋଷ୍ଟ, ବଟର ଏବଂ ମହୁ ସହିତ ଆରମ୍ଭ ହୁଏ। କେତେବେଳେ ସେ କେବଳ ଗୋଟିଏ ଚାମଚ ଜେଲି ମଧ୍ୟ ଖାଆନ୍ତି। ମଧ୍ୟାହ୍ନ ଭୋଜନ ପାଇଁ, ସେ ପ୍ରଚୁର ପନିପରିବା, ଫଳ ଏବଂ ପନିର ପସନ୍ଦ କରନ୍ତି। ତାଙ୍କ ଖାଦ୍ୟରେ Fast Food ବା Processed food ନଥାଏ। ସୁସ୍ଥ ରହିବା ପାଇଁ ସ୍ୱାସ୍ଥ୍ୟକର ଖାଦ୍ୟ ବି ଜରୁରୀ।



୩. ପ୍ରତିଦିନ ଚାଲିବା ଉଚିତ୍।

୧୦୨ ବର୍ଷ ବୟସରେ ମଧ୍ୟ, ଚାର୍ଲୋଟ୍ ପ୍ରତିଦିନ ଚାଲିବାକୁ ଯାଆନ୍ତି। ସେ ବିଶ୍ୱାସ କରନ୍ତି ଯେ, ତାଜା ପବନରେ ନିଶ୍ୱାସ ନେବା ମନକୁ ଶାନ୍ତ କରିଥାଏ ଏବଂ ଶରୀରକୁ ଶକ୍ତିଶାଳୀ କରିଥାଏ। ଗବେଷଣାରୁ ଜଣାପଡିଛି ଯେ, ପ୍ରତିଦିନ କେବଳ ଗୋଟିଏ ଘଣ୍ଟା ଚାଲିବା ଦ୍ୱାରା ଜୀବନ କାଳ ୬ଘଣ୍ଟା ବୃଦ୍ଧି ପାଇଥାଏ।

୪. ଜୀବନରେ ସମ୍ପର୍କ ସବୁଠୁ ଗୁରୁତ୍ୱପୂର୍ଣ୍ଣ।

ଚାର୍ଲୋଟଙ୍କ ଅନୁସାରେ, ସାମାଜିକ ସମ୍ପର୍କ; ଖାଦ୍ୟ ଏବଂ ବ୍ୟାୟାମ ପରି ଗୁରୁତ୍ୱପୂର୍ଣ୍ଣ। ସେ ଏବେ ବି ତାଙ୍କ ବନ୍ଧୁ, ଛାତ୍ର ଏବଂ ପରିବାର ସହିତ ଯୋଗାଯୋଗ କରନ୍ତି। ହସିବା, କଥାବାର୍ତ୍ତା ହେବା ଏବଂ ଅନ୍ୟମାନଙ୍କ ସହିତ ଯୋଗାଯୋଗ ସ୍ଥାପନ କରିବା ତାଙ୍କର ଶକ୍ତିର ମୁଖ୍ୟ ଉତ୍ସ। ୨୦୨୩ମସିହାର ଏକ ଅଧ୍ୟୟନ ଅନୁଯାୟୀ, ଯେଉଁମାନେ ପ୍ରତିଦିନ ନିଜ ମନ କଥା ନିଜ ପରିବାର ବା ବନ୍ଧୁମାନଙ୍କ ସହ ସେୟାର କରନ୍ତି, ସେମାନଙ୍କର ଆୟୁଷ ୮୭% ଅଧିକ ବଢ଼ିଯାଏ। ତେଣୁ, ଯଦି ଆପଣ ମଧ୍ୟ ଅଧିକ ଦିନ ବଞ୍ଚିବାକୁ ଏବଂ ଖୁସି ରହିବାକୁ ଚାହାଁନ୍ତି, ତେବେ ଲୋକଙ୍କ ସହିତ ସମ୍ପର୍କ ମଜବୁତ କରନ୍ତୁ, ହସନ୍ତୁ ଏବଂ ବନ୍ଧୁ ହୁଅନ୍ତୁ।

୫. ଛୋଟ ଛୋଟ ଜିନିଷରେ ଖୁସି ଖୋଜନ୍ତୁ।

'ଜୀବନରେ ତୁମେ ଯାହା ଚାହୁଁଛ ତାହା ମିଳିଯିବା ସୁଖ ନୁହେଁ, ବରଂ ତୁମ ପାଖରେ ଯାହା ଅଛି ତାକୁ ଭଲ ପାଇବା ଏବଂ ଖୁସି ହେବା ହେଉଛି ସୁଖ। ଛୋଟ ଛୋଟ ଜିନିଷରେ ଖୁସି ଖୋଜିବା ଜରୁରୀ' ବୋଲି କହିଛନ୍ତି ଚାର୍ଲୋଟ।

ଆଜିକାଲି ସୁବିଧାବାଦୀ ଦୁନିଆରେ ଲୋକେ ଆଉ କଷ୍ଟ କରିବାକୁ ଚାହୁଁ ନାହାନ୍ତି । କେମିତି କମ ସମୟରେ ପେଟ ପୂରିଯିବ, ଖାଦ୍ୟ ପହଞ୍ଚିଯିବ ସେ ପାଇଁ ଅନଲାଇନ ଖାଦ୍ୟ ଅର୍ଡରକୁ ଗୁରୁତ୍ୱ ଦେଉଛନ୍ତି । ତେଣୁ ଦିନକୁ ଦିନ ଅନଲାଇନ ଖାଦ୍ୟର ଚାହିଦା ବି ବଢୁଛି । ଅର୍ଡର କରିଦେଲେ ରୋଷେଇର ଝିନଝଟ ନାହିଁ କି ସମୟ ନଷ୍ଟ ହେବାର ନାହିଁ । ଅନ୍ୟପଟେ ଆଜିର ପ୍ରତିଯୋଗିତା ମୂଳକ ସମାଜରେ ପରିବାର ଚଳାଇବାକୁ ସମସ୍ତଙ୍କୁ କର୍ମଜୀବୀ ହେବାକୁ ପଡୁଛି । ଆଗ ଭଳି ଖୁବ୍ କମ୍ ପରିବାର ଅଛନ୍ତି ଯେଉଁଠି ଘରେ ରହି କାମ କରିବାକୁ ପରିସ୍ଥିତି ସହଯୋଗ କରୁଛି । ସମସ୍ତେ ଟିକେ ସହଜରେ ଓ ସ୍ୱାଚ୍ଛନ୍ଦରେ ରହିବାକୁ ଉଭୟ ସ୍ୱାମୀ , ସ୍ତ୍ରୀଙ୍କୁ କାମ କରିବାକୁ ପଡୁଛି , ତେଣୁ ଅନେକ ସମୟରେ ରୋଷେଇ କରିବାକୁ ସମୟ ନଥାଏ , ତେଣୁ ବାଧ ହୋଇ ସେମାନେ ଖାଦ୍ୟ ଅର୍ଡର କରି ଖାଆନ୍ତି ।

ସହରୀ ଜୀବନରେ ଅନେକ ପରିବାର ପାଇଁ ଅର୍ଡର କରି ଖାଦ୍ୟ ଖାଇବା ଅଭ୍ୟାସରେ ପରିଣତ ହୋଇଗଲାଣି । ଯୁବଗୋଷ୍ଠୀ ମଧ୍ୟ ଅନଲାଇନ୍ ଫୁଡ୍ ମାୟାରେ ପଡ଼ିଗଲେଣି । ଏଥିରେ ଅତି ସହଜରେ ଖାଦ୍ୟ ପାଖରେ ପହଞ୍ଚିଯାଏ କିନ୍ତୁ ଜାଣନ୍ତି ,ଏହି ଖାଦ୍ୟ ଶରୀର ପାଇଁ ଘୋର ବିପଦ ।

ଯୁବ ସମାଜ ଏହି ଅଭ୍ୟାସ ତାଙ୍କର ଏକ ପ୍ରକାର ନିଶାରେ ପରିଣତ ହେଲାଣି । ହେଲେ ଏଥିରେ ଏକାଧିକ ଶାରୀରିକ ସମସ୍ୟା ଦେଖାଯାଉଛି । ପ୍ରଥମତଃ ମେଦବହୁଳତା ସମସ୍ୟା ଦେଖାଯାଉଛି ଏବଂ ପାଚନ କ୍ରିୟା ଦେଖାଯାଉଛି । କେବଳ ଶାରୀରିକ ନୁହେଁ ବରଂ ମାନସିକ ମାନସିକ ସ୍ୱାସ୍ଥ୍ୟ ଉପରେ ମଧ କୁପ୍ରଭାବ ପକାଉଛି ।



ପୋଷଣ ଅଭାବ:
ଫୁଡ୍ ଡେଲିଭରୀରେ ମିଳୁଥିବା ଅଧିକାଂଶ ଖାଦ୍ୟ ଫାଷ୍ଟଫୁଡ୍ , ପ୍ରୋସେସଡ୍ ଫୁଡ୍ ବ୍ୟତୀତ ଅଧିକ କ୍ୟାଲୋରୀ ଓ କମ୍ ପୋଷଣଯୁକ୍ତ ଖାଦ୍ୟ ମିଳିଥାଏ । ସମୟ ସହ ଲୋକଙ୍କର ନିର୍ଭରଶୀଳତା ଫଳରେ ଅସନ୍ତୁଳିତ ଡାଏଟର ମାତ୍ରା କ୍ରମଶଃ ବଢ଼ିଚାଲିଛି । ଏହାଦ୍ୱାରା ଶରୀରରେ ଆବଶ୍ୟକ ଭିଟାମିନ୍, ଖଣିଜ ପଦାର୍ଥ, ଓ ପୋଷକ ତତ୍ତ୍ୱ ଅଭାବ ହେବାର ଆଶଙ୍କା ବଢ଼ିପାରେ ।

ଓଜନ ଓ ମୋଟାପଣ:
ଅଧିକ କ୍ୟାଲୋରୀଯୁକ୍ତ ଖାଦ୍ୟ ଏବଂ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଉଥିବା ଖାଦ୍ୟ ଓଜନ ବଢ଼ାଇବା ସହିତ ମୋଟାପଣ ବଢ଼ାଇଥାଏ ।ଏଥିରେ ଅସ୍ୱାସ୍ଥ୍ୟକର ଶର୍କରା, ଓ ସୋଡିୟମର ମାତ୍ରା ଅଧିକ ରହିଥାଲ ଫଳରେ ମେଟାବୋଲିଜିମ୍ ସହ ଶରୀରରେ ଆବଶ୍ୟକତାଠାରୁ ଅଧକ ଫ୍ୟାଟ୍ ଜମା ହୋଇ ଘାତକ ପ୍ରମାଣିତ ହୋଇପାରେ।

ହୃଦଘାତ ସମସ୍ୟା:
ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଉଥିବା ଖାଦ୍ୟ ଖାଇବା ଦ୍ୱାରା କାର୍ଡିଓ ଭାସ୍କୁଲାର ବା ହୃଦଘାତ ଜନିତ ସମସ୍ୟା ହେବାର ଆଶଙ୍କା ବଢ଼ିପାରେ, ଯାହା ରକ୍ତଚାପ , ହୃଦରୋଗ ଓ ଷ୍ଟ୍ରୋକକୁ ନିମନ୍ତ୍ରଣ କରେ । ଆବଶ୍ୟକତା ଠାରୁ ଅଧିକ ଫ୍ରାଏଡ୍ ଫୁଡ୍ ଓ ପ୍ରୋସେସଡ ଫୁଡ ଖାଇଲେ ଶରୀରରେ କୋଲେଷ୍ଟରେଲ ସ୍ତର ବଢ଼ିଯାଇ ହାର୍ଟଆଟାକ୍ ସମସ୍ୟାକୁ ବଢ଼ାଇଥାଏ।

ପାଚନ ସମସ୍ୟା:
ଅନଲାଇନରେ ମିଳୁଥିବା ଖାଦ୍ୟରେ ଫାଇଭର ଓ ପୋଷକ ତତ୍ତ୍ୱ ନଥାଏ ।ଫଳରେ ପାଚନ ସମସ୍ୟା ସୃଷ୍ଟି ହୋଇଥାଏ । କୋଷ୍ଠକାଠିନ୍ୟ, ବାନ୍ତି ହେବା ପେଟରେ ଗ୍ୟାସ ହେବା ସହ ଫୁଲିଯିବା ପରି ସମସ୍ୟା ଦେଖାଯାଏ।

ରକ୍ତରେ ଶର୍କରା ମାତ୍ରା ବୃଦ୍ଧି:
ଅଧିକ ମିଠା ଓ ଅଧିକ କାର୍ବୋହାଇଡ୍ରେଟ୍ ଯୁକ୍ତ ଖାଦ୍ୟ ସାଙ୍ଗକୁ ଖାଇବାରେ ଅନିୟମିତତା ରକ୍ତରେ ଶର୍କରାର ମାତ୍ରା ବଢ଼ାଇଦିଏ । ଏହାଦ୍ୱାରା ଇନସୁଲିନ୍ ସୃଷ୍ଟିରେ ବାଧା ସୃଷ୍ଟି ହେବା ସହ ଫଳରେ ଟାଇପ୍ - ୨ ଡାଇବେଟିସ୍ ହୋଇଥାଏ ।

ଚିଡ଼ଚିଡ଼ାପଣ:
ଅର୍ଡର କରି ପୋସେସଡ୍ ଖାଦ୍ୟ ଲଗାତାର ଖାଇଲେ ମାନସିକ ସ୍ୱାସ୍ଥ୍ୟ ପ୍ରଭାବିକ ହୋଇଥାଏ ।କଥାରେ ଅଛି ଯେପରି ଖାଦ୍ୟ ସେପରି ମନର ସ୍ଥିତି । କହିବାର ଅର୍ଥ ଆମେ ଯେପରି ଖାଦ୍ୟ ଖାଇବା ଆମ ମନ ଓ ଶରୀର ଉପରେ ସେହିପରି ପ୍ରଭାବ ପଡ଼ିବ । ତେଣୁ ଲଗାତାର ଅର୍ଡର ଫୁଡ ଖାଇଲେ ଜଣଙ୍କଠାରେ ଅବସାଦ ଓ ଚିଡ଼ିଚିଡ଼ାପଣ ଦେଖାଯିବାର ଅଧିକ ସମ୍ଭାବନା ଥାଏ । କହିବାକୁ ଗଲେ ଅର୍ଡର କରି ଖାଦ୍ୟ ଖାଇଲେ ରୋଗ ତ କିଣିବେ, ଡାକ୍ତର ପାଖରେ ଟଙ୍କା ଦେଇ ଦେଇ ଦେବାଳିଆ ବି ହେବେ ।ଏବେ ଆପଣ କୁହନ୍ତୁ ଟିକେ ସମୟ କାଢି ଘରେ ରୋଷେଇ କରି ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବେ ନା ଅନଲାଇନ୍ ଖାଦ୍ୟ ଖାଇ ବିପଦକୁ ବରଣ କରିବେ ।

ଯକୃତ ଖରାପ ପୂର୍ବରୁ ଦେଖାଦିଏ ଏହି ସବୁ ଲକ୍ଷଣ

ଯକୃତ ଖରାପ ରୋଗରେ ଆଜିକାଲି ଅନେକ ଲୋକ ଆକ୍ରାନ୍ତ ହେଉଛନ୍ତି। ହେଲେ ଏହାର ଏକ ଭଲ କଥା ହେଉଛି; ଯକୃତ ଖରାପ ହେବା ପୂର୍ବରୁ ଆମକୁ ଲକ୍ଷଣ ଜଣାପଡ଼ିଯାଏ। ଯାହାଫଳରେ ସଜାଗ ହେବାକୁ ଏକ ସୁଯୋଗଟିଏ ମିଳିଥାଏ। ସମୟ ପୂର୍ବରୁ ଚିକିତ୍ସା କଲେ ଭବିଷ୍ୟତରେ ଆଉ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ଏମିତି ଅନେକ ଲକ୍ଷଣ ଅଛି; ଯାହାକୁ ଲୋକ ନଜର ଅନ୍ଦାଜ କରିଥାନ୍ତି।

କେଉଁ ଲକ୍ଷଣ ଦେଖା ଦେଲେ ହେବେ ସଜାଗ

ଯଦି ରାତି ସମୟରେ ଆପଣଙ୍କୁ ବାରମ୍ୱାର ପରିଶ୍ରା ଲାଗୁଛି; ତାହା ଏକ ସ୍ୱାଭାବିକ ଶାରୀରିକ ପ୍ରକ୍ରିୟା ନୁହେଁ। ଏଭଳି ପରିସ୍ଥିତିରେ ଆପଣ ଡାକ୍ତରୀ ପରାମର୍ଶ ଗ୍ରହଣ କରିବା ଜରୁରୀ।
ବାରମ୍ୱାର ପରିଶ୍ରା ଲାଗିବା ଯେପରି ସ୍ୱାଭାବିକ ନୁହେଁ; ପରିଶ୍ରାର ରଂଗ ବଦଳିବା ବି ଚିନ୍ତାର ବିଷୟ।
ଯଦି ହଠାତ୍ ଆପଣଙ୍କ ପରିଶ୍ରାର ରଂଗ ବଦଳିବାର ଆପଣ ଅନୁମାନ କରୁଛନ୍ତି ତେବେ ତୁରନ୍ତ ଡାକ୍ତର ଦେଖାନ୍ତୁ। ତ୍ୱଚା ମାତ୍ରାଧିକ କୁଣ୍ଡେଇ ହେବା ବି ଯକୃତ ଖରାପ ହେବାର ସଂକେତ। ଆମେ ଭାବନ୍ତି କୁଣ୍ଡେଇ ହେବା ଏକ ତ୍ୱଚା ସଂକ୍ରମଣ। ମାତ୍ର ବେଳେ ବେଳେ ଏହା ଯକୃତ ସମସ୍ୟା ପାଇଁ ବି ହୋଇପାରେ। ଯକୃତ ଖରାପ ହେଲେ ଆଖି ରୋଗ ବି ଆରମ୍ଭ ହୋଇଯାଏ। ଆଖି ତଳ କଳାପଡ଼ିବା, ଶୁଖିଲା ଦେଖାଯିବା ଆଦି ଅସୁସ୍ଥକର ଯକୃତର ଲକ୍ଷଣ।

ଯକୃତକୁ ସୁସ୍ଥ ରଖିବେ କିପରି

ଆପଣ ଯଦି ନିଜ ଯକୃତକୁ ସୁସ୍ଥ ରଖିବାକୁ ଚାହାନ୍ତି ତେବେ ପିଆଜ ଖାଆନ୍ତୁ। ପିଆଜ ଖାଇବା ଦ୍ୱାରା ଯକୃତ ଭଲ କାମ କରିଥାଏ। ମାଛ ଖାଇବା ବି ଯକୃତ ପାଇଁ ଖୁବ୍ ଭଲ। ଆପଣ ଯେତେ ପାରୁଛନ୍ତି ଶାଗ ଓ ପତ୍ରଜାତୀୟ ଖାଦ୍ୟ ଖାଆନ୍ତୁ। ଏହାବି ଯକୃତ ପାଇଁ ଖୁବ୍ ଭଲ। ଶସ୍ୟଜାତୀୟ ଖାଦ୍ୟ ଖାଇବା ମଧ ଯକୃତ ସ୍ୱାସ୍ଥ୍ୟ ପାଇଁ ଭାରି ଭଲ। ପାରୁଛନ୍ତି ଯଦି ପ୍ରତିଦିନ ଗୋଟାଏ ଲେଖାଏ ଅଣ୍ଡା ଖାଆନ୍ତୁ।



ଜଙ୍କ୍ ଫୁଡ୍ ଓ ଫାଷ୍ଟ୍ ଫୁଡ୍ ଆଦି ଆଦୌ ବି ଖାଆନ୍ତୁ ନାହିଁ। ଜଙ୍କ୍ ଫୁଡ୍ ସ୍ୱାସ୍ଥ୍ୟ ପାଇଁ ଖୁବ୍ କ୍ଷତିକାରକ ହୋଇଥାଏ। ବଜାରରୁ ମିଳୁଥିବା ବିଭିନ୍ନ ପ୍ରକାର ଜଙ୍କ୍ ଫୁଡ୍ ଆପଣଙ୍କ ଯକୃତକୁ ଖରାପ କରିବା ପାଇଁ ଯଥେଷ୍ଟ ।
ଆଜିର ସମୟରେ ଲୋକମାନେ ମାଂସ ଖାଇବାକୁ ଖୁବ୍ ପସନ୍ଦ କରନ୍ତି । ଭାରତରେ ଶାକାହାରୀଙ୍କ ଠାରୁ ଅଧିକ ମାଂସାହାରୀ ଅଛନ୍ତି । କିନ୍ତୁ ଯଦି ଆପଣ ଆବଶ୍ୟକତାଠାରୁ ଅଧିକ ମାଂସ ସେବନ କରୁଛନ୍ତି ତେବେ ଏହା ଆପଣଙ୍କ ଶରୀର ପାଇଁ ଖୁବ୍ କ୍ଷତିକାରକ ହୋଇପାରେ । ଏହା ମଧ୍ୟ ଯକୃତ ଖରାପର ଅନ୍ୟତମ କାରଣ।
ଅଧିକାଂଶ ଲୋକ ଧୂମପାନ କରିବାକୁ ମଧ୍ୟ ଖୁବ୍ ଭଲ ପାଆନ୍ତି । କିନ୍ତୁ ଧୂମପାନ ଶରୀର ପାଇଁ ଖୁବ୍ କ୍ଷତିକାରକ ହୋଇଥାଏ ଯାହା ଯକୃତକୁ ଅକାମୀ କରିଦିଏ ।



ହୃଦ୍‌ଘାତ ଏକ ଜୀବନଘାତକ ଅବସ୍ଥା। ଯାହାର ଲକ୍ଷଣଗୁଡ଼ିକୁ ପ୍ରାୟତଃ ଲୋକେ ଅଣଦେଖା କରିଥାନ୍ତି। କିଛି ଲୋକ ବିଶ୍ୱାସ କରନ୍ତି ଯେ, ଗୋଡ଼ ଯନ୍ତ୍ରଣା ହୃଦଘାତର ଏକ ଲକ୍ଷଣ ହୋଇପାରେ। ତଥାପି, ଡାକ୍ତରମାନେ ବିଶ୍ୱାସ କରନ୍ତି ଯେ ଗୋଡ଼ ଯନ୍ତ୍ରଣା ହୃଦ୍‌ଘାତର ଏକ ଲକ୍ଷଣ ନୁହେଁ ବରଂ ଏହା ଅନ୍ୟ ରୋଗର ଲକ୍ଷଣ ହୋଇପାରେ। ଯେତେବେଳେ ଅମ୍ଳଜାନ ଯୁକ୍ତ ରକ୍ତ ହୃଦୟ ମାଂସପେଶୀ ପର୍ଯ୍ୟନ୍ତ ପହଞ୍ଚିପାରେ ନାହିଁ ସେତେବେଳେ ହୃଦ୍‌ଘାତ ହୁଏ। ଯେତେବେଳେ କରୋନାରୀ ଧମନୀରେ ଅବରୋଧ ହୋଇଥାଏ ସେତେବେଳେ ଏଭଳି ସ୍ଥିତି ସୃଷ୍ଟି ହୋଇଥାଏ। ହୃଦ୍‌ଘାତର ସାଧାରଣ ଲକ୍ଷଣଗୁଡ଼ିକ ହେଉଛି ଛାତି ଯନ୍ତ୍ରଣା , ବାହୁ, ବେକ, ପିଠିରେ ଯନ୍ତ୍ରଣା, ନିଶ୍ୱାସ ନେବାରେ କଷ୍ଟ, ବାନ୍ତି ହେବା, ଥଣ୍ଡା ଝାଳ ଏବଂ ମୁଣ୍ଡ ବୁଲାଇବା କିମ୍ବା ହାଲୁକା ମୁଣ୍ଡବିନ୍ଧା ଆଦି ହେବା। ଯଦି ଏହି ଲକ୍ଷଣଗୁଡ଼ିକ ଅନୁଭବ କରନ୍ତି, ତେବେ ଏହାକୁ ଅଣଦେଖା କରନ୍ତୁ ନାହିଁ। ବିଳମ୍ବ ନକରି ତୁରନ୍ତ ଡାକ୍ତରଙ୍କ ସହିତ ଯୋଗାଯୋଗ କରନ୍ତୁ। କାରଣ ଏହା ହୃଦ୍‌ଘାତର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ।

ଗୋଡ଼ ଯନ୍ତ୍ରଣା ହୃଦଘାତର ଲକ୍ଷଣ ହୋଇପାରେ କି ?

ଆମେରିକୀୟ ହାର୍ଟ ଆସୋସିଏସନ ଅନୁଯାୟୀ। ଗୋଡ଼ରେ ଯନ୍ତ୍ରଣା କେତେକ ସମୟରେ ହୃଦରୋଗର ଲକ୍ଷଣ ହୋଇପାରେ। ବିଶେଷକରି ଯେତେବେଳେ ଶରୀରରେ ରକ୍ତ ପ୍ରବାହ ସ୍ୱାଭାବିକ ନଥାଏ । ପେରିଫେରାଲ୍ ଧମନୀ ରୋଗ ହେଉଛି ଏକ ଅବସ୍ଥା ଯାହା ପାଦକୁ ଯାଉଥିବା ଧମନୀଗୁଡିକର ଅବରୋଧ କିମ୍ବା ସଂକୁଚିତ କରିଥାଏ। ଧମନୀରେ ଚର୍ବି ଏବଂ କୋଲେଷ୍ଟ୍ରଲ୍ ଜମା ହେବା ଦ୍ୱାରା ଏଭଳି ହୋଇଥାଏ। ଏହା ଯୋଗୁ ଗୋଡ଼ରେ ଯନ୍ତ୍ରଣା କିମ୍ବା ଜଳାପୋଡ଼ା, ଭାରୀପଣ, ଗୋଡ଼ର ରଙ୍ଗ ଫିକା କିମ୍ବା ନୀଳ ରଙ୍ଗ ହେବା, ଗୋଡ଼ କେଶ ଝଡ଼ିବା ଏବଂ ତଳିପା ଉପରେ ଘାଆ ଭଳି ଲକ୍ଷଣ ସୃଷ୍ଟି କରିଥାଏ। ଏହି ଘାଆ ସହଜରେ ଶୁଖି ନଥାଏ। ଜନ୍ମଗତ ହୃଦରୋଗ ହେଉଛି ଏକ ଅବସ୍ଥା ଯେଉଁଥିରେ ହୃଦୟର ଗଠନ ଜନ୍ମରୁ ଅସ୍ୱାଭାବିକ ଥାଏ। ଯେପରିକି ହୃଦୟ ଓ୍ୱାଲ ଏବଂ ଭାଲଭ ଠିକ୍ ଭାବରେ ବିକଶିତ ହେଉନାହିଁ। ଏହି ଅବସ୍ଥା ଯୋଗୁ ନୀଳ ଚର୍ମ କିମ୍ବା ଓଠ ଲଗାତାର ଥକ୍କାପଣ, ନିଶ୍ୱାସ ନେବାରେ କଷ୍ଟ। ଦ୍ରୁତ ହୃଦସ୍ପନ୍ଦନ କିମ୍ବା ଅସ୍ୱାଭାବିକ ହୃଦୟ ଶବ୍ଦ ଭଳି ଲକ୍ଷଣ ସୃଷ୍ଟି କରିପାରେ। କିଛି କ୍ଷେତ୍ରରେ, ପିଲାମାନେ ସେମାନଙ୍କ ପାଦ କିମ୍ବା ଗୋଡ଼ରେ ଯନ୍ତ୍ରଣା ଅଭିଯୋଗ ମଧ୍ୟ କରିଥାନ୍ତି।

ଏହା ଏକ ଗମ୍ଭୀର ଅବସ୍ଥା ଯେଉଁଥିରେ ଗୋଡ଼ର ଶିରାରେ ରକ୍ତ ଜମାଟ ବାନ୍ଧିଥାଏ। ଏହି ଜମାଟ କେତେକ ସମୟରେ ବିପଜ୍ଜନକ ଭାବରେ ଫୁସଫୁସ କିମ୍ବା ହୃଦୟକୁ ଯାଇପାରେ, ଯାହା ଜୀବନ ପାଇଁ ବିପଦପୂର୍ଣ୍ଣ ଜଟିଳତା ସୃଷ୍ଟି କରିପାରେ। ଲକ୍ଷଣଗୁଡ଼ିକ ହେଉଛି ଗୋଡ ଫୁଲିବା, ଜଙ୍ଘରେ ଯନ୍ତ୍ରଣା, ଲାଲ ଚର୍ମ ଏବଂ ଚାଲିବାରେ କଷ୍ଟ ହେବା ଆଦି ଲକ୍ଷଣ ଦେଖାଦେଇଥାଏ। ଏହା ଯୋଗୁ ପାଦ ଏବଂ ଗୋଡ଼ ଫୁଲିଯାଏ। ଏହା ସହିତ, ରୋଗୀ ଛାତି ଭାରୀ ହେବା, ଭୋକ ନ ଲାଗିବା, ଲଗାତାର ଥକ୍କାପଣ ଏବଂ ଦୁର୍ବଳତା ତଥା ସାମାନ୍ୟ ପରିଶ୍ରମରେ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥାନ୍ତି। ଗୋଡ଼ ଯନ୍ତ୍ରଣା ହୃଦୟ ସହିତ ଜଡିତ କି ନାହିଁ ତାହା ନିର୍ଣ୍ଣୟ କରିବା ପାଇଁ, ଡାକ୍ତରମାନେ ପ୍ରଥମେ ଏକ ଚିକିତ୍ସା ଇତିହାସ ନିଅନ୍ତି ଏବଂ ଏକ ଶାରୀରିକ ପରୀକ୍ଷା କରନ୍ତି। ଏହା ପରେ, କିଛି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା କରାଯାଏ, ଯେପରିକି ଆଙ୍କଲ୍-ବ୍ରାକିଆଲ୍ ଇଣ୍ଡେକ୍ସ ପରୀକ୍ଷା, ଯାହା ଅବରୋଧ ଯାଞ୍ଚ କରିବା ପାଇଁ ଗୋଡ଼ ଏବଂ ବାହୁରେ ରକ୍ତଚାପ ତୁଳନା କରେ। ଏହା ସହିତ, ଉଚ୍ଚ ଆଞ୍ଜିଓଗ୍ରାଫି କିମ୍ବା ଗଜଓ ଆଞ୍ଜିଓଗ୍ରାଫି ଭଳି ସ୍କାନ ରକ୍ତବାହୀ ନଳୀର ପ୍ରତିଛବି ନେଇ ଅବରୋଧ କିମ୍ବା ଅସ୍ୱାଭାବିକତା ଚିହ୍ନଟ କରିଥାନ୍ତି। ତେଣୁ ଗୋଡ଼ ଯନ୍ତ୍ରଣାକୁ ହେୟଜ୍ଞାନ କରନ୍ତୁ ନାହିଁ। କାରଣ ଏହା ଏକ ଗମ୍ଭୀର ହୃଦରୋଗର ଲକ୍ଷଣ ହୋଇପାରେ। ତେଣୁ, ଯଦି ଗୋଡ଼ ଯନ୍ତ୍ରଣା ସହିତ ଶ୍ୱାସକ୍ରିୟା କଷ୍ଟ, ଛାତି ଭାରୀ ହେବା କିମ୍ବା ଥକ୍କାପଣ ଅଭୁଭବ ହେଉଛି ତେବେ ଏହାକୁ ଅଣଦେଖା କରନ୍ତୁ ନାହିଁ ଏବଂ ତୁରନ୍ତ ଡାକ୍ତରୀ ପରାମର୍ଶ ନିଅନ୍ତୁ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଜିନ୍ନା, ବାଂଲାଦେଶ ଓ ଭାଷା ଅସ୍ମିତା



ଡା. ରାଜକିଶୋର ପଣ୍ଡା

ମହମ୍ମଦ ଅଲ୍ଲୀ ଜିନ୍ନା ୧୯୪୮ରେ ମୃତ୍ୟୁବରଣ କଲେ। ଏହାର ତେଇଶି ବର୍ଷ ପରେ ବାଂଲାଦେଶ ସୃଷ୍ଟି ହେଲା ଗୋଟିଏ ରକ୍ତାକ୍ତ ସଂଗ୍ରାମରେ। ଏହି ଯୁଦ୍ଧଟି ହୋଇଥିଲା ପାକିସ୍ତାନ ବିରୁଦ୍ଧରେ ଯାହାକୁ ଜିନ୍ନା ଗଠନ କରିଥିଲେ। ତେଣୁ ଆମେ କହିପାରିବା ବାଂଲାଦେଶର ସୃଷ୍ଟି ପରଠାରୁ ଏହାର ଆଧୁନିକ ଇତିହାସରେ ଜିନ୍ନା ହେଉଛନ୍ତି ଜଣେ ପ୍ରାକ୍ ଐତିହାସିକ ବ୍ୟକ୍ତିତ୍ୱ। କିନ୍ତୁ ଏହା ମଧ୍ୟରେ ତାଙ୍କୁ ନେଇ ବାଂଲାଦେଶରେ ଏକ ବିବାଦର ସୂତ୍ରପାତ ହୋଇଛି। ଘଟଣାଟି ହୋଇଛି ଢାକା ୟୁନିଭରସିଟି ସେଣ୍ଟ୍ରାଲ ଷ୍ଟୁଡେଣ୍ଟସ୍ ୟୁନିୟନର ମ୍ୟୁଜିୟମରେ। ସଂଗ୍ରହାଳୟଟିର ନବୀକରଣ ପରେ ଦେଖିବାକୁ ମିଳିଲା ଯେ ଏଥିରେ ଜିନ୍ନାଙ୍କର ସମ୍ପୃକ୍ତି ଥିବା ତିନୋଟି ଫଟୋ ରଖାଯାଇଛି। ଏହି ତିନୋଟି ଫଟୋଚିତ୍ର ମଧ୍ୟରୁ ପ୍ରଥମଟି ହେଉଛି ୧୯୭୦ ମସିହାର ଗୋଟିଏ ସମ୍ବାଦପତ୍ର କ୍ଲିପିଙ୍ଗ୍, ଦ୍ୱିତୀୟ ଫଟୋଟି ୧୯୪୦ ମସିହାରେ ଲାହୋରଠାରେ ଅନୁଷ୍ଠିତ ହୋଇଥିବା ଅଲ୍ ଇଣ୍ଡିଆ ମୁସଲିମ୍ ଲିଗ୍ ଅଧିବେଶନ ସମୟର ଓ ତୃତୀୟଟି ହେଉଛି ଜିନ୍ନାଙ୍କର ଅନ୍ୟ ଏକ ଫଟୋ ଯାହାକୁ ନିଆଯାଇଥିଲା ଢାକାର ରେସକୋର୍ସ ମଇଦାନରେ ଏକୋଇଶି ମାର୍ଚ୍ଚ ୧୯୪୮ ରେ, ଯେଉଁଥିରେ ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ କି, ଉର୍ଦ୍ଦୁ ହିଁ ପାକିସ୍ତାନର ରାଜଭାଷା ହେବା ଉଚିତ। ଉପରେ ବର୍ଣ୍ଣିତ ରେସକୋର୍ସ ମଇଦାନକୁ ଆଜି ନାମିତ କରାଯାଇଛି ସୁରାଓ୍ୱର୍ଦ୍ଦି ମଇଦାନ ଭାବରେ।

ଜିନ୍ନାଙ୍କର ଫଟୋ ମ୍ୟୁଜିୟମରେ ଲାଗିବାକୁ ନେଇ ସମ୍ପ୍ରତି ବାଂଲାଦେଶର ଯୁବପୀଢ଼ି ଉତ୍ତ୍ୟକ୍ତ ହୋଇଉଠିଛନ୍ତି। ଉର୍ଦ୍ଦୁ ବିଭାଗର ଛାତ୍ର "ଅବୁ ତୈୟାବ ହାବିଲଦାର୍" ମ୍ୟୁଜିୟମକୁ ଯାଇ ଜିନ୍ନାଙ୍କର ଉକ୍ତ ଫଟୋଗୁଡ଼ିକୁ ଚିରି ଦେଲେ ଓ ମନ୍ତବ୍ୟ ଦେଲେ କି, ଯେଉଁ ବ୍ୟକ୍ତି ବଙ୍ଗଳା ଭାଷା (ବାଂଲାଦେଶର ମାତୃଭାଷା) ବିରୋଧରେ ନିଷ୍ପତ୍ତି ନେଇଥିଲେ ତଥା ୧୯୪୮ ରେ କର୍ଜନ ହଲ୍ ପରିସର ମଧ୍ୟରେ ଛାତ୍ରମାନଙ୍କର ଦମନ ସହ ସଂଶ୍ଳିଷ୍ଟ ଥିଲେ, ତାଙ୍କ ଫଟୋ କଦାପି ଏହି ସଂଗ୍ରହାଳୟରେ ରହିପାରିବ ନାହିଁ। ଏହାପରେ ବିଭିନ୍ନ ଛାତ୍ର ଦଳ ଓ ଛାତ୍ର ସଂଘ ତରଫରୁ ମଧ୍ୟ ବିରୋଧ ପ୍ରଦର୍ଶନ ଆରମ୍ଭ ହେଲା। ଦେଶର ବିଭିନ୍ନ ସ୍ଥାନରେ ଲୋକମାନେ ଜିନ୍ନାଙ୍କର ଫଟୋକୁ ଚିରି, ତା' ଉପରେ ଛେପ ପକାଇଲେ ଓ ତଳେ ପକାଇ କୁଦିଲେ ମଧ୍ୟ।

ଏହି ବିରୋଧର ଜବାବ ଦେବାକୁ ଯାଇ "ଫାତିମା ତସନିମ୍ ଜୁମା" ଯିଏ କି ମ୍ୟୁଜିୟମ୍‌ର ନବୀକରଣ ଦାୟିତ୍ୱରେ ଥିଲେ କହିଛନ୍ତି କି, "ଜିନ୍ନାଙ୍କର ଫଟୋ ଚିତ୍ରଗୁଡ଼ିକ ଗୋଟିଏ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଐତିହାସିକ ଦସ୍ତାବିଜ୍।" ୧୯୪୮ ମସିହାର ଫଟୋ ସମ୍ପର୍କରେ ମତ ଦେଇ ଫାତିମା କହିଛନ୍ତି ଯେ, ଏହି ଚିତ୍ରଟି ଉର୍ଦ୍ଦୁକୁ ନେଇ ଜିନ୍ନାଙ୍କର ନୀତିକୁ ଦର୍ଶାଉଛି। ସେହିପରି ଲାହୋର ଫଟୋ ବିଷୟରେ ସେ କହିଛନ୍ତି ଯେ ଏଥିରେ ଜିନ୍ନା "ଏକେ ଫଜଲୁଲ ହକ୍"ଙ୍କ ପାଖରେ ବସିଛନ୍ତି। ଏହି "ଫଜଲୁଲ ହକ୍" ଯିଏ କି ଜଣେ ବଙ୍ଗାଳୀ, ସର୍ବପ୍ରଥମେ ସ୍ୱତନ୍ତ୍ର ମୁସଲିମ୍ ରାଷ୍ଟ୍ର କରିବା ସପକ୍ଷରେ ପ୍ରସ୍ତାବ ପାରିତ କରିଥିଲେ।

ମ୍ୟୁଜିୟମ୍‌ରେ କେବଳ ବର୍ତ୍ତମାନର ପୀଢ଼ିକୁ ସନ୍ତୁଷ୍ଟ ବା ସମର୍ଥନ କରିବା ଭଳି ସାମଗ୍ରୀ ମାନ ରଖାଯାଇପାରିବ ନାହିଁ ଓ ଜିନ୍ନାଙ୍କ ଫଟୋକୁ ସଂଗ୍ରହାଳୟରେ ସ୍ଥାନୀତ କରିବାଦ୍ୱାରା ତାଙ୍କର କାର୍ଯ୍ୟକଳାପକୁ କୌଣସି ପ୍ରକାରର ସମର୍ଥନ କରାଯାଉନାହିଁ ବୋଲି ଫାତିମା ମନ୍ତବ୍ୟ ଦେଇଛନ୍ତି।

ଏବେ ପ୍ରଶ୍ନ ଉଠୁଛି କି ଜିନ୍ନାଙ୍କର ଏହି ସାର୍ବଜନୀନ ଅପମାନ ଦ୍ୱାରା ବାଂଲାଦେଶର ପାକିସ୍ତାନ ସହିତ ସମ୍ବନ୍ଧ ପ୍ରଭାବିତ ହେବ ନା ନାହିଁ। ଯଦିଓ ଏହି ଘଟଣାଟି କୂଟନୀତି ଅପେକ୍ଷା ସ୍ମୃତି ଓ ଘରୋଇ ରାଜନୀତିର ଲଢ଼େଇ ବୋଲି ଅଧିକ ମାତ୍ରାରେ ମନେ ହେଉଛି, ଏହା ସତ୍ତ୍ୱେ ମଧ୍ୟ ଇତିହାସରେ ଏହି ଭଳି ପ୍ରତୀକାତ୍ମକ ଘଟଣା ଅଧିକାଂଶ ସମୟରେ ଦୁଇଦେଶ ମଧ୍ୟରେ ଥିବା ବିବାଦକୁ ଆହୁରି ବଢ଼ାଇ ଦେଇଥାଏ।

ଜିନ୍ନାଙ୍କ ବିରୋଧରେ ବାଂଲାଦେଶ ଜନତାଙ୍କର କ୍ରୋଧ ବର୍ତ୍ତମାନର ନୁହେଁ। ଏହାର ସୃଷ୍ଟି ହୋଇଛି ୧୯୪୮ ମସିହାର ସେହି ନିଷ୍ପତ୍ତିରୁ ଯେତେବେଳେ ଜିନ୍ନା କହିଥିଲେ, "ପାକିସ୍ତାନର ରାଷ୍ଟ୍ର ଭାଷା କେବଳ ଉର୍ଦ୍ଦୁ ହିଁ ହୋଇ ପାରିବ।" ପୂର୍ବ ପାକିସ୍ତାନରେ ବହୁସଂଖ୍ୟକ ଜନତାଙ୍କର ମାତୃଭାଷା ବଙ୍ଗାଳୀ ଥିଲା। ଜିନ୍ନାଙ୍କ ଘୋଷଣାରୁ ଆରମ୍ଭ ହେଲା ଭାଷା ଆନ୍ଦୋଳନ ଓ ପରେ ଏହି ଆନ୍ଦୋଳନ ସ୍ୱତନ୍ତ୍ର ବାଙ୍ଗଲାଦେଶ ସୃଷ୍ଟିର କାରଣ ହେଲା।

ପାକିସ୍ତାନ ସୃଷ୍ଟି ହେବାର କିଛି ମାସ ହୋଇଥିଲା ଯେତେବେଳେ ମାର୍ଚ୍ଚ ୧୯୪୮ ରେ ଜିନ୍ନା ପୂର୍ବ ବଙ୍ଗ ଗସ୍ତରେ ଆସିଥିଲେ। ଏକୋଇଶି ମାର୍ଚ୍ଚରେ ସାଧାରଣ ସଭା ଓ ଚବିଶ ମାର୍ଚ୍ଚରେ ଢାକା ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ସମାରୋହରେ ସେ ସ୍ପଷ୍ଟ ଭାବରେ କହିଲେ କି ଦେଶର (ପାକିସ୍ତାନ) ଭାଷା ଉର୍ଦ୍ଦୁ ହିଁ ହେବ। ତାଙ୍କର ଯୁକ୍ତି ଥିଲା କି, ପ୍ରାନ୍ତ ନିଜର କାର୍ଯ୍ୟ ପାଇଁ ବଙ୍ଗଳା ବାଛି ପାରିବ କିନ୍ତୁ ସମ୍ପୂର୍ଣ୍ଣ ଦେଶକୁ ଯୋଡ଼ିବା ଭଳି ଭାଷା ଗୋଟିଏ ହେବା ଦରକାର ଓ ତାହା ହେଉଛି ଉର୍ଦ୍ଦୁ। ସେ ଉର୍ଦ୍ଦୁକୁ ଇସଲାମ୍ ସଂସ୍କୃତି ଓ ମୁସଲିମ୍ ପରମ୍ପରା ସହ ଯୋଡ଼ିଲେ ଓ ଏହାର ବିରୋଧ କରୁଥିବା ବ୍ୟକ୍ତିବିଶେଷଙ୍କୁ ପାକିସ୍ତାନର ଶତ୍ରୁ ତଥା ଦେଶର ଏକତା ପ୍ରତି ବିପଦ ବୋଲି ଦର୍ଶାଇଲେ। ଛାତ୍ରମାନେ ଜିନ୍ନାଙ୍କର ଏହି ବୟାନର ତତ୍କ୍ଷଣାତ୍ ଦୃଢ଼ ବିରୋଧ କରି ନାରାବାଜି କଲେ, "ମାନି ନା", "ମାନି ନା" ଅର୍ଥାତ୍ ଆମେ ମାନିବୁ ନାହିଁ।

ସେହି ସମୟରେ ଛାତ୍ରଙ୍କର ପ୍ରତିନିଧି ମଣ୍ଡଳ ସହ ଆଲୋଚନାରେ ମଧ୍ୟ ଜିନ୍ନା ନିଜ ଜିଦ୍‌ରେ ଅଡ଼ି ବସିଥିଲେ। ପଶ୍ଚିମ ପାକିସ୍ତାନରେ ଉର୍ଦ୍ଦୁ ମୁଖ୍ୟ ଭାଷା ଥିବା ବେଳେ ପୂର୍ବ ପାକିସ୍ତାନରେ ବଙ୍ଗଳା ହେଉଛି ମୁଖ୍ୟ ଭାଷା।

ଭାଷାର ଆବଶ୍ୟକତା କେବଳ କଥାବାର୍ତ୍ତାରେ ନିହିତ ନାହିଁ ବରଂ ଏହା ଶିକ୍ଷା, ନିଯୁକ୍ତି, ସାହିତ୍ୟ ଓ ଶାସନ ସହ ମଧ୍ୟ ଗଭୀର ଭାବରେ ସଂଶ୍ଳିଷ୍ଟ। ଉର୍ଦ୍ଦୁକୁ ସମଗ୍ର ପାକିସ୍ତାନ (ପୂର୍ବ ଓ ପଶ୍ଚିମ)ର ରାଜଭାଷା ରୂପେ ମାନ୍ୟତା ଦେବା ଫଳରେ ପୂର୍ବଭାଗ ସାଂସ୍କୃତିକ ଓ ପ୍ରଶାସନିକ କ୍ଷେତ୍ରରେ ପଛେଇଯିବ ବୋଲି ଏଠାକାର ଲୋକମାନେ ମନେକରିଥିଲେ। ଏହା ହିଁ ବାଟ କଢ଼ାଇ ନେଇଥିଲା ୧୯୫୨ ମସିହାର ଭାଷା ଆନ୍ଦୋଳନକୁ। ଏକୋଇଶି ଫେବୃୟାରୀ ୧୯୫୨ ରେ ଢାକାରେ ପୋଲିସର ଗୁଳି ଚାଳନା ଫଳରେ ଅନେକ ଆନ୍ଦୋଳନରତ ଯୁବକ ମୃତ୍ୟୁବରଣ କରିଥିଲେ। ମୃତକଙ୍କ ମଧ୍ୟରେ ପ୍ରମୁଖ ଥିଲେ ଅବଦୁସ ସଲାମ୍, ରଫିକଉଦ୍ଦିନ୍ ଅହମ୍ମଦ୍, ଅବୁଲ ବରକତ୍ ଏବଂ ଅବଦୁଲ ଜବାର। ଏମାନଙ୍କର ବଳିଦାନକୁ ସ୍ମରଣୀୟ କରିବା ପାଇଁ ଏକୋଇଶି ଫେବୃୟାରୀକୁ ଆନ୍ତର୍ଜାତୀୟ ମାତୃଭାଷା ଦିବସ ଭାବେ ୟୁନେସ୍କୋ ତରଫରୁ ଘୋଷଣା କରାଗଲା ୧୯୯୯ ମସିହାରେ। ପରିଶେଷରେ ୧୯୫୬ ମସିହାରେ ବଙ୍ଗଳା ଭାଷାକୁ ପାକିସ୍ତାନର ସମ୍ବିଧାନରେ ରାଜ୍ୟ ଭାଷାର ମାନ୍ୟତା ମିଳିଲା। କିନ୍ତୁ ସେତେବେଳକୁ ଏହି ଭାଷାଗତ ବିବାଦ ଅତ୍ୟନ୍ତ ଜଟିଳ ଆକାର ଧାରଣ କରିସାରିଥିଲା। ଭାଷାର ଏହି ଅସନ୍ତୋଷ ଧୀରେ ଧୀରେ ଏକ ରାଜନୈତିକ ବିଚ୍ଛିନ୍ନତା ସୃଷ୍ଟି କଲା ଓ ଶେଷରେ ଏହା ଯାଇ ପହଞ୍ଚିଲା ୧୯୭୧ ର ମୁକ୍ତି ସଂଗ୍ରାମରେ। ବାଂଲାଦେଶର ସରକାରୀ ତଥ୍ୟ ଅନୁଯାୟୀ ଏହି ଯୁଦ୍ଧରେ ତିରିଶ ଲକ୍ଷ ଲୋକ ମୃତ୍ୟୁବରଣ କରିଥିଲେ।

ଆଜିର ଏହି ବିରୋଧ ମୁକ୍ତି ସଂଗ୍ରାମର ସ୍ମୃତି ସହ ଜଡ଼ିତ ଅଛି। ବିରୋଧୀ ପକ୍ଷ କହୁଛନ୍ତି କି ବାଂଲାଦେଶ ସେହି ମାଟି ଉପରେ ନିର୍ମିତ ହୋଇଛି ଯେଉଁଠି ଅଗଣିତ ଯୁବପୀଢ଼ି ବଙ୍ଗଳା ଭାଷା ପାଇଁ ଜୀବନ ଦେଇଛନ୍ତି। ସେମାନଙ୍କୁ ସଂଗ୍ରହାଳୟରେ ଜିନ୍ନାଙ୍କୁ ଏକ ସମ୍ମାନଜନକ ସ୍ଥାନ ଦେବା, ଅତୀତ ଇତିହାସର ଅପମାନ କରିବା ଭଳି ମନେ ହେଉଛି।

ତେବେ କ'ଣ ଆଜି ପର୍ଯ୍ୟନ୍ତ ବାଂଲାଦେଶ ଜିନ୍ନାଙ୍କୁ କ୍ଷମା କରିପାରିନାହିଁ? ଏହି ପ୍ରଶ୍ନର ସରଳ ଉତ୍ତର ହେଉଛି କି ବାଂଲାଦେଶର ରାଜନୈତିକ ଓ ସାମାଜିକ ପରିବେଶ ଜିନ୍ନାଙ୍କର ଉର୍ଦ୍ଦୁକୈନ୍ଦ୍ରିକ ନୀତିକୁ ଆଜି ପର୍ଯ୍ୟନ୍ତ ସ୍ୱୀକାର କରିନାହିଁ। ଯୁବପୀଢ଼ି ତାଙ୍କୁ ପ୍ରାୟତଃ ଏକ ବଙ୍ଗାଳୀ ବିରୋଧୀ ଶାସକ ରୂପରେ ଦେଖିଆସିଛି। କିଛି ଲୋକ ତାଙ୍କୁ ଉପମହାଦ୍ୱୀପର ମୁସଲିମ୍ ରାଜନୈତିକ ଇତିହାସର ଏକ ପ୍ରମୁଖ ବ୍ୟକ୍ତିତ୍ୱ ବୋଲି ମଧ୍ୟ ବିଚାର କରନ୍ତି। ଇତିହାସରେ କ୍ଷମା ଦେବା ବ୍ୟକ୍ତିଗତ ଭାବନା ଅପେକ୍ଷା ସାମୂହିକ ସ୍ମୃତିର ବିଷୟ ଅଧିକ ହୋଇଥାଏ। କର୍ଜନ ହଲ ଓ ସୁରାଓ୍ୱର୍ଦ୍ଦି ଉଦ୍ୟାନ ଆଜି ମଧ୍ୟ ୧୯୪୮ ର ବିରୋଧକୁ ମନେପକାଇ ଦିଅନ୍ତି। ତେଣୁ ଏହି ଐତିହ୍ୟ ପରିସର ମଧ୍ୟରେ ଜିନ୍ନାଙ୍କର ୧୯୪୮ ମସିହାର ଭାଷଣର ଫଟୋ ଲଗାଇବା ନିଶ୍ଚିତ ପକ୍ଷେ ବାଂଲାଦେଶର ଜନତାଙ୍କୁ ଅପମାନିତ ବୋଧ କରାଇବ। ପାକିସ୍ତାନ ପାଇଁ ଜିନ୍ନା ହେଉଛନ୍ତି ରାଷ୍ଟ୍ରପିତା। ତାଙ୍କର ଫଟୋ ଉପରେ ଛେପ ପକାଇବା ଓ ପାଦ ରଖିବା ଇସଲାମାବାଦର ସ୍ମୃତି ନିମନ୍ତେ ଗଭୀର ଆଘାତ ବୋଲି ମାନିବାକୁ ପଡ଼ିବ। ସେଠାକାର ସରକାର, ମିଡ଼ିଆ ଓ ରାଜନୈତିକ ଦଳ ଏହାକୁ ବାଂଲାଦେଶର "ଐତିହାସିକ ଶତ୍ରୁତା"ର ନୂଆ ଅଧ୍ୟାୟ ବୋଲି କହିପାରନ୍ତି। ଏହାଦ୍ୱାରା ଦୁଇ ଦେଶ ମଧ୍ୟରେ ଆଗରୁ ଥିବା ଦୁର୍ବଳ ସାଂସ୍କୃତିକ ଓ ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ନରମ ହୋଇପାରେ। କୌଣସି ରାଷ୍ଟ୍ର ନିଜର ଜଟିଳ ଇତିହାସକୁ କେବେ ସମ୍ପୂର୍ଣ୍ଣ ଭାବରେ ଲୋପ କରିପାରିବ ନାହିଁ। କିନ୍ତୁ ସଂଗ୍ରହାଳୟ, ପାଠ୍ୟପୁସ୍ତକ ଓ ଛାତ୍ର ରାଜନୀତି ଏହା ସ୍ଥିର କରନ୍ତି, କି ଅତୀତକୁ କିପରି ସନ୍ତୁଳନତାର ସହିତ ପରିପ୍ରକାଶ କରାଯାଇପାରିବ।

ଜିନ୍ନାଙ୍କ ଫଟୋକୁ ନେଇ ଉଠିଥିବା ବିରୋଧ ଏହା ପ୍ରମାଣିତ କରୁଛି କି ବାଂଲାଦେଶ ଆଜି ପର୍ଯ୍ୟନ୍ତ ଭାଷା ବିଦ୍ୱେଷକୁ ଭୁଲି ନାହିଁ। ଏଠାରେ ଇତିହାସ ବନ୍ଦ ପୁସ୍ତକ ନୁହେଁ ବରଂ ଅଟେ ଜୀବନ୍ତ ଯୁକ୍ତି।


+ମେଡିକାଲ ଅଫିସର
ଓଡ଼ିଶା ସ୍ୱାସ୍ଥ୍ୟ ସେବା,ଭୁବନେଶ୍ୱର
ମୋ: ୮୧୪୪୦୪୨୯୯୭

ତେବେ କ'ଣ ଆଜି ପର୍ଯ୍ୟନ୍ତ ବାଂଲାଦେଶ ଜିନ୍ନାଙ୍କୁ କ୍ଷମା କରିପାରିନାହିଁ? ଏହି ପ୍ରଶ୍ନର ସରଳ ଉତ୍ତର ହେଉଛି କି ବାଂଲାଦେଶର ରାଜନୈତିକ ଓ ସାମାଜିକ ପରିବେଶ ଜିନ୍ନାଙ୍କର ଉର୍ଦ୍ଦୁକୈନ୍ଦ୍ରିକ ନୀତିକୁ ଆଜି ପର୍ଯ୍ୟନ୍ତ ସ୍ୱୀକାର କରିନାହିଁ। ଯୁବପୀଢ଼ି ତାଙ୍କୁ ପ୍ରାୟତଃ ଏକ ବଙ୍ଗାଳୀ ବିରୋଧୀ ଶାସକ ରୂପରେ ଦେଖିଆସିଛି। କିଛି ଲୋକ ତାଙ୍କୁ ଉପମହାଦ୍ୱୀପର ମୁସଲିମ୍ ରାଜନୈତିକ ଇତିହାସର ଏକ ପ୍ରମୁଖ ବ୍ୟକ୍ତିତ୍ୱ ବୋଲି ମଧ୍ୟ ବିଚାର କରନ୍ତି। ଇତିହାସରେ କ୍ଷମା ଦେବା ବ୍ୟକ୍ତିଗତ ଭାବନା ଅପେକ୍ଷା ସାମୂହିକ ସ୍ମୃତିର ବିଷୟ ଅଧିକ ହୋଇଥାଏ।

ଡିଜିଟାଲ ଯୁଗରେ ମାନବିକତାର ସୁରକ୍ଷା ଆଜିର ବଡ଼ ଆହ୍ୱାନ

ବିକାଶର ଦୌଡ଼ରେ ମଣିଷ ଯେପରି ନିଜର ମାନବିକ ମୂଲ୍ୟବୋଧକୁ ହରାଇ ନ ବସେ, ସେଥିପ୍ରତି ସମାଜ ସଚେତନ ହେବା ଆବଶ୍ୟକ। ବର୍ତ୍ତମାନର ଯୁଗ ହେଉଛି ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ଡିଜିଟାଲ ବିପ୍ଳବର ଯୁଗ। ମଣିଷ ଆଜି ନିଜର ବୁଦ୍ଧି ଓ ବିଜ୍ଞାନ ବଳରେ ଅସମ୍ଭବକୁ ସମ୍ଭବ କରିପାରୁଛି। ହାତରେ ଥିବା ଛୋଟ ମୋବାଇଲ ଫୋନ୍‌ଟି ସାରା ବିଶ୍ୱକୁ ଆମ ନିକଟରେ ପହଞ୍ଚାଇ ଦେଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ବାଣିଜ୍ୟ, ଯୋଗାଯୋଗ ଓ ପ୍ରଶାସନିକ କାର୍ଯ୍ୟରେ ଡିଜିଟାଲ ପ୍ରଯୁକ୍ତିର ବ୍ୟବହାର ଜୀବନକୁ ଅନେକ ସହଜ କରିଛି। କିନ୍ତୁ ଏହି ଅଭୂତପୂର୍ବ ପରିବର୍ତ୍ତନ ମଧ୍ୟରେ ଗୋଟିଏ ପ୍ରଶ୍ନ ଆଜି ସମାଜ ସମ୍ମୁଖରେ ଛିଡ଼ା ହୋଇଛି—ଆମେ କ'ଣ ପ୍ରକୃତ ଉନ୍ନତି କରୁଛୁ, ନା କେବଳ ଆଧୁନିକତାର ଚାକଚକ୍ୟ ମଧ୍ୟରେ ନିଜର ମାନବିକତାକୁ ହରାଇବାକୁ ବସିଛୁ? ଉନ୍ନତିର ଅର୍ଥ କେବଳ ରାସ୍ତାଘାଟ, ବଡ଼ ବଡ଼ ଅଟ୍ଟାଳିକା, ଶିକ୍ଷାନୁଷ୍ଠାନ ଓ ଆଧୁନିକ ଯନ୍ତ୍ରପାତିର ବୃଦ୍ଧି ନୁହେଁ। ପ୍ରକୃତ ଉନ୍ନତି ହେଉଛି ମଣିଷର ଜୀବନଧାରଣର ମାନରେ ସୁଧାର, ସମାଜରେ ସମାନତାର ପ୍ରତିଷ୍ଠା, ଦୁର୍ବଳ ଓ ଅସହାୟଙ୍କୁ ସହାୟତା, ନାରୀଙ୍କୁ ସମ୍ମାନ, ଶିଶୁଙ୍କୁ ସୁରକ୍ଷା ଏବଂ ପ୍ରତ୍ୟେକ ନାଗରିକଙ୍କୁ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ଯୋଗାଇଦେବା। ଯେଉଁ ସମାଜରେ ଧନୀ ଆହୁରି ଧନୀ ହେଉଥିବା ବେଳେ ଗରିବ ମୌଳିକ ସୁବିଧା ପାଇଁ ସଂଘର୍ଷ କରେ, ଯେଉଁଠାରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ତଙ୍କ ପାଇଁ ସହଜରେ ଉପଲବ୍ଧ ହୁଏନାହିଁ, ସେଠାରେ ବିକାଶର ସଫଳତାକୁ ପୂର୍ଣ୍ଣାଙ୍ଗ ବୋଲି କୁହାଯାଇପାରିବ ନାହିଁ। ବର୍ତ୍ତମାନ ସାମାଜିକ ଗଣମାଧ୍ୟମ ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ପାଲଟିଛି। ଦେଶର କୋଣ ଅନୁକୋଣର ଖବର କ୍ଷଣିକ ମଧ୍ୟରେ ଲୋକଙ୍କ ନିକଟରେ ପହଞ୍ଚିପାରୁଛି। ସାଧାରଣ ଲୋକ ମଧ୍ୟ ନିଜର ମତାମତ ପ୍ରକାଶ କରିବାର ସୁଯୋଗ ପାଉଛନ୍ତି। ଏହା ନିଶ୍ଚିତ ଭାବେ ଏକ ସକାରାତ୍ମକ ପରିବର୍ତ୍ତନ। କିନ୍ତୁ ଏହାର ଅନ୍ୟ ଏକ ଦିଗ ମଧ୍ୟ ରହିଛି। ବିନା ଯାଞ୍ଚରେ ଖବର ପ୍ରସାରଣ, ଗୁଜବ, ମିଥ୍ୟା ସୂଚନା, ବ୍ୟକ୍ତିଗତ ଆକ୍ରମଣ ଓ ଘୃଣାମୂଳକ ମନ୍ତବ୍ୟ ସମାଜରେ ଅଶାନ୍ତି ସୃଷ୍ଟି କରୁଛି। କୌଣସି ଘଟଣାର ସତ୍ୟତା ଜାଣିବା ପୂର୍ବରୁ ତାହାକୁ ଅନ୍ୟମାନଙ୍କ ନିକଟକୁ ପଠାଇଦେବା ଆଜି ଏକ ସାଧାରଣ ଅଭ୍ୟାସ ହୋଇପଡ଼ିଛି। ଏହି ପ୍ରବୃତ୍ତି କେବଳ ବ୍ୟକ୍ତିବିଶେଷଙ୍କ ସମ୍ମାନକୁ କ୍ଷୁଣ୍ଣ କରୁନାହିଁ, ବରଂ ସମାଜରେ ଅବିଶ୍ୱାସ ଓ ବିଭେଦକୁ ମଧ୍ୟ ବଢ଼ାଉଛି। ଏଭଳି ପରିସ୍ଥିତିରେ ନାଗରିକଙ୍କ ଡିଜିଟାଲ ସାକ୍ଷରତା ସହିତ ନୈତିକ ଦାୟିତ୍ୱବୋଧର ବିକାଶ ଅତ୍ୟନ୍ତ ଜରୁରୀ। କୌଣସି ସୂଚନାକୁ ବିଶ୍ୱାସ କରିବା କିମ୍ବା ପ୍ରସାରଣ କରିବା ପୂର୍ବରୁ ତାହାର ଉତ୍ସ ଓ ସତ୍ୟତା ଯାଞ୍ଚ କରିବା ଆବଶ୍ୟକ। ସ୍ୱାଧୀନ ମତପ୍ରକାଶର ଅଧିକାର ରହିଛି, କିନ୍ତୁ ଏହା ସହିତ ଅନ୍ୟର ସମ୍ମାନ ଓ ଅଧିକାର ପ୍ରତି ସମ୍ବେଦନଶୀଳ ରହିବା ମଧ୍ୟ ଆମର କର୍ତ୍ତବ୍ୟ। ଏହା ସହିତ ଆମ ସମାଜରେ ଶିକ୍ଷା ଓ ସ୍ୱାସ୍ଥ୍ୟର ପ୍ରଶ୍ନ ଆଜି ମଧ୍ୟ ଗୁରୁତ୍ୱ ବହନ କରୁଛି। ଗ୍ରାମାଞ୍ଚଳର ଅନେକ ଲୋକଙ୍କ ପାଇଁ ଉନ୍ନତ ଚିକିତ୍ସା, ଗୁଣାତ୍ମକ ଶିକ୍ଷା ଓ ନିଯୁକ୍ତିର ସୁଯୋଗ ପାଇବା ସହଜ ନୁହେଁ। ଅନେକ ପରିବାର ଆଜି ମଧ୍ୟ ଜୀବିକା ନିର୍ବାହ ପାଇଁ ଦୈନିକ ସଂଘର୍ଷ କରୁଛନ୍ତି। କୃଷକ ଜଳବାୟୁର ଅନିଶ୍ଚିତତା, ଉତ୍ପାଦନ ଖର୍ଚ୍ଚ ଓ ଉପଯୁକ୍ତ ବଜାର ମୂଲ୍ୟର ସମସ୍ୟା ସହ ଲଢ଼ୁଛନ୍ତି। ଯୁବପିଢ଼ି ଶିକ୍ଷା ଶେଷ କରିବା ପରେ ନିଜ ଯୋଗ୍ୟତା ଅନୁଯାୟୀ କାମ ପାଇବାକୁ ଆଶା ରଖୁଛନ୍ତି। ଏହି ସମସ୍ୟାଗୁଡ଼ିକର ସମାଧାନ କେବଳ ଘୋଷଣାରେ ସମ୍ଭବ ନୁହେଁ; ଏଥିପାଇଁ ଆବଶ୍ୟକ ସୁଚିନ୍ତିତ ଯୋଜନା, ସ୍ୱଚ୍ଛ ପ୍ରଶାସନ ଓ ନିରନ୍ତର କାର୍ଯ୍ୟାନୁଷ୍ଠାନ। ଗଣତନ୍ତ୍ରରେ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ବିଶ୍ୱାସ ହେଉଛି ସବୁଠାରୁ ବଡ଼ ପୁଞ୍ଜି। ଜନସାଧାରଣଙ୍କ ଟିକସରୁ ସଂଗୃହୀତ ଅର୍ଥ ଲୋକକଲ୍ୟାଣରେ ବ୍ୟୟ ହେବା ଉଚିତ। ଉନ୍ନୟନମୂଳକ ଯୋଜନାର ସୁଫଳ ଯେପରି ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚେ, ସେଥିପାଇଁ ଦୁର୍ନୀତି ନିୟନ୍ତ୍ରଣ, ପ୍ରଶାସନିକ ଉତ୍ତରଦାୟିତ୍ୱ ଓ ସାମାଜିକ ନିରୀକ୍ଷଣକୁ ଗୁରୁତ୍ୱ ଦେବାକୁ ହେବ। ସରକାରୀ କାର୍ଯ୍ୟାଳୟରେ ସାଧାରଣ ଲୋକଙ୍କୁ ଅଯଥା ହଇରାଣ ହେବାକୁ ପଡ଼ିବ ନାହିଁ, ଗରିବ ଲୋକ ନ୍ୟାୟ ପାଇବାରୁ ବଞ୍ଚିତ ହେବେ ନାହିଁ ଏବଂ ଅଭିଯୋଗର ଉପଯୁକ୍ତ ଶୁଣାଣି ହେବ—ଏହା ହିଁ ଏକ ଦାୟିତ୍ୱବାନ ପ୍ରଶାସନର ପରିଚୟ। ଏଠାରେ ଗଣମାଧ୍ୟମର ଭୂମିକା ମଧ୍ୟ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଗଣମାଧ୍ୟମ କେବଳ ଖବର ପ୍ରସାରଣର ମାଧ୍ୟମ ନୁହେଁ; ଏହା ଗଣତନ୍ତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରହରୀ। ଜନସାଧାରଣଙ୍କ ସମସ୍ୟାକୁ ସରକାର ଓ ପ୍ରଶାସନ ସମ୍ମୁଖରେ ଉପସ୍ଥାପନ କରିବା, ଅନିୟମିତତାକୁ ଲୋକଲୋଚନକୁ ଆଣିବା ଏବଂ ସଫଳତାର କାହାଣୀକୁ ସମାଜ ସମ୍ମୁଖରେ ରଖିବା ଗଣମାଧ୍ୟମର ଦାୟିତ୍ୱ। କିନ୍ତୁ ଏହି ଦାୟିତ୍ୱ ପାଳନ କରିବା ସମୟରେ ତଥ୍ୟର ସତ୍ୟତା, ନିରପେକ୍ଷତା ଓ ନୈତିକତାକୁ ସର୍ବାଧିକ ପ୍ରାଧାନ୍ୟ ଦେବା ଆବଶ୍ୟକ। ସମ୍ବାଦର ଶିରୋନାମା ଆକର୍ଷଣୀୟ କରିବା ନାମରେ ସତ୍ୟକୁ ବିକୃତ କରିବା କିମ୍ବା ଅପ୍ରମାଣିତ ଅଭିଯୋଗକୁ ନିଷ୍କର୍ଷ ଭାବେ ପ୍ରଚାର କରିବା ସାମ୍ବାଦିକତାର ମୂଳ ଆଦର୍ଶର ବିରୋଧୀ। ମାନବିକତାର ସୁରକ୍ଷା ପାଇଁ ପରିବାର ଓ ଶିକ୍ଷାନୁଷ୍ଠାନର ଭୂମିକାକୁ ମଧ୍ୟ ଅଣଦେଖା କରାଯାଇପାରିବ ନାହିଁ। ଶିଶୁମାନେ କେବଳ ପାଠ୍ୟପୁସ୍ତକରୁ ଶିକ୍ଷା ଲାଭ କରନ୍ତି ନାହିଁ; ସେମାନେ ବଡ଼ମାନଙ୍କ ଆଚରଣ, ବ୍ୟବହାର ଓ ନିଷ୍ପତ୍ତିରୁ ମଧ୍ୟ ଅନେକ କିଛି ଶିଖନ୍ତି। ତେଣୁ ଛୋଟବେଳୁ ସତ୍ୟବାଦିତା, ଶୃଙ୍ଖଳା, ପରୋପକାର, ପରିବେଶ ସୁରକ୍ଷା ଓ ଅନ୍ୟର ମତକୁ ସମ୍ମାନ କରିବାର ଶିକ୍ଷା ଦେବା ଆବଶ୍ୟକ। ପ୍ରତିଯୋଗିତାର ଯୁଗରେ ଶିଶୁଙ୍କୁ କେବଳ ଅଧିକ ନମ୍ବର ହାସଲ କରିବାକୁ ପ୍ରେରଣା ଦେଲେ ହେବ ନାହିଁ; ସେମାନଙ୍କୁ ଜଣେ ଭଲ ମଣିଷ ଭାବେ ଗଢ଼ି ତୋଳିବା ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ଆଜି ପରିବେଶ ସୁରକ୍ଷା ମଧ୍ୟ ଆମ ସମ୍ମୁଖରେ ଏକ ବଡ଼ ଆହ୍ୱାନ। ଜଙ୍ଗଲ ନଷ୍ଟ, ଜଳ ପ୍ରଦୂଷଣ, ପ୍ଲାଷ୍ଟିକର ଅବାଧ ବ୍ୟବହାର ଓ ଅନିୟନ୍ତ୍ରିତ ସହରୀକରଣ ପ୍ରକୃତିର ସନ୍ତୁଳନକୁ ପ୍ରଭାବିତ କରୁଛି। ଏହାର ପ୍ରଭାବ କୃଷି, ଜୀବିକା, ଜଳସମ୍ପଦ ଓ ମାନବ ସ୍ୱାସ୍ଥ୍ୟ ଉପରେ ପଡୁଛି। ପ୍ରକୃତିକୁ ଅବହେଳା କରି କୌଣସି ବିକାଶ ଦୀର୍ଘସ୍ଥାୟୀ ହୋଇପାରିବ ନାହିଁ। ତେଣୁ ବୃକ୍ଷରୋପଣ, ଜଳ ସଂରକ୍ଷଣ, ପରିମିତ ପ୍ଲାଷ୍ଟିକ ବ୍ୟବହାର ଓ ସ୍ୱଚ୍ଛତାକୁ ଜନଆନ୍ଦୋଳନର ରୂପ ଦେବାକୁ ହେବ। ପ୍ରତ୍ୟେକ ନାଗରିକ ନିଜ ଦାୟିତ୍ୱ ବୁଝିଲେ ପରିବେଶ ସୁରକ୍ଷା ଏକ ସାମୂହିକ ସଫଳତାରେ ପରିଣତ ହୋଇପାରିବ। ସମାଜରେ ପରିବର୍ତ୍ତନ ଆଣିବା ପାଇଁ କେବଳ ସରକାରଙ୍କ ଉପରେ ନିର୍ଭର କରିବା ଯଥେଷ୍ଟ ନୁହେଁ। ପ୍ରତ୍ୟେକ ନାଗରିକଙ୍କର କିଛି ନା କିଛି ଦାୟିତ୍ୱ ରହିଛି। ଆମେ ରାସ୍ତାରେ ଆବର୍ଜନା ନ ପକାଇବା, ନିୟମ ପାଳନ କରିବା, ଦୁର୍ବଳଙ୍କୁ ସହଯୋଗ କରିବା, ଅନ୍ୟାୟ ଦେଖିଲେ ଆଇନସମ୍ମତ ଭାବେ ପ୍ରତିବାଦ କରିବା ଏବଂ ନିଜ କର୍ତ୍ତବ୍ୟ ପ୍ରତି ସଚେତନ ରହିବା ଆବଶ୍ୟକ। ଛୋଟ ଛୋଟ ସକାରାତ୍ମକ ପଦକ୍ଷେପ ମିଶି ଏକ ବଡ଼ ସାମାଜିକ ପରିବର୍ତ୍ତନର ଭିତ୍ତି ଗଢ଼ିପାରେ। ପରିଶେଷରେ କୁହାଯାଇପାରେ ଯେ, ଆଧୁନିକତାକୁ ଗ୍ରହଣ କରିବା ସହିତ ମାନବିକତା, ନୈତିକତା ଓ ସାମାଜିକ ଦାୟିତ୍ୱବୋଧକୁ ଜୀବନର ମୂଳମନ୍ତ୍ର କରିବା ଆଜିର ସମୟର ଆବଶ୍ୟକତା। ବିଜ୍ଞାନ ଆମକୁ ସୁବିଧା ଦେଇପାରେ, ପ୍ରଯୁକ୍ତି ଆମକୁ ଦ୍ରୁତଗତିରେ ଆଗକୁ ନେଇପାରେ, କିନ୍ତୁ ମଣିଷକୁ ପ୍ରକୃତ ମଣିଷ କରିଥାଏ ତାହାର ବିବେକ, ସମ୍ବେଦନଶୀଳତା ଓ ପରୋପକାରୀ ମନୋଭାବ। ଆମେ ଯଦି ବିକାଶ ସହିତ ମୂଲ୍ୟବୋଧ, ପ୍ରଗତି ସହିତ ପରିବେଶ ସୁରକ୍ଷା ଏବଂ ସ୍ୱାଧୀନତା ସହିତ ଦାୟିତ୍ୱକୁ ସମାନ ଗୁରୁତ୍ୱ ଦେଇପାରିବା, ତେବେ ଏକ ସୁସ୍ଥ, ସମୃଦ୍ଧ ଓ ମାନବିକ ସମାଜ ଗଠନର ସ୍ୱପ୍ନ ନିଶ୍ଚିତ ଭାବେ ସାକାର ହୋଇପାରିବ।

ଧନ, ମନ, ଶରୀରର ଇନ୍ଦ୍ରିୟ ସୁଖ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଧନ, ମନ, ଶରୀରର ଇନ୍ଦ୍ରିୟ ସୁଖ। କାହା ପାଇଁ ଦାମ୍ପତ୍ୟ ଜୀବନ? ଏ ପ୍ରଶ୍ନ ଯୁବକ ମାନଙ୍କୁ ଯୁବତୀ ମାନଙ୍କୁ ତାଙ୍କ ମୁରବୀ ମାନଙ୍କୁ, ପୁଣି ବରପୁତ୍ର ଓସ୍ତ ପତ୍ର ଯୋଡ଼ି ଜୀବିକା କରିବା ଘଟକ ମାନଙ୍କୁ ଏବେ ଧର୍ମଜ୍ଞାନର ପ୍ରଶ୍ନ। ବିବାହ ଖେଳଘର ନୁହଁ ଏହା ବିଭାଘର, ଏହାର ଶାସ୍ତ୍ର ନିର୍ଦ୍ଦେଶ, ମୂଲ୍ୟବାନ ଅଭିଧାନିକ ଅର୍ଥ, ତତ ସହିତ ଯେ କୌଣସି ଧର୍ମୀୟ ନିର୍ଦ୍ଦେଶ ନାମାକୁ କେହି ହୁଏତ ଭଲ କରି ଏବେ ବୁଝି ନାହାନ୍ତି। ଗୋଟିଏ ବିଲୁଆ ସେ ନନା ଡାକ ପାଇଛି ତା ମୂଳରେ ଅଛି ଏକ ପାଳିତା ମାନବ କନ୍ୟା ସେ ଦାନ କରିଛି, କନ୍ୟାଦାନ ସବୁଠାରୁ ଶେଷ ଦାନ ବା ମୂଲ୍ୟବାନ ଦାନ। ତନ୍ତ୍ରରେ କୁମାରୀ ପୂଜା ଗୁରୁତ୍ୱପୂର୍ଣ୍ଣ ଏହା ରଜସ୍ୱଳା ହୋଇ ନଥିବା କନ୍ୟାକୁମାରୀକୁ ପୂଜା ବିଧାନ ରହିଛି। କେଉଁ କେଉଁ ଜାତିର କନ୍ୟା, କେତେ ବର୍ଷ ବୟସର କନ୍ୟା ପୂଜା କରାଯିବ ଏହାର ସ୍ୱତନ୍ତ୍ର ନିୟମ ଓ ମାନ୍ୟତା ଅଛି। ପୁଣି କନ୍ୟା ଦାନ ସହ ଯାନ ଆସନ ବି ଦାନ କରାଯାଏ। କନ୍ୟାର ପିତାମାତାଙ୍କ କନ୍ୟା ଜନ୍ମ ହୋଇ ସେହି ୧୧/୧୨ ପର୍ଯ୍ୟନ୍ତ ଦାମ୍ପତ୍ୟ ସୁଖ ଭୋଗ କରନ୍ତି ସିନା କନ୍ୟା ବିବାହ ପାରେ ସେ ସୁଖ ନିଜ ସନ୍ତାନ ସୃଷ୍ଟି ପାଇଁ ନୁହେଁ ନିଜ ଝିଅ ପୁଅଙ୍କ ସନ୍ତାନ ପାଇଁ ଲାଳାୟିତ ହୁଅନ୍ତି। ଝିଅର ସନ୍ତାନକୁ ମାଆର ସନ୍ତାନ ଏକ ବେଳରେ ହେବା ବଡ଼ ଲଜ୍ଜା ସଂକୋଚ ବିଷୟ। ବାପା ପୁଅ ଏପରି ବିଷୟରୁ ବି ମୁକ୍ତ ନୁହଁନ୍ତି।

ଦେଖନ୍ତୁ ଶରଦା ଆଇନ ପରେ ଝିଅ ମାନଙ୍କ ବିବାହ ଅଠର ବର୍ଷ ପରେ ଧାର୍ଯ୍ୟ ହେବା ପରେ ଜନସଂଖ୍ୟା କେତେ ବଢ଼ି ଚାଲିଛି ଅଥଚ ତା ପୂର୍ବରୁ କଣ ଏମିତି ସଂଖ୍ୟା ଏହି ହାରରେ ବଢ଼ୁଥିଲା କି? ହଁ କାନୁନରେ ଜନସଂଖ୍ୟା ରୋକ ଲାଗିବା ପାଇଁ କରାଯାଇଛି କିନ୍ତୁ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଧର୍ମୀୟ କାନୁନ ସଂସ୍କାର କରାଯାଇ ନାହିଁ, ଫଳରେ ଚୀନ ଦେଶ ଜନସଂଖ୍ୟା ଦିନେ ଏକ ନମ୍ବରରୁ ହଟି ଭାରତ ଏବେ ୧ନମ୍ବର ଏହା ଦେଶର କେତେ ଯେ ସମସ୍ୟା କରାଉଛି ତାହା ଅବର୍ଣ୍ଣନୀୟ। ହିନ୍ଦୁ ବିବାହ ନିୟମ ଉପରେ କଟକଣା ସରକାର ଲଗାଇବା, ଅନୁଚିତ ନୁହେଁ କିନ୍ତୁ କି ପ୍ରକାର ଶିକ୍ଷା ଦିଆଗଲେ ସଗର ବଂଶ, ଯଦୁ ବଂଶ ପରି ଅତି ଉନ୍ନତ ବଂଶ ପରିସ୍ଥିତି ଉପୁଜିବା ଅବସ୍ଥା ଆସିବ ନାହିଁ ଏ କଥା କେହିବି ଭାବୁ ନାହାଁନ୍ତି। ମହାଭାରତ ଯୁଦ୍ଧ ଏକ ପରିବାର ସମୟକୁ ଦ୍ୱିଧା ହୋଇ ଏକ ଅଂଶ ବଢ଼ି ବଢ଼ି ଶତକଡ଼ା ଶତ ହେବାରୁ ଯାଗା ନଖଟ। ହେଲା ଅନ୍ୟାୟ ଆରମ୍ଭ, ଅନ୍ୟକୁ ସବୁ ମୌଳିକ ଅଧିକାରରୁ ବଞ୍ଚିତକରା ଯିବାରୁ ଯୁଦ୍ଧ ଅନିବାର୍ଯ୍ୟ ହେଲା। ଶେରେ ଯୁବ ଶକ୍ତି ଅବକ୍ଷୟ। ରାଜଧନଖଜଣା ଖାନାରୁ ଇତି, ଚାଷ ନାହିଁ ବୃତ୍ତି ବେଉସା ବୁଡ଼ିଲା ମାଳମାଳ ବିଧବା, ଅନାଥ ଶିଶୁ, କି ପରିସ୍ଥିତି ଏହା ସମସ୍ତଙ୍କ ପଠିତ ବିଷୟ। ବିବାହ ଏକ ହିନ୍ଦୁ ପବିତ୍ର ସଂସ୍କାର କିନ୍ତୁ ଆଜି ଏହା ଆଇନ ନିୟନ୍ତ୍ରଣକୁ ଆସିଲାଣି।


ବିବାହ ହେଲେ ଜାତିଭାଇ ବନ୍ଧୁ ବାନ୍ଧବ ପଡ଼ୋଶୀ, ପୁରୋହିତ, ଜାଣିବା ପୂର୍ବରୁ ନିକଟ ପୋଲିସ ଥାନାକୁ ଜଣାଇବାକୁ ପଡୁଛି। ଅନେକ ପ୍ରେମ ବିବାହରେ ଧର୍ମ ଜାତି ରକ୍ତ ସମ୍ପର୍କ, ଗୋତ୍ର କେହିବି ଖୋଜୁ ନାହାଁନ୍ତି। ଦଉା ପହରୀ ପାପ କଣ? ନା ବର ପିତା ନା କନ୍ୟା ପିତା ବୁଝି ନାହାନ୍ତି। ସବୁ ରାଜକାନୁନରେ ବଳୀୟାନ, ଧର୍ମବିଧି ସମ୍ପୂର୍ଣ୍ଣ ଅଣଦେଖା। ସମୟ ରୋଜଗାରୀ ଶିକ୍ଷିତ ଲୋକଙ୍କୁ କରାଉଛି, କିନ୍ତୁ ଧର୍ମ ବିଚ୍ୟୁତି କରାଉଛି। ସ୍ୱୀକାର, ସତ୍ୟପାଠ, ଅଗ୍ନୀ ସାକ୍ଷୀ, ବିପ୍ର ବାକ୍ୟର ମୂଲ୍ୟ ନାହିଁ। କନ୍ୟା ବରଙ୍କ ସ୍ୱସ୍ୱ ମତ ମେଳ ଖାଇବା କେବେ ବି ହେଉ ନାହିଁ। ସ୍ତ୍ରୀ ସହ ସ୍ତ୍ରୀ ଧନ ସଂଗ୍ରହ ମହାକୌଶଳକୁ ଧନାଢ଼୍ୟ ଚାକିରୀ ଉପୁରି ବର ଖୋଜା କନ୍ୟାର ପରିଜନ ପସନ୍ଦ, ଅଗୁସାର। ସନ୍ତାନ ବଳ ଏକ ମହାବଳ ଏହାର ପଇଁ ପିତାମାତା ପିତୃସେବା ଦେବା ସେବା ଅତିଥି ସେବା ନା ବ୍ରତ ଉପବାସର ଧାର ଧରୁନାହାନ୍ତି, ସବୁ ଲଟାରୀ ଭାଗ୍ୟ ପରୀକ୍ଷାରେ ନିମଗ୍ନ। ମଦ ଖୋଲା ବଜାରରେ ସରକାରୀ ଆଇନରେ ଉପଲବ୍ଧ ତାହା ପେଟରେ ପଡ଼ିଲେ ଚୌଦ ଭୁବନ ଦିଶେ, କେତେ ଦମ୍ପତି ଏଇ ମଦ ନିଶା ପାଇଁ ବର୍ବାଦ ଛାଡ଼ ଛାଡ଼। ବୟସ ବଢ଼ି ବିବାହ କାର୍ଯ୍ୟ ସଂସ୍କାର ହେଉନାହିଁ, ହେଉଛି ଲୋକ ଦେଖାଣିଆ ସମ୍ପର୍କ। ଦିଲ୍ଲୀକା ଲଡ୍ଡୁ ଯୋଖାୟା ଓ ପସ୍ତାଏଗା ଯୋନାହିଁ ଖାୟା ଓଭି ପସ୍ତାଏଗା।

+ସମ୍ପାଦକ 'ନିୟତି' ଅରୁଣୋଦୟ
ନଗର, କଟକ,
ମୋ: ୯୪୩୭୧୦୩୧୨୫୩

କବିତା କୋଣାର୍କ

ପ୍ରଣୟ ପଲ୍ଲବ

ଡ. ଶୁଭେନ୍ଦୁ ମେହେର



ଶରତ ନିଶୀଥେ ସରସୀର ବୁକେ
ସ୍ମିତହାସ୍ୟ ବିକଶାଇ,
ରକତ ଅଧର ଚୁମ୍ବି ସୁଧାକର
ପ୍ରେମେ ଚାରୁ ନାଲି କଇଁ ।
ମଧୁର ମାନସେ ମତ୍ତ ମଧୁପ
ଗୁଞ୍ଜରଇ ନୀଳ ନୀର,
କାକର କୋମଳ ମୋତି ପ୍ରାୟେ
ଶୋଭେ
ଘୋଟିଥାଇ ନିଶାକର।

ପଙ୍କରୁ ଜନମ ପବିତ୍ର ପୀରତି
ପଟାନ୍ତର ନାହିଁ ତା'ର,
ଲାଜୁକୀ ଲତିକା ଲହରୀ ବିଳାସେ
ଅପୂର୍ବ ରଙ୍ଗ ବିସ୍ତାର ।
ଅନୁପ୍ରାସ ଅଳଙ୍କାରେ ଆଭୂଷିତ
ହୋଇ ଶୋଭା ପାଏ ସ୍ୱପ୍ନ,
ଚପଳ ଚାହାଣୀ ଚାରୁ ଚନ୍ଦ୍ରମୁଖୀ
ପ୍ରାୟେ ପ୍ରେମ ଓ ଯୌବନ ।

ଅରୁଣ ଉଦୟେ ଆଖି ବୁଜି ଦିଏ ଫୁଟାଇ
ପାଖୁଡ଼ା କଳି,
ଭାବୁକ ଭାବନା ଭରେ ଉନ୍ମାଦନା ଭାବ
ରସେ କୋଳାକୋଳି ।
ରଜନୀର ରାଣୀ ରକ୍ତ କମଳ ପ୍ରେମ
ଜ୍ୟୋତି ଦିଏ ଘେରି,
ଜନ ମାନସରେ ମିଠା ସମ୍ମୋହନ
ମତି ଗତି ନିଏ ହରି ।

ରକ୍ତିମ କିରଣେ ଆଖି ବୁଜି ଦେଇ ଫୁଟଇ
ସଞ୍ଜରେ ପୁଣି,
ଚପଳ ଛନ୍ଦରେ ମୁକୁଳା
କେଶରେ ଅଳସୀ ରଜନୀ ରାଣୀ ।।

+ଯାଲୋଏ, ସୁବର୍ଣ୍ଣପୁର
ମୋ-୯୯୩୮୪୩୩୬୬୪

ଜୀବନ ହୋଇଛି ଧନ୍ୟ

ପ୍ରଶାନ୍ତ କୁମାର ନାୟକ

ତୋ ଭଳି ବନ୍ଧୁଟେ ପାଇଛି ଜୀବନେ
ହୋଇଛି ଜୀବନ ଧନ୍ୟ,
କେଉଁ ଜନମର ତପସ୍ୟା କେଜାଣି
କେଉଁ କରମର ପୂଣ୍ୟ ।

ଦୁଃଖ ଶୁଣିବାକୁ ନାହିଁ କେହି ମୋର
ତୋ ବିନା ଜଗତ ନାଥ,
ଜାଣିନାହିଁ ମୁଁ ଯେ କେତେଦୂର ଆଉ
ଗଡିବ ଜୀବନ ରଥ ।

ତୁ ନିଜେ ଗଢିଛୁ ଅମୃତ ସଂସାର
ମାନବ ସାଜିଛି ବିଷ,
ବିଷକୁ ବିଷରେ କାଢିଦେ କାଳିଆ
ଦୁନିଆ ହେବନି ଶେଷ ।

ଆଜିର ଦୁନିଆ କଲୁଷିତମୟ
ବରଷାଅ ବ୍ରହ୍ମ ଜ୍ଞାନ,
ତୁମେ ହିଁ ସମସ୍ୟା ତୁମେ ସମାଧାନ
ତୁମେ ପୁଣି ସଂଶୋଧନ ।

ଆଶୀର୍ବାଦ କର ପ୍ରଭୁ ଚକ୍ରଧର
ହରି ନିଅ ଦୁଃଖ ମୋର,
ଅନ୍ୟାୟ ପଥକୁ ପାଦମୋ ନଯାଉ
ଏତିକି ସୁଦୟା କର ।

+ୟୁନିଟ୍-୦୫; ଭୁବନେଶ୍ୱର
ଫୋନ-୮୨୪୯୬୫୦୪୧୪







ଝୁମୁକୁଝୁମି / ଧ୍ୱନି ପ୍ରତିଧ୍ୱନି

ଆମ କୁନାକୁନିଙ୍କ ଆପଣା ପୃଥିବୀ ୫ ଶନିବାର, ୨୪ ଅକ୍ଟୋବର ୨୦୨୬

ବନବାସୀଙ୍କ ନାୟକ ତେଲଙ୍ଗା ଖଡ଼ିଆ



ସୁଧାଂଶୁ ଶେଖର ଦ୍ୱିବେଦୀ



ଭାରତ ଉପରେ ଆକ୍ରମଣ ସୁଲତାନଙ୍କ ଦ୍ୱାରା ହେଉ କି ଇଂରେଜ ଦ୍ୱାରା ହୋଇଥାଉ ବନ୍ୟ ଅଞ୍ଚଳର ଅଧିବାସୀମାନେ କେବେ ବି ଦାସତ୍ୱ ସ୍ୱୀକାର କରି ନଥିଲେ। ସ୍ୱାଧୀନତା ପାଇଁ ଅହରହ ସଙ୍ଘର୍ଷ କରି ନିଜକୁ ବଳିଦାନ ଦେଇଛନ୍ତି। ବନ୍ୟ ଅଞ୍ଚଳର ଅଧିବାସୀଙ୍କ ସୁରକ୍ଷା ନିମନ୍ତେ ତେଲଙ୍ଗା ଖଡ଼ିଆ ଥିଲେ ନାୟକ। ଯିଏ ବନବାସୀ ଯୁବକମାନଙ୍କୁ ସଙ୍ଗଠିତ କରି ସଶସ୍ତ୍ର କ୍ରାନ୍ତି ଆରମ୍ଭ କରିଥିଲେ। ଇଂରେଜ ଶକ୍ତିଠାରୁ ମୁକ୍ତିର ପ୍ରତ୍ୟକ ସଙ୍ଘର୍ଷକୁ ବିଦ୍ରୋହର ନାମ ଦିଆହୋଇଛି। ତେଲଙ୍ଗା ଖଡ଼ିଆଙ୍କ ନେତୃତ୍ୱରେ ଘଟିଥିବା ସଙ୍ଘର୍ଷକୁ ମଧ ବିଦ୍ରୋହ ପୂର୍ବକ ଦମନ କରାହୋଇଛି। ଇତିହାସ ପୃଷ୍ଠାରେ ଏହି ବିଦ୍ରୋହକୁ 'ଖଡ଼ିଆ ବିଦ୍ରୋହ' କୁହାଯାଏ।

ଇଂରେଜ ସୈନିକମାନେ ବନ୍ୟ ଅଞ୍ଚଳ ଗ୍ରାମରେ ପ୍ରବେଶ କରି ବିଦ୍ରୋହ କଲେ। ଅଗଣିତ କ୍ରାନ୍ତିକାରୀ ମୃତ୍ୟୁ ବରଣ କଲେ ହେଲେ ସେମାନଙ୍କର ନାମ ଇତିହାସରେ ଲିପିବଦ୍ଧ ହୋଇନାହିଁ। ଏହି ସଙ୍ଘର୍ଷରେ ଇଂରେଜମାନଙ୍କର ଦମନକାରୀ ଆଦେଶ ଏଭଳି କ୍ରୁର ହୋଇଥିଲା ଯେ ସମସ୍ତ ବନ୍ୟ ସମ୍ପଦ ଇଂରେଜ ଅଧିକାର କରି ନେଇଥିଲା ଏବଂ କର ଆଦାୟ ନିମନ୍ତେ ନିଜର ଏଜେଣ୍ଟ ନିଯୁକ୍ତି କରିଥିଲା। କର ପଇଠ କରି ନପାରି ଅଧିକାଂଶ ବନବାସୀ ବାସହୀନ ହୋଇଗଲେ। ଜୀବନଯାପନ କରିବା ପାଇଁ ବଡ଼ ସମସ୍ୟା ସୃଷ୍ଟି ହେଲା। ଇଂରେଜ ଏଜେଣ୍ଟବନବାସୀ ସମୁହଙ୍କଠାରୁ ବନ୍ୟ ସମ୍ପଦ ଏକତ୍ର କରି ଶୋଷଣ କରୁଥାଏ। ଏଭଳି ଅବସ୍ଥାରେ ବନ୍ୟକ୍ଷେତ୍ରରେ ବିରୋଧ ହେଲା ସତ ମାତ୍ର ସାମୁହିକ ସ୍ୱର ଶୁଭିଲା ନାହିଁ।

୧୮୦୬ ମସିହା ଫେବୃଆରୀ ୯ ତାରିଖରେ ବିହାର ରାଜ୍ୟର ଗୁମୁଲା ଜିଲ୍ଲା ଅନ୍ତର୍ଗତ ମୁରଗୁ ଗ୍ରାମରେ ତେଲଙ୍ଗା ଖଡ଼ିଆଙ୍କର ଜନ୍ମ ହୋଇଥିଲା। ସେତେବେଳେ ଉକ୍ତ କ୍ଷେତ୍ର ଛୋଟ ନାଗପୁର ଅଧୀନରେ ଥାଏ। ପିତା ହୁଇଆ ଖଡ଼ିଆ ଜଣେ ସାଧାରଣ ଚାଷୀ ଥାଆନ୍ତି।ପରେ ଇଂରେଜମାନଙ୍କ ଦ୍ୱାରା ନିଜ ଗାଁ ମୁରୁଗୁରେ ବନ୍ୟ ସମ୍ପଦ ସଂଗ୍ରହକାରୀ ଭାବେ ନିଯୁକ୍ତି ହୋଇ କାର୍ଯ୍ୟ କରିଥିଲେ। ତାଙ୍କ କାର୍ଯ୍ୟ ହେଲା ବନ୍ୟ ସମ୍ପଦ ସଂଗ୍ରହ କରି ରଖିବା ଏବଂ ଇଂରେଜ ଏଜେଣ୍ଟକୁ ଖବର ଦେବା। ମାତା ନିଜ ସାମାଜିକ ପରମ୍ପରାରେ ସମର୍ପିତ ସୁଗୃହିଣୀ ଥିଲେ। କୃଷି ତଥା ଶାସନାଧୀନ ଅଞ୍ଚଳର ବନ୍ୟ ସମ୍ପଦ ସଂଗ୍ରହ କରିବା କାରଣରୁ ପରିବାରର ପ୍ରତିଷ୍ଠା ବନ୍ୟ କ୍ଷେତ୍ରରେ ମଜବୁତ୍ ଥାଏ।

ତେଲଙ୍ଗା ପିଲାଟି ଦିନରୁ ବୀର ସାହସୀ ଥିଲେ। ବଳିଷ୍ଠ ଶରୀର ସହିତ ପାରମ୍ପାରିକ ଶସ୍ତ୍ର ତୀର ଚାଳନା, ତରବାରି, ଠେଙ୍ଗା ଆଦି ସଞ୍ଚାଳନ ସହିତ କୁସ୍ତି ଲଢ଼ିବାରେ ଆଗୁଆ ଥିଲେ। ତାଙ୍କ ସହ କେହି ବି ଲଢେଇରେ ଜିତିପାରୁ ନଥିଲେ। କ୍ରମଶଃ ଗ୍ରାମର ଯୁବକମାନଙ୍କୁ ସଂଗଠିତ କରି ଏକ ଦଳ ଗଢିଲେ। ଯୁବକମାନଙ୍କ ମଧ୍ୟରେ ପାରମ୍ପାରିକ ଖେଳ ଏବଂ ଶରୀରକୁ ମଜବୁତ କରିବା ନିମନ୍ତେ ଆଖଡା ଆରମ୍ଭ କଲେ। ସମୟ ସହିତ ସେ ବି ଦିନେ ବଡ ହେଲେ। ବିବାହ ବୟସ ହେଲା। ରତନି ଖଡ଼ିଆଙ୍କ ସହିତ ତାଙ୍କର ବିବାହ ସମ୍ପନ୍ନ ହେଲା। କ୍ଷେତ ବାଡ଼ିରେ ଚାଷ କଲେ। କିନ୍ତୁ ତାଙ୍କ ମନ ମଧ୍ୟରେ ଗୋଟେ ଚିନ୍ତା ସବୁବେଳେ ବିବ୍ରତ କରୁଥାଏ।କର ଦେବା ସହିତ ବନବାସୀଙ୍କଦ୍ୱାରା ଉତ୍ପନ୍ନ କୃଷି ଦ୍ରବ୍ୟ ଇଂରେଜ ଅଧିକାର କରି ନେଉଛି।ଦିନେ ସେ ଇଂରେଜ ଆଦେଶକୁ ଅମାନ୍ୟ କରି କହିଲେ- ଭୂମି ଆମର, ଜଙ୍ଗଲ ଆମର,ପରିଶ୍ରମ କରି ଆମେ ଫସଲ ଅମଳ କରୁଛୁ ତାହେଲେ ଇଂରେଜ ସରକାର କଣପାଇଁ ଆମଠାରୁ କୃଷି ଦ୍ରବ୍ୟ ଛଡେଇ ନେବ? ଯୁବକଦଳ ତାଙ୍କ ବିରୋଧକୁ ସମର୍ଥନ କରି ସୁସଙ୍ଗଠିତ ହେଲେ। ଅମଳ ଫସଲ ଓ କର ଦେବାପାଇଁ ଇଂରେଜ ସରକାରକୁ ମନା କରିଦେଲେ। ତେଲଙ୍ଗା ଖଡ଼ିଆଙ୍କ ନେତୃତ୍ୱରେ ଯୁବଗୋଷ୍ଠୀ ଗଛ ଉପରେ ଛପିରହି ଇଂରେଜ ତରଫରୁ ଆସୁଥିବା କର ଆଦାୟକାରୀ ପ୍ରତି ଆକ୍ରମଣ କରି ଅଧା ରାସ୍ତାରୁ ଫେରାଇଦେଲେ। ତାଙ୍କ ଦଳରେ ଆଖପାଖ ବନ୍ୟ ଗ୍ରାମର ଅନେକ ଯୁବକ ସାମିଲ ହେଲେ। ପରେ ପରେ ସେହି ଦଳ ଏକ ସୁସଙ୍ଗଠିତ ପଞ୍ଚାୟତ ଗଢିଲା। ଦଳର ଶାଖା ପ୍ରତିଟି ବନ୍ୟକ୍ଷେତ୍ର ଗାଁରେ ସ୍ଥାପନା କରାହେଲା। ଗାଁର ପ୍ରତ୍ୟକ ଯୁବକ ଙ୍କୁ ସଶସ୍ତ୍ର ଶିକ୍ଷାର ତାଲିମ ଦେଇ ଗୁରିଲ୍ଲା ଯୁଦ୍ଧ ନିମନ୍ତେ ପ୍ରସ୍ତୁତ କରାଗଲା। ଦଳର ସାମୁହିକ ଶକ୍ତି ଏବଂ ସକ୍ରିୟତାରେ ଅତିଷ୍ଠ ହୋଇ ଇଂରେଜ ସରକାର ଆଉ କର କି ଅମଳ ହେଉଥିବା ଫସଲ ଅସୁଲ କରିପାରିଲା ନାହିଁ। ଇଂରେଜ ଦ୍ୱାରା ନିଯୁକ୍ତ ଏଜେଣ୍ଟ ଇଲାକା ଛାଡି ପଳାୟନ କଲା।

୧୮୮୦ ଅପ୍ରେଲ ୨୩ ତାରିଖ। ତେଲଙ୍ଗା ନିଜର ବିଶ୍ୱସ୍ତ ସହଯୋଗୀଙ୍କ ସହିତ ଅନ୍ୟ ଗାଁକୁ ଯାଉଥାନ୍ତି। ପୂର୍ବରୁ ଇଂରେଜ ସୈନିକମାନେ ରାସ୍ତା ପାର୍ଶ୍ୱ ଝାଡ଼ି ଭିତରେ ଛପି ରହିଥିଲେ। ଯେମିତି ଖଡ଼ିଆଙ୍କ ଦଳ ଝାଡ଼ି ନିକଟସ୍ଥ ହୋଇଛନ୍ତି ହଠାତ୍ ଗୁଳି ବର୍ଷା ହେଲା। ଆକସ୍ମିକ ଏଭଳି ଗୁଳି ବର୍ଷା ହେଲା ଯେ ଖଡ଼ିଆଙ୍କ ସମେତ ସମ୍ପୂର୍ଣ୍ଣ ଦଳ ସେଇଠି ବଳିଦାନ ହୋଇଗଲେ । ତାପରେ ଇଂରେଜ ସୈନିକମାନେ ଗ୍ରାମ ମଧ୍ୟରେ ପଶିଲେ। ଇଂରେଜ ବିରୋଧୀଙ୍କୁ ଖୋଜା ଚାଲିଲା। ଯାହା ପ୍ରତି ସନ୍ଦେହ ହେଲା ତାକୁ ବନ୍ଧୁକ ନଳୀ ସମ୍ମୁଖରେ ଛିଡା କରାଇ ଗୁଳି ମରାଗଲା। ଏଭଳି ଅମାନବୀୟ ଦମନରେ କେତେ ଯେ କ୍ରାନ୍ତିକାରୀଙ୍କର ବଳିଦାନ ହୋଇଛି ଇତିହାସ ପୃଷ୍ଠାରେ ତାର ହିସାବ ନାହିଁ। ଯେଉଁ ଇଂରେଜ ସିପାହୀ ବେଘନ ସିଂହ ଗୁଳିରେ କ୍ରାନ୍ତିକାରୀ ତେଲଙ୍ଗା ଖଡ଼ିଆଙ୍କର ବଳିଦାନ ହେଲା ତାକୁ ପଦୋନ୍ନତି ମିଳିଲା। ଇତିହାସ ପୃଷ୍ଠାରେ ଏହି ସଙ୍ଘର୍ଷ ବିଷୟରେ ଖୁବ୍ କମ୍ ଲେଖାଅଛି କିନ୍ତୁ ଲୋକ ଗୀତରେ ତେଲଙ୍ଗା ଖଡ଼ିଆ ଆଜି ବି ଜୀବିତ ଅଛନ୍ତି।


+ ବିସି-୭୪, ସଲ୍ଟ ଲେକ୍, କଲକତା-୬୪
ମୋ-୯୬୮୧୩୭୩୫୧୨

ବିଜ୍ଞାନ ଗବାକ୍ଷ-୨୧

କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ



ଭୂତ କଣିକାର ଖୋଜରେ



ଗୋଟେ କଣିକା ସମ୍ପର୍କରେ ବର୍ଷ ବର୍ଷ ଧରି ଯେଉଁ ରହସ୍ୟ ଲାଗି ରହିଥିଲା ତାହା କୌଣସି ଆଧୁନିକ ରୋମାଂଚକର ରହସ୍ୟମୟ ଡିଟେକ୍ଟିଭ କାହାଣୀଠାରୁ କମ୍ ନୁହେଁ। ସେ କଣିକାଟିର ନାମ ହେଉଛି "ନ୍ୟୁଟ୍ରିନୋ"। ଏହାକୁ ଭୂତ କଣିକା ମଧ୍ୟ କୁହାଯାଏ।

ଗୋଟେ କଣିକାକୁ ଭୂତ କଣିକା କହିବାର କାରଣ କ'ଣ? ପିଲାଦିନେ ଭୂତ କଥା ଶୁଣିଲେ ଆମେ ସମସ୍ତେ ପ୍ରାୟ ଭୟଭୀତ ହେଉଥିଲେ, ଏବେ କିନ୍ତୁ କଥା ଅଲଗା। ବଡ଼ ହେଲା ପରେ ଅଧିକାଂଶ ଲୋକଙ୍କର ଭୂତ ଭୟ ନଥାଏ। ଭୂତମାନେ ଯେ କୌଣସି ଜାଗାକୁ ଯାଇପାରନ୍ତି। ଯେଉଁ ରୂପ ଚାହିଁବେ ସେ ରୂପ ଧରି ପାରନ୍ତି। ଗଛ ଡାଳକୁ ହଲେଇ ଲୋକଙ୍କୁ ଡରାଇ ପାରନ୍ତି। ନଈକୂଳ ବା ଶ୍ମଶାନରେ ଅଦ୍‌ଭୂତ ରୂପରେ ଛିଡ଼ା ହୋଇପାରନ୍ତି।

'ନ୍ୟୁଟ୍ରିନୋ' କଣିକା ସେହିପରି କିଛି ବ୍ୟବହାର ବା ଆଚରଣ ପ୍ରଦର୍ଶନ କରେ। ସେ ଆଚରଣ ଗୁଡ଼ିକ ଏହିପରି (କ) ନ୍ୟୁଟ୍ରିନୋ ସହଜରେ କଠିନ ପଦାର୍ଥକୁ ଭେଦକରି ଯାତ୍ରା କରିପାରନ୍ତି। (ଖ) ଏହି କଣିକାଗୁଡ଼ିକ ବିଦ୍ୟୁତ୍-ଚୁମ୍ବକୀୟ ପ୍ରତିବନ୍ଧକକୁ ମାନନ୍ତି ନାହିଁ। ସୂର୍ଯ୍ୟ ଓ ବାହ୍ୟ ମହାକାଶରୁ ଆସୁଥିବା ଇଲେକ୍ଟ୍ରୋନ୍ ଓ ପ୍ରୋଟନ୍ ପୃଥିବୀର ଚୁମ୍ବକୀୟ ବଳୟରେ ବନ୍ଦୀ ହୋଇ ରୁହନ୍ତି। ମାତ୍ର ନ୍ୟୁଟ୍ରିନୋ ସେ ବଳୟକୁ ସହଜରେ ଭେଦ କରିପାରନ୍ତି। (ଗ) ସେମାନେ କେବଳ 'ଉଇକ୍ ଫୋର୍ସ' ବା 'ଦୁର୍ବଳ ଶକ୍ତି' ଦ୍ୱାରା ପ୍ରଭାବିତ ହୁଅନ୍ତି ଯାହାକୁ ସାଧାରଣତଃ ଗୋଟେ ପରମାଣୁର ନ୍ୟୁକ୍ଲିଅସରେ ଥାଏ।

ନ୍ୟୁଟ୍ରିନୋ ସଂପର୍କରେ ଆଉ କେତୋଟି ଚମତ୍କାର କଥା:

(କ) ସୂର୍ଯ୍ୟଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଏକ ନ୍ୟୁଟ୍ରିନୋ ପୃଥିବୀର ଉତ୍ତର ମେରୁରେ ପ୍ରବେଶ କରି ଦକ୍ଷିଣ ମେରୁରୁ ବାହାରି ଯିବ ଯେପରି ତା ବାଟରେ କେବଳ ଶୂନ୍ୟସ୍ଥାନ ଅଛି।

(ଖ) ନ୍ୟୁଟ୍ରିନୋକୁ କୋଟି କୋଟି କିଲୋମିଟର ମୋଟେଇର ସୀସା ମଧ୍ୟ ଅଟକେଇ ପାରିବନି।

(ଗ) ଆମ ଶରୀରକୁ ପ୍ରତି ସେକେଣ୍ଡରେ କୋଟି କୋଟି ନ୍ୟୁଟ୍ରନ୍ ଭେଦ କରି ଚାଲି ଯାଉଛନ୍ତି ଯାହା ଆମେ ଜାଣିପାରୁନାହିଁ।

ଏହି ଭୂତ କଣିକାକୁ ଚିହ୍ନିଛନ୍ତି ଓ ଧରିଛନ୍ତି ପୃଥିବୀର ଜଣେ ଶ୍ରେଷ୍ଠ ବୈଜ୍ଞାନିକ ଫ୍ରାନ୍‌ସିସ୍ ହାଲ୍‌ଜେନ୍। ଏହା ମହାନ୍ ଆବିଷ୍କାର ଲାଗି ତାଙ୍କୁ ୨୦୨୬ ମସିହାରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ଦିଆଯାଇଛି।

ବେଲଜିୟମ୍ ଜନ୍ମିତ ଆମେରିକୀୟ ବୈଜ୍ଞାନିକ ୧୯୮୮ ମସିହାରେ ନ୍ୟୁଟ୍ରିନୋ ସଂପର୍କରେ ତାଙ୍କର ସିଦ୍ଧାନ୍ତକୁ ଉପସ୍ଥାପନ କରିଥିଲେ। ବର୍ଷ ବର୍ଷ ଧରି ରହସ୍ୟମୟ ଥିବା ଏହି କଣିକା ସଂପର୍କରେ ବେଶି କିଛି ତଥ୍ୟ ପ୍ରକାଶିତ ହୋଇନଥିଲା। କେବଳ ଏତିକି କଥା ଜଣାଥିଲା ଯେ ଏହି ଭୂତ କଣିକା ରେଡିଓ ଆକ୍ଟିଭ ପଦାର୍ଥର ବିଘଟନ ସମୟରେ ପରମାଣୁର ନାଭିକୀୟ କେନ୍ଦ୍ରରେ ସୃଷ୍ଟିହୁଏ ଏବଂ ବିଶ୍ୱବ୍ରହ୍ମାଣ୍ଡର କୌଣସି ଅଜଣା ଭାଗରେ ସୃଷ୍ଟି ହୁଏ।

ନ୍ୟୁଟ୍ରିନୋ ମଣିଷ ଫ୍ରାନସିସ୍ ହାଲ୍‌ଜେନ୍: ପ୍ରଥମଥର ପାଇଁ ହାଲ୍‌ଜେନ୍ ୧୯୮୮ ମସିହାରେ ଦକ୍ଷିଣ ମେରୁରେ ଥିବା ଶୁଦ୍ଧ ବରଫର ବ୍ୟବହାର କରି ନ୍ୟୁଟ୍ରିନୋର ବାଟକୁ ରେକର୍ଡ କରିବାକୁ ପ୍ରସ୍ତାବ ଦେଇଥିଲେ। କାମ ଏତେ ସହଜ ନଥିଲା। ଦକ୍ଷିଣ ମେରୁରେ ବର୍ଷ ବର୍ଷ କାମ ଚାଲିଲା ଏବଂ ଶେଷକୁ ୨୦୧୧ ମସିହାରେ ତାଙ୍କର 'ଆଇସ୍ କ୍ୟୁବ୍' 'ବରଫ ସମଘନ' ପ୍ରୟୋଗଶାଳା ପ୍ରସ୍ତୁତ ହେଲା। ୫୦୦୦ରୁ ଅଧିକ ସମ୍ବେଦକ ବା ସେନ୍ସର ନ୍ୟୁଟ୍ରିନୋର ଗତିପଥ ଓ ଆଚରଣକୁ ରେକର୍ଡ କରିବାକୁ ସକ୍ଷମ ହେଲେ। ଶେଷକୁ ମହାଜାଗତିକ ଏହି ଭୂତ କଣିକା ଧରା ପଡ଼ିଲା ଏବଂ ବିଶ୍ୱ ବ୍ରହ୍ମାଣ୍ଡ ସଂପର୍କରେ ବୈଜ୍ଞାନିକମାନଙ୍କୁ କିଛି ତଥ୍ୟ ଦେଲା।

ଏ ବିଶାଳ ବିଶ୍ୱ ବ୍ରହ୍ମାଣ୍ଡ ରହସ୍ୟର ଗନ୍ତାଘର। ପ୍ରକୃତିର ଏହି ରହସ୍ୟମାନଙ୍କୁ ଉନ୍ମୋଚିତ କରିବାକୁ ଆମର ବୈଜ୍ଞାନିକମାନେ ସର୍ବଦା କାର୍ଯ୍ୟରତ। 'ଈଶ୍ୱର କଣିକା' ଖଡ୍ଗ ପାଟିକ୍ଲି ପରି 'ଭୂତକଣିକା' ଘୋଷ୍ଟ ପାଟିକ୍ଲି ନିଶ୍ଚୟ ଆମର ଜ୍ଞାନର ପରିସୀମାକୁ ବର୍ଦ୍ଧିତ କରିବ।

(କ୍ରମଶଃ)

+ ପ୍ରାକ୍ତନ ମହାକାଶ ବିଜ୍ଞାନୀ ଓ ଲେଖକ
ମୋ: ୯୯୩୮୭୬୯୯୦୮

ଶ୍ରମିକ ଭାଇ

ଧ୍ରୁବ ଚରଣ ବେହେରା

ଶ୍ରମିକ ଭାଇ ସେ ଶ୍ରମିକ ଭାଇ
ଦେଶ ଦୁନିଆକୁ ଯିଏ ଗଢଇ ।

ମୁଣ୍ଡ ଝାଳକୁ ସେ ତୁଣ୍ଡରେ ମାରି
ଗଢେ ଘର, ରାସ୍ତା, କୋଠା, ପାଚେରୀ ।

ରାସ୍ତା ପୋଲ ପୁଣି ସବୁଠି ସେବା
ଶ୍ରମିକ ବିନା କି ଆମେ ବଞ୍ଚିବା.... ?

ଅଳପ ଟଙ୍କାରେ ଚଳି ଯାଆଇ
ନିଜ କୁଟୁମ୍ବର ବଳଟେ ସେହି ।

ନଥାଏ ତା' ମନେ ଗର୍ବ ବିକାର
ଶ୍ରମିକ ବିନା ତ ଦେଶ ଅନ୍ଧାର ।

ଶ୍ରମିକ ନଥିଲେ ନ ମିଳେ ସେବା
ଶ୍ରମିକଙ୍କୁ ଆମେ ସମ୍ମାନ ଦେବା ।

ଦେଶ ହିତ ଲାଗି ଜନ୍ମ ତାଙ୍କର
ଶ୍ରମ ସତ୍ୟ, ଶ୍ରମ, ଶିବ, ସୁନ୍ଦର ।

ଆସ ମିଳିମିଶି କାମ କରିବା
ଶ୍ରମ, କର୍ମ ବଳେ ଆଗେଇ ଯିବା ।

ବିକଶିତ ହେବ ଦେଶ ଆମର
ଶ୍ରମିକ ଭାଇ ସେ ଦେଶର ବୀର ।

ଶ୍ରମିକ, କୃଷକ, ସୈନିକ ସେବା
ସଦା ବନ୍ଦନୀୟ ଆମେ ମାନିବା ।

ଶ୍ରମିକ ଭାଇରେ ଶ୍ରମିକ ଭାଇ
ତୋପରି କୁଶଳୀ ନାହିଁରେ କେହି ।

+ ଅବସରପ୍ରାପ୍ତ ସାମରିକ ସେବା
ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
ମୋ: ୮୩୨୮୯୩୦୫୫୪

ମୋବାଇଲ୍ ଛାଡି ପଢିବା ବହି....

ରାମଚନ୍ଦ୍ର ବେହେରା



ମୋବାଇଲ୍‌ଟିଏ ହାତରେ ଧରି
ପିଲାଟିଏ ଖେଳେ ଆନନ୍ଦ ଭରି
ପାଠ ବହିରୁ ତା ହଟଇ ମନ
ପରୀକ୍ଷା ଖାତାରେ ମିଳଇ ଶୂନ
ବୁଦ୍ଧି ବିଚାରି
ମୋବାଇଲ୍ ପାଶୁ ହୋଇବା ଦୂରୀ।

ମୋବାଇଲ୍ ଛାଡି ପଢିବା ବହି
ଭୁଲି ରାଗ ରୋଷ ଭଉଣୀ ଭାଇ
ସୀମିତ କରିବା ତା'ବ୍ୟବହାର
ଦେଖି ଛୁଟିଦିନ ସମୟ କାଳ
କଲେ ଏମିତି
ପାଠରେ ରହିବ ଆମରି ମତି।

ବହିକୁ ପଢିଲେ ବଢିବ ଜ୍ଞାନ
ଭଲ ଚାଟ ବୋଲି ମିଳିବ ମାନ
ଆଜି ଶିଶୁ ଆମେ କାଲିକୁ ବଡ
ଭଲ କାମ କରି ଜିତିବା ଗଡ
ନକରି ଭ୍ରମ
ପାଠକୁ ମାନିବା ଜୀବନ ଧର୍ମ।

ସମୟର ସହ ଆଗେ ବଢିବା
ମୋବାଇଲ୍ ଆମେ ନିଷ୍ଟେ ଧରିବା
ମୋବାଇଲ୍ ନୁହେଁ ଅଦରକାରୀ
ଶିଶୁ ପାଇଁ ସିଏ ନୁହେଁ ଜରୁରୀ
ଯା'ପାଇଁ ଯାହା
ମାନିଲେ ବିଧାତା ହୋଇବେ ସାହା।

+ ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

ଟିକି ଚଢ଼େଇ

ପବିତ୍ର କୁମାର ସାହୁ



ଟିକି ଚଢ଼େଇଟେ କର ମୋତେ ପ୍ରଭୁ
ଉଡ଼ି ଯିବି ଆକାଶକୁ।
ନୀଳ ଆକାଶରେ ଡେଣା ମେଲି ଦେଇ
ଛୁଇଁବି କଳା ମେଘକୁ ।

ସୂରୁଜ ଉଇଁଲେ ଗଛ ଡାଳେ ବସି
ଗାଇବି ମଧୁର ଗୀତ।
ମାଆ ସାଥେ ବୁଲି ବଣ ରାଇଜରେ
ସଭିଙ୍କୁ କରିବି ମିତ।

ନଦୀ ପରବତ ଜଙ୍ଗଲ ଡେଇଁ ମୁଁ
ଯିବି କେତେ ଦୂର ଦେଶ।
ସବୁଜ ବଣରେ ବସାଟିଏ ବାନ୍ଧି
ଦେଖିବି ତାହାରି ବେଶ।

ସାଙ୍ଗ ମେଳେ ସଦା ଖୁସିରେ ଖେଳିବି
ଡାଳରୁ ଡାଳକୁ ଡେଇଁ।
ମିଠା କଥା କହି ମନ କିଣି ନେବି
ରାଗ ରୁଷା ଭୁଲି ଯାଇ।

ଖୋଜି ମୁଁ ଆଣିବି ଖାଇବା ଦରବ
ଟିକି ଥଣ୍ଟିରେ ମୋର।
ବିପଦ ଆସିଲେ ପର ପାଇଁ ନିଜେ
ଖୋଲିବି ଭଣ୍ଡାର ଘର।

ଜୀବନରେ ଯେତେ ଆସୁ ଦୁଃଖ କଷ୍ଟ
ହସି ହସି ସହି ନେବି।
ପର ସେବା କରି ଦୁନିଆଁରେ ଦିନେ
ତୁମ ପରି ବଡ଼ ହେବି।


ଏତିକି କରୁଣା ଆଶିଷ ଢାଳ ହେ
ଜଗତ ଗୋସାଇଁ ବାରେ।
ଭଲ କାମ କରି ତୁମ ଅଗଣାରେ
ଉଡ଼ିବି ଖୁସି ମନରେ।

+ ସଂସ୍କୃତ ଶିକ୍ଷକ
ଅଡାସାହି, ଆନନ୍ଦପୁର, କେନ୍ଦୁଝର
ମୋ -୯୭୭୭୫୬୦୯୨୧

ନିଛାଟିଆ ନଈପଠା



ପ୍ରଦ୍ୟୁମ୍ନ ପଟ୍ଟନାୟକ



ଧରମା ଗୋଟିଏ ଆଦିବାସୀ ପିଲା। ଛୋଟ ବେଳୁ ଭଲ ପାଠ ପଢ଼େ । ତା' ବାପା ମା' ବେଶୀ ପାଠ ପଢ଼ି ନଥିଲେ । ଗାଁ ମାଷ୍ଟର ତାଙ୍କୁ ଡାକି କହିଲେ, 'ତୁମ ପୁଅ ଧରମା ଭଲ ପାଠ ପଢୁଛି । ତାକୁ ଆଗକୁ ପଢ଼ାଅ । ତା ପାଠ ବନ୍ଦ କରିବ ନାହିଁ ।' ତାଙ୍କ ଗାଁରେ ମାଟ୍ରିକ ପଢ଼ିବାକୁ ସ୍କୁଲ ନଥାଏ । ଧରମାର ବାପା ତାକୁ ନେଇ ଗାଁଠାରୁ ଦୂରରେଥିବା ସ୍କୁଲରେ ପଢ଼ାଇଲେ। ସେଥିପାଇଁ ତାକୁ ହଷ୍ଟେଲରେ ରହିବାକୁ ପଡ଼ିଲା।

ଧରମାର ସ୍କୁଲ ଦଶହରା ପାଇଁ ଛୁଟି ହୋଇଗଲା। ସେ ବହି ବସ୍ତାନି ସହ ତା' ଲୁଗାପଟା ନେଇ ଘରକୁ ଫେରୁଥିଲା । ସେ ପଢୁଥିବା ସ୍କୁଲରୁ ତାଙ୍କ ଗାଁକୁ ଆସିବା ପାଇଁ ଥାଏ ନଦୀକୂଳ ପାଦ ଚଲା ରାସ୍ତା । ଧରମା ଏକୁଟିଆ ସେହି ରାସ୍ତାରେ ଚାଲୁଥାଏ । ଯେ ପର୍ଯ୍ୟନ୍ତ ଲୋକମାନେ ଯିବା ଆସିବା ହେଉଥିଲେ ତାର ଡର ନଥିଲା। ଗୋଟିଏ ଗାଁ ପାରି ହୋଇ ନଦୀ କୂଳରେ ପହଂଚିବା ବେଳକୁ ଆଉ କେହି ଲୋକ ଦେଖାଯାଉ ନଥିଲେ। ନଈକୂଳ ରାସ୍ତା ଶୂନଶାନ ଥିଲା । ତାକୁ ଡର ମାଡୁଥିଲା। ସେ ଦଣ୍ଡେ ଠିଆ ହୋଇ ଚାରି ଆଡ଼କୁ ଚାହିଁଲା। ନଦୀ ପଠାରେ କାଶଫୁଲ ଫୁଟିଥାଏ। ଧଳା ଚଅଁର ପବନରେ ଝୁଲୁଥାଏ। କାଶ ବଣ ଗହଳିଆ ହୋଇଥିଲା। ତା' ଭିତରେ ବିଲୁଆ, ସାପ କି କେହି ଜୀବଜନ୍ତୁ ଲୁଚିଥିବେ ବୋଲି ତାକୁ ଲାଗୁଥିଲା। ଧରମା ପୁଣି ଉପରକୁ ଚାହିଁଲା । ନଦୀ କୂଳରେ ଥିବା ବଡ଼ ବଡ଼ ଗଛ ଗୁଡ଼ିକରେ ହନୁ ମାଙ୍କଡ଼ ବସିଥାନ୍ତି। ଡିଆଁ କୁଦା କରୁଥାନ୍ତି । ସେ ଆହୁରି ଡରିଗଲା।

ସେ ବାଟରେ ଆଗରୁ କିମ୍ବା ପଛରୁ କେହି ଲୋକ ଆସୁ ନଥାନ୍ତି । ଏପଟେ ବିଲୁଆ ସେପଟେ ମାଙ୍କଡ଼ ଭୟ । ତାଙ୍କ ମଝିରେ ନିଛାଟିଆ ରାସ୍ତାରେ ଯିବାକୁ ଧରମାର ଛାତି ଥରୁଥିଲା । ତା' ପାଦ ଆଗକୁ ବଢୁ ନଥାଏ। ତେଣେ ବେଳେ ବୁଡ଼ି ଆସୁଥାଏ । ଏତିକିବେଳେ ଗୋଟିଏ କୁକୁର ତା' ପଛରୁ ଆସିଲା । ଧରମାର ତାକୁ ଦେଖି ସାହସ ହେଲା। କୁକୁର ତା' ପାଖରେ ଠିଆ ହୋଇ ତା' ଆଡ଼କୁ ଚାହିଁବାରୁ ସେ ତା' ବ୍ୟାଗରୁ କାଢ଼ି ଗୋଟିଏ ବିସ୍କୁଟ ତାକୁ ଖାଇବାକୁ ଦେଲା। କୁକୁର ସେ ବିସ୍କୁଟ ଖଣ୍ଡକୁ ଖାଇଦେଇ ପୁଣି ଧରମା ଆଡ଼କୁ ଚାହିଁଲା। ଧରମା ଆଉଖଣ୍ଡେ ବିସ୍କୁଟ ହାତରେ ଧରି ଆଗକୁ ଚାଲିଲା। କୁକୁର ବିସ୍କୁଟ ଲୋଭରେ ଧରମା ପଛେ ପଛେ ଚାଲୁଥାଏ। ମଝିରେ ମଝିରେ ଖଣ୍ଡିଏ ଲେଖା ବିସ୍କୁଟ ଖାଇବାକୁ ଦେଉଥିବାରୁ ନିଛାଟିଆ ରାସ୍ତାରେ କୁକୁର ତା' ପଛେ ପଛେ ଚାଲୁଥିଲା। ତା' ସାଙ୍ଗରେ କୁକୁର ଥିବାରୁ ଧରମାର ଆଉ ମାଙ୍କଡ଼ କିମ୍ବା ବିଲୁଆ ପ୍ରତି ଭୟ ନଥିଲା।

ଧରମା ତାଙ୍କ ଗାଁରେ ପହଞ୍ଚି ଖୁସୀ ହୋଇ ନିଜ ଘରକୁ ଗଲା। ତା' ସହ ଆସୁଥିବା କୁକୁରଟି ନଦୀ କୂଳେ କୂଳେ କୁଆଡ଼େ ତା' ବାଟରେ ଚାଲିଗଲା। ତା' ପୂର୍ବରୁ ସେ ତାକୁ ନିଛାଟିଆ ରାସ୍ତାରେ ସାଙ୍ଗ ଦେଇଥିବାରୁ ଧରମା ତାକୁ ଆଉ ଦୁଇଖଣ୍ଡ ବିସ୍କୁଟ ଖାଇବାକୁ ଦେଇଥିଲା।

+ ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ ଟାୱାର ଜୟ ଦୁର୍ଗା ନଗର
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬



ଚିକିତ୍ସା ଅବହେଳାରୁ ପ୍ରସୂତିଙ୍କ ମୃତ୍ୟୁ: ବଲାଙ୍ଗିର ମୁଖ୍ୟ ଚିକିତ୍ସାଳୟରେ ଶବ ରଖି ଧାରଣା

ବଲାଙ୍ଗିର,୨୩/୧୦ (ନି.ପ୍ର): ଚିକିତ୍ସା ଅବହେଳାରୁ ପ୍ରସୂତିଙ୍କ ମୃତ୍ୟୁ। ଏଭଳି ଏକ ଅଭିଯୋଗ ଆସିଛି ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ । ମୃତ ମହିଳା ଜଣକ ହେଲେ କଂଟାବାଞ୍ଜି ସହର ଆଶ୍ରମ ପଡାର ମଞ୍ଜୁଲତା ବେହେରା। ବଲାଙ୍ଗିର ଜିଲ୍ଲାରେ ମୁଖ୍ୟ ଚିକିତ୍ସାଳୟର ମାତୃ ଓ ଶିଶୁ ବିଭାଗରେ ଡାକ୍ତର ଓ ନର୍ସଙ୍କ ଘୋର ଅବହେଳା ଯୋଗୁଁ ଏଭଳି ଘଟଣା ଘଟିଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ, ଗତ ତିନିଦିନ ତଳେ ମଞ୍ଜୁଲତାଙ୍କର ପ୍ରସବ ବେଦନା ହେବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ କଂଟାବାଞ୍ଜି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଗର୍ଭାବସ୍ଥାରେ ଶିଶୁର ମୃତ୍ୟୁ ହେବାରୁ ଡାକ୍ତର ତାଙ୍କୁ ବଲାଙ୍ଗିର ସ୍ଥାନାନ୍ତର କରିଥିଲେ। ହେଲେ ବଲାଙ୍ଗିର ଆସିବା ପରେ ତାଙ୍କୁ ଯେଉଁଭଳି ଭାବରେ ଚିକିତ୍ସା ଦିଆଯିବା କଥା ତାହା ଦିଆଗଲା ନାହିଁ। ଯାହାଫଳରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ନର୍ସ ମାନେ ଟଙ୍କା ଲାଂଚ ମାଗିଛନ୍ତି, ଏପରିକି ହସ୍ପିଟାଲ୍ ରେ ଥିବା ସୁରକ୍ଷା କର୍ମୀମାନେ ପରିବାର ଲୋକଙ୍କ କଲର ଧରି ତାଙ୍କୁ ଭିତରୁ ବାହାରକୁ କାଢି ଦେଇଥିବା ଅଭିଯୋଗ କରିଛନ୍ତି। ଘଟଣା ପରେ ହସ୍ପିଟାଲ୍ ରେ ଉତେଜନା ପ୍ରକାଶ ପାଇଥିଲା। ପରିବାର ଲୋକେ ଶବକୁ ବାହାରେ ରଖି ନ୍ୟାୟ ଦାବି କରିଥିଲେ। ଖବର ପାଇ ବଲାଙ୍ଗିର ପୋଲିସ ଘଟଣାସ୍ଥଳରେ ପହଂଚି ପରିବାର ଲୋକଙ୍କୁ ବୁଝାଶୁଝା କରୁଛି । ପରିବାର ପକ୍ଷରୁ ମେଡିକାଲ କର୍ମଚାରୀ, ନର୍ସ, ସିକ୍ୟୁରିଟି କର୍ମଚାରୀଙ୍କ ବିରୁଦ୍ଧରେ ଅଭିଯୋଗ ହୋଇ କାର୍ଯ୍ୟାନୁଷ୍ଠାନ ଦାବୀ ହୋଇଛି ।

ବିଧାୟକଙ୍କୁ ଭେଟିଲେ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ର ସଂସଦ



ଭଦ୍ରକ ,୨୩/୧୦ (ନି.ପ୍ର): ନିର୍ବାଚନରେ ନିର୍ବାଚିତ ସଭାପତି/ ସମ୍ପାଦକଙ୍କ ସମେତ ଇଉଔଉ ସମସ୍ତ ଛାମୁଆ ନେତୃତ୍ୱ ବିଜୁ ଛାତ୍ର ଜନତା ଦଳର ଭଦ୍ରକ ଜିଲ୍ଲା ଛାତ୍ର ସଭାପତି ଙ୍କ ସମେତ ସମସ୍ତ ସଂଗ୍ରାମୀ ନେତୃତ୍ୱ। ଦକ୍ଷ ରାଜନେତା ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ ତଥା ଭଣ୍ଡାରିପୋଖରୀ ବିଧାୟକ:- ସଂଜୀବ୍ କୁମାର ମଲ୍ଲିକଙ୍କ ରାଜନୈତିକ ଗୋଟି ଚାଳନାରେ ବିରୋଧୀ ଦଳକୁ ପରାଜୟର ସ୍ୱାଦ ଚାଖିବାକୁ ପଡ଼ିଥିଲା ବେଳେ ସମସ୍ତ ସଂଗ୍ରାମୀ ଛାତ୍ର ନେତୃତ୍ୱ ବିଜୁ ଛାତ୍ର ଜନତା ଦଳର ସଂଗ୍ରାମୀ ଛାତ୍ର ସଙ୍ଗଠନ ସୈଜନ୍ୟ ମୂଳକ ଭାବେ ବିଧାୟକ-ସଂଜୀବ୍ କୁମାର ମଲ୍ଲିକଙ୍କୁ ତାଙ୍କ ବାସଭବନରେ ଭେଟିଥିବା ବେଳେ ବିଧାୟକ ସମସ୍ତ ନିର୍ବାଚିତ ଛାତ୍ର ନେତୃତ୍ୱଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଇଛନ୍ତି ଆଗାମୀ ଦିନରେ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ର ଉନ୍ନତି ପ୍ରଗତି ଛାତ୍ରଛାତ୍ରୀ ମାନଙ୍କ ସମସ୍ୟା ର ସମାଧାନ ପାଇଁ ଲଢେଇ ହେବ ବୋଲି ମତପ୍ରକାଶ ନିର୍ବାଚିତ ଛାମୁଆ ଛାତ୍ର ନେତୃତ୍ୱ।

ଆକ୍ରମଣ ମାମଲା ଜଣେ ଗିରଫ

ଜୟପୁର,୨୩/୧୦ (ନି.ପ୍ର): ଆକ୍ରମଣ ମାମଲାରେ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ସଦର ପୋଲିସ। ଗିରଫ ଅଭିଯୁକ୍ତ ଜଣକ ହେଲା କଳାଗୁଡ଼ାର ନବୀନ ଖୋସଲା। ଗଣ୍ଡଗୋଳ ସମାଧାନ ପାଇଁ ବସିଥିବା ଗ୍ରାମ୍ୟ ବୈଠକରେ ରକ୍ତାକ୍ତ ଘଟଣା ଘଟିଛି। ଜଣେ ଯୁବକଙ୍କ ଛାତି ଓ ଶରୀରର ବିଭିନ୍ନ ସ୍ଥାନକୁ ଛୁରି ଆକ୍ରମଣ କରି ହତ୍ୟା ଉଦ୍ୟମ କରାଯାଇଥିବା ନେଇ ଜୟପୁର ସଦର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତିକରି ପୋଲିସ ମାମଲା ରୁଜୁ କରି ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଛି। ଜୟପୁର ସଦର ଥାନା ଅନ୍ତର୍ଗତ କଳାଗୁଡ଼ା ଗ୍ରାମରେ ୩ ଦିନ ପୂର୍ବେ ସୋମନାଥ ନାମକ ଜଣେ ବ୍ୟକ୍ତିଙ୍କ ପତ୍ନୀଙ୍କ ସହ ଗ୍ରାମର ନବୀନ ଖୋସଲାଙ୍କର କୌଣସି କାରଣରୁ ଝଗଡ଼ା ହୋଇଥିଲା। ଏହି ବିବାଦର ସମାଧାନ ଉଦ୍ଦେଶ୍ୟରେ ଗତ ସୋମବାର ଗ୍ରାମର ଭଦ୍ରଲୋକମାନଙ୍କ ଉପସ୍ଥିତିରେ ଏକ ବୈଠକ ବସିଥିଲା। ବୈଠକରେ ଉଭୟ ପକ୍ଷ ଆଲୋଚନାରେ ଭାଗ ନେଇଥିବାବେଳେ ହଠାତ୍ ଉତେଜନା ପ୍ରକାଶ ପାଇଥିଲା। ଅଭିଯୋଗ ଅନୁଯାୟୀ, ଆଲୋଚନା ଚାଲିଥିବା ସମୟରେ ନବୀନ ଖୋସଲା ହଠାତ୍ ଉତ୍ୟକ୍ତ ହୋଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। କେହି କିଛି ବୁଝିବା ପୂର୍ବରୁ ସେ ଏକ ଧାରୁଆ ଛୁରିରେ ସୋମନାଥଙ୍କ ଉପରକୁ ଆକ୍ରମଣ କରିଥିଲା। ଛୁରାମାଡ଼ ଫଳରେ ସୋମନାଥଙ୍କ ଛାତି ତଥା ଶରୀରର ଗଭୀର କ୍ଷତ ସୃଷ୍ଟି ହୋଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଘଟଣାସ୍ଥଳରେ ଉପସ୍ଥିତ ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିଲେ।

ଏ ନେଇ ଗ୍ରାମର ଜୀବନ ଟାକ୍ରି ଜୟପୁର ସଦର ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ଅଭିଯୋଗ ଆଧାରରେ ପୋଲିସ ୩୨୯/୨୬ରେ ମାମଲା ରୁଜୁ କରିଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ସଦର ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

ଝାରସୁଗୁଡ଼ା ଜିଲ୍ଲାରେ ବର୍ଷା ଉଭାନ, ଫାଟିଲାଣି ଧାନଜମି: ଚକଡ଼ା ପରେ ମରୁଡ଼ି ମାଡ଼, ଅମଳ ଆଶାରେ ଚାଷୀ

ଝାରସୁଗୁଡ଼ା,୨୩/୧୦ (ନି.ପ୍ର): ଭଲ ଫସଲ ଅମଳ କରିବାର ଆଶା ନେଇ ଚଳିତ ଖରିଫ ଋତୁରେ ଧାନ ଚାଷ କରିଥିବା ଝାରସୁଗୁଡ଼ା ଜିଲ୍ଲାର ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ପ୍ରଥମେ ଚକଡ଼ା ପୋକର ପ୍ରାଦୁର୍ଭାବ ଫସଲକୁ କ୍ଷତିଗ୍ରସ୍ତ କରିଥିବା ବେଳେ ଏବେ ବର୍ଷା ଅଭାବ ଚାଷୀଙ୍କ ଦୁର୍ଦ୍ଦଶାକୁ ଆହୁରି ବଢ଼ାଇଛି। ଧାନ ଫୁଟିବା ସମୟରେ ଜମିରେ ଆବଶ୍ୟକ ପାଣି ନଥିବାରୁ ଅନେକ ସ୍ଥାନରେ ମାଟି ଫାଟି ଆଁ କଲାଣି। ଫଳରେ ଅମଳ ପୂର୍ବରୁ ଫସଲ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ସୂଚନା ଅନୁଯାୟୀ, ଜିଲ୍ଲାରେ ପ୍ରାୟ ମାସେରୁ ଅଧିକ ସମୟ ହେଲା ଚକଡ଼ା ପୋକର ପ୍ରାଦୁର୍ଭାବ ଲାଗି ରହିଛି। କୃଷି ବିଭାଗର ପ୍ରାରମ୍ଭିକ ଆକଳନ ଅନୁସାରେ, ତିନୋଟି ବ୍ଲକ୍ ର ୪୯ଟି ପଂଚାୟତର ୧୭୭.୫ ହେକ୍ଟର ଜମିରେ ଚକଡ଼ା ପୋକ ଲାଗିଥିଲା। ଏଥିମଧ୍ୟରୁ ଲଖନପୁର ବ୍ଲକ୍ ର ସ୍ଥିତି ସବୁଠାରୁ ଗମ୍ଭୀର ବୋଲି ଜଣାପଡ଼ିଛି। ବିଭାଗୀୟ ତଥ୍ୟ ଅନୁସାରେ, ଲଖନପୁର ବ୍ଲକ୍ ର ୩୩ଟି ପଂଚାୟତରେ ଚକଡ଼ା ପୋକର ପ୍ରଭାବ ଦେଖାଦେଇଛି। ଏହି ବ୍ଲକ୍ ର ୫୭ଟି ଗ୍ରାମର ୧୪୨ ହେକ୍ଟର ଜମିରେ ପୋକ ଲାଗିଥିବା ଆକଳନ କରାଯାଇଛି। ସେହିପରି ଲଇକେରା ବ୍ଲକ୍ ର ୧୦ଟି ପଂଚାୟତର ୩୫ଟି ଗ୍ରାମର ୨୭.୫ ହେକ୍ଟର ଏବଂ କୋଲାବିରା ବ୍ଲକ୍ର କେତେକ ଗ୍ରାମରେ ମଧ୍ୟ ଚକଡ଼ା ପୋକର ପ୍ରଭାବ ରହିଥିବା ସୂଚନା ମିଳିଛି। ତେବେ ସରକାରୀ ଆକଳନ ଓ କ୍ଷେତ୍ରସ୍ତରର ବାସ୍ତବ ସ୍ଥିତି ମଧ୍ୟରେ ପାର୍ଥକ୍ୟ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଜିଲ୍ଲାର ପାଂଚଟି ବ୍ଲକ୍ ରେ ୧୨୦୦ ହେକ୍ଟରରୁ ଅଧିକ ଜମି ଚକଡ଼ା ପୋକ ଦ୍ୱାରା ପ୍ରଭାବିତ ହୋଇଥିବା ଦାବି ହୋଇଛି। କେବଳ ଲଖନପୁର ବ୍ଲକ୍ ର ପ୍ରାୟ ୨୫ଟି ପଂଚାୟତର ୭୦୦ ହେକ୍ଟରରୁ ଅଧିକ ଜମିରେ ପୋକ ଲାଗିଥିବା ଚାଷୀମାନେ କହିଛନ୍ତି। କୃଷି ବିଭାଗର ପରାମର୍ଶ କ୍ରମେ କୀଟନାଶକ ପ୍ରୟୋଗ କରିବା ପରେ ମଧ୍ୟ ଆଶାନୁରୂପ ଫଳ ମିଳୁନଥିବାରୁ ସେମାନଙ୍କ ଚିନ୍ତା ବଢ଼ିଛି। ଏପଟେ ଚକଡ଼ା ପୋକରୁ ଫସଲକୁ ରକ୍ଷା କରିବାକୁ ସଂଘର୍ଷ ଚାଲିଥିବା ବେଳେ ଦୀର୍ଘଦିନ ଧରି ବର୍ଷା ନହେବା ପରିସ୍ଥିତିକୁ ଅଧିକ ସଙ୍ଗିନ କରିଛି। ଜିଲ୍ଲାର ୭୦ ପ୍ରତିଶତରୁ ଅଧିକ ଚାଷଜମି ଅଣଜଳସେଚିତ ହୋଇଥିବାରୁ ଚାଷୀଙ୍କୁ ପାଣି ମଡ଼ାଇବା ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଧାନ ଗଛରେ ଫୁଲ ଆସିବା ସମୟରେ ଜଳାଭାବ ଦେଖାଦେବା ଫସଲ ଅମଳ ଉପରେ ଗୁରୁତର ପ୍ରଭାବ ପକାଇବା ଆଶଙ୍କା ରହିଛି। ଚକଡ଼ା ପୋକର ପ୍ରାଦୁର୍ଭାବ ଏବଂ ବର୍ଷା ଅଭାବ ଯୋଗୁଁ ଚାଷୀଙ୍କ ଖର୍ଚ୍ଚ ବଢ଼ିବା ସହ ଉତ୍ପାଦନ କମିବାର ଆଶଙ୍କା ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ କ୍ଷତିଗ୍ରସ୍ତ ଜମିର ସଠିକ୍ ଆକଳନ, କୀଟ ନିୟନ୍ତ୍ରଣ ପାଇଁ ପ୍ରଭାବୀ ପଦକ୍ଷେପ ଏବଂ ଜରୁରୀକାଳୀନ ଜଳସେଚନ ବ୍ୟବସ୍ଥା କରିବାକୁ ଚାଷୀମାନେ ଦାବି କରୁଛନ୍ତି। ଅନ୍ୟପକ୍ଷରେ, ପରିସ୍ଥିତି ଉପରେ ନଜର ରଖାଯାଇଥିବା କୃଷି ବିଭାଗ ପକ୍ଷରୁ କୁହାଯାଇଛି।

ଚିତ୍ରକୋଟରେ ଜୟ ମା' ଠାକୁରାଣୀ ଫୁଟବଲ ଟୁର୍ଣ୍ଣାମେଂଟ ଉଦଘାଟନ କଲେ ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୨୩/୧୦ (ନି.ପ୍ର): ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶୁକ୍ରବାର ଦିନ ରାଇଘର ବ୍ଲକ ଅନ୍ତର୍ଗତ ମୋ ଗାଁ ଚିତ୍ରକୋଟରେ ଜୟ ମା ଠାକୁରାଣୀ ଫୁଟବଲ ଟୁର୍ଣ୍ଣାମେଂଟକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ଖେଳାଳିମାନଙ୍କ ସହ ମିଶି ସେମାନଙ୍କୁ ଉତ୍ସାହିତ କରିବା ସହିତ ଶୁଭେଚ୍ଛା ଜଣାଇଥିଲେ ମନ୍ତ୍ରୀ। ଗ୍ରାମାଂଚଳର କ୍ରୀଡ଼ାପ୍ରେମୀ, ଯୁବକ ଓ ସ୍ଥାନୀୟ ବାସିନ୍ଦାଙ୍କ ଉପସ୍ଥିତିରେ ଏହି ଉଦ୍ଘାଟନୀ ସମାରୋହ ଏକ ଉତ୍ସବର ରୂପ ନେଇଥିଲା। ଏହାସହ ଖେଳାଳିମାନେ କ୍ରୀଡ଼ା ମନୋଭାବ, ଅନୁଶାସନ ଓ ଭ୍ରାତୃଭାବ ସହ ଖେଳିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଗ୍ରାମାଂଚଳରେ ଏଭଳି କ୍ରୀଡ଼ା ପ୍ରତିଯୋଗିତା ଯୁବପିଢ଼ିଙ୍କ ପ୍ରତିଭାକୁ ପ୍ରକାଶ କରିବା ସହ ସେମାନଙ୍କୁ କୁପ୍ରଭାବରୁ ଦୂରେଇ ରଖି ସୁସ୍ଥ ଓ ସୁନ୍ଦର ଜୀବନ ଗଢ଼ିବାରେ ସହାୟକ ହୋଇଥାଏ। ଖେଳ ଶାରୀରିକ ଓ ମାନସିକ ବିକାଶ ସହ ଦଳଗତ ମନୋଭାବ, ଧୈର୍ଯ୍ୟ ଓ ନେତୃତ୍ୱ ଗୁଣ ବିକଶିତ କରେ। ଏହି ଟୁର୍ଣ୍ଣାମେଂଟ ଆୟୋଜନ ପାଇଁ ଆୟୋଜକ କମିଟି ଓ ଆମ ଅଂଚଳର ଯୁବକମାନଙ୍କୁ ମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି।

ରାଉତରାପୁର ପଂଚାୟତର ୨୫ତମ ପୂର୍ତ୍ତି ମହୋତ୍ସବ : ସମସ୍ତ ଜନପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା

ଧର୍ମଶାଳା,୨୩/୧୦ (ନି.ପ୍ର): ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ଅନ୍ତର୍ଗତ ରାଉତରାପୁର ପଂଚାୟତ ପୁନର୍ଗଠନ ଓ ୨୫ତମ ପୂର୍ତି ମହୋତ୍ସବ ଅବସରେ ସମସ୍ତ ଜନପ୍ରତିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ପଂଚାୟତ ସଭାଗୃହ ପରିସରରେ ଆୟୋଜିତ ମହୋତ୍ସବ ସରପଂଚ ସ୍ୱର୍ଣ୍ଣଲତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ କାମଦେବ ଶତପଥୀ ,ସମ୍ମାନୀତ ଅତିଥିଭାବେ ବରିଷ୍ଠ ସମାଜିକ କର୍ମୀ କାହ୍ନୁ ଚରଣ ଦାସ ଓ ପଂଚାୟତର ପ୍ରଥମ ସରପଂଚ ବାବଲୁ ପୃଷ୍ଟି ପ୍ରମୁଖ ଯୋଗ ଦେଇ ପରିବାରର ସମସ୍ତ ସଦସ୍ୟ ପ୍ରଥମେ ପର କଥା ଓ ପରେ ନିଜ କଥା ଭାବିବା ଉଚିତ୍ ବୋଲି ଗୁରୁତ୍ୱାରୋପ କରିବା ସହ ସମାଜରେ ୪ ପ୍ରକାର ଲୋକ ଅଛନ୍ତି । ଆନ୍ଧାରରୁ ଆଲୋକ ଦେଖାଉଥିବା ବ୍ୟକ୍ତି ସବୁବେଳେ ନିଆରା ବୋଲି ମତ ବ୍ୟକ୍ତ କରିବା ସହିତ ସରପଂଚଙ୍କ ଏଭଳି ନିଆରା ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଥିଲେ । ମଂଚ ପରିଚାଳନାରେ ଶିକ୍ଷାବିତ୍ ମାଗୁଣି ଚରଣ ପୃଷ୍ଟି ସହଯୋଗ କରିଥିଲେ । ଏହି ଅବସରରେ ପଂଚାୟତ ପକ୍ଷରୁ ସମସ୍ତ ସରପଂଚ,ପୂର୍ବତନ ସରପଂଚ,ସମିତି ସଭ୍ୟ/ସଭ୍ୟା ଓ ପୂର୍ବତନ ସମିତି ସଭ୍ୟ/ ସଭ୍ୟା,ୱାର୍ଡ ସଭ୍ୟସଭ୍ୟା ଓ ପୂର୍ବତନ ୱାର୍ଡ ସଭ୍ୟସଭ୍ୟା, ପଂଚାୟତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ପୂର୍ବତନ କର୍ମଚାରୀମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ନାୟବ ସରପଂଚ ବୈକୁଣ୍ଠ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଅନିରୁଦ୍ଧ ପୃଷ୍ଟି,କୈଳାସ ଚନ୍ଦ୍ର ସାହୁ,ସତ୍ୟଜିତ୍ ସାହୁ,ବିକାଶ ନାୟକ,ଦର୍ଶନ ସ୍ୱାଇଁ,ସାଗର ମହାରଣା,ଧନେଶ୍ୱର ସାହୁ, ,ନରହରି ପୃଷ୍ଟି,ପରମେଶ୍ୱର ବରାଳ ଓ ମନୋରଂଜନ ଜେନାଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟ ସଭ୍ୟା ସହଯୋଗ କରିଥିଲେ ।

କ୍ଷତ୍ରିୟ ଖଣ୍ଡାୟତ ମହାସଂଘ କର୍ମକର୍ତ୍ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,୨୩/୧୦ (ନି.ପ୍ର): ପବିତ୍ର ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ କେନ୍ଦ୍ରାପଡ଼ା ଜିଲା କ୍ଷତ୍ରିୟ ଖଣ୍ଡାୟତ ମହାସଂଘ ପକ୍ଷରୁ ମାର୍ଶାଘାଇ ବ୍ଲକ ଅଂଚଳର ବିଭିନ୍ନ ପୂଜାମଣ୍ଡପ ପରିଦର୍ଶନ କରାଯିବା ସହ ମା ଜଗତ ଜନନୀ ଦୁର୍ଗାଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି। ମହାସଂଘର କର୍ମକର୍ତାମାନେ ଏକାଠି ହୋଇ ମଣ୍ଡପଗୁଡ଼ିକରେ ପହଂଚି ମା'ଙ୍କ ଆରାଧନା କରିବା ସହିତ ଭାଇଚାରା ଓ ଏକତାର ବାର୍ତା ବାଂଟିଥିଲେ। ମହାସଂଘର ଏହି ଗସ୍ତ କ୍ରମରେ ପ୍ରଥମେ ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କଲେଜ ଛକସ୍ଥିତ ଦୁର୍ଗାପୂଜା ମଣ୍ଡପରେ ପହଂଚି କର୍ମକର୍ତାମାନେ ଦର୍ଶନ କରିଥିଲେ। ସେଠାରେ ପୂଜା କମିଟି ସଭାପତି ତଥା ମହାସଂଘର ଉପଦେଷ୍ଟା କବି ସ୍ୱାଇଁଙ୍କ ପକ୍ଷରୁ ସଂଘର ସମସ୍ତ କର୍ମକର୍ତାମାନଙ୍କୁ ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ମହାସଂଘର କର୍ମକର୍ତାମାନେ ମାର୍ଶାଘାଇ ବ୍ଲକ ଆଶ୍ରମ ବାଲିକୁଦା ପୂଜାମଣ୍ଡପକୁ ଯାଇ ମା'ଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଆଶ୍ରମ ବାଲିକୁଦା ପୂଜା ମଣ୍ଡପର ପ୍ରତିଷ୍ଠାତା ସଭାପତି ରାଜେନ୍ଦ୍ର କୁମାର ରାଉତରାୟ ଓ ଗ୍ରାମ ଦୁର୍ଗାପୂଜା କମିଟି ପକ୍ଷରୁ ଏକ ଭବ୍ୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। କମିଟି ତରଫରୁ ଜିଲ୍ଲା କ୍ଷତ୍ରିୟ ଖଣ୍ଡାୟତ ମହାସଂଘର ଜିଲ୍ଲା ସଭାପତି ଶରତ କୁମାର ବେହୁରା, ନଗର ସଭାପତି ସଂଗ୍ରାମ ଜେନା, ମାର୍ଶାଘାଇ ବ୍ଲକ ସଭାପତି ରଞ୍ଜନ ନାୟକ, ଜିଲ୍ଲା ସଂଯୋଜକ ଚନ୍ଦନ କୁମାର ପରିଡ଼ା, ବରିଷ୍ଠ ସଦସ୍ୟ ଗୋଲେଖ ଚନ୍ଦ୍ର ପରିଡ଼ା, ସୁଶୀଲ କୁମାର ସାମଲ ଓ ପୀତବାସ ବେହେରାଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏଥିସହିତ ମାର୍ଶାଘାଇ ମା' ଦୁର୍ଗାଦେବୀଙ୍କ ପୂଜା କମିଟିର କର୍ମକର୍ତା ତଥା ବିଶିଷ୍ଟ ସମାଜସେବୀ ରନେନ୍ଦ୍ର କୁମାର ସ୍ୱାଇଁ, ସଚ୍ଚିଦାନନ୍ଦ ସ୍ୱାଇଁ, ସୁନାକାର ଗାହାଣା, ଧୂନାକିଶୋର ନାୟକ, ନନ୍ଦ କିଶୋର ତୋସାଣିଓ୍ୱାଲା ଓ ରଞ୍ଜନ କୁମାର ନାୟକ ଉପସ୍ଥିତ ରହି ସମସ୍ତ ଅତିଥିଙ୍କୁ ସ୍ୱାଗତ କରିବା ସହ ମହାସଂଘର କାର୍ଯ୍ୟଧାରାକୁ ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ କୁମାର ରାଉତ, ଚିତରଞ୍ଜନ ରାଉତରାୟ, କୈଳାଶ ରାଉତ, ତ୍ରିବିକ୍ରମ ପରିଡ଼ା, ରଶ୍ମି ରଂଜନ ରାଉତରାୟ, ଶକ୍ତିକାନ୍ତ ରାଉତରାୟ, ରବିନାରାୟଣ ରାଉତରାୟ, ସତ୍ୟବ୍ରତ ରାଉତରାୟ, ଶୁଭେନ୍ଦ୍ର କୁମାର ଦାସ, ଶୈଳେନ୍ଦ୍ର ରାଉତରାୟ, ମଦନ ରାଉତରାୟ, ବିଜୟ ରାଉତ, ଦୋଳଗୋବିନ୍ଦ ନାୟକ, ଅଜୟ ରାଉତ, ରାହୁଲ, ସ୍ମୃତିରଞ୍ଜନ, ଅମରେନ୍ଦ୍ର, ପ୍ରଦ୍ୟୁମ୍ନ, ସୁନୀଲ, ରାକେଶ, ରୋହନ ଏବଂ ଆଲୋକଙ୍କ ସମେତ ଶତାଧିକ ଖଣ୍ଡାୟତ ଭ୍ରାତା ଉପସ୍ଥିତ ରହି ଶୃଙ୍ଖଳାର ସହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଏହି ବ୍ଲକ ଅନ୍ତର୍ଗତ କୁସୁନପୁର ଗ୍ରାମ ପବିତ୍ର ଆଖଣ୍ଡଳମଣି ମନ୍ଦିର ପରିସରରେ ମହାସଂଘ ପକ୍ଷରୁ ଖଣ୍ଡାପୂଜା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ପ୍ରଶାସକ ପର୍ଶୁରାମ ନାୟକ, ସତ୍ୟନାରାୟଣ ନାୟକ, ସୁଶାନ୍ତ ନାୟକ, ନିରଞ୍ଜନ ଦାସ, କମଳାକାନ୍ତ ସାହୁ, ହିମାଂଶୁ ନାୟକ, ଦୀପକ ନାୟକ, ବିଶ୍ୱନାଥ ନାୟକ, ପାର୍ଥସାରଥୀ ସାହୁ, ରତ୍ନାକର ସାହୁ, ଅଧୀର ସାହୁ, ମଦନମୋହନ ସାହୁ, ଶ୍ରୀ ବଲ୍ଲଭ ନାୟକ, ସନ୍ତୋଷ ନାୟକ, ଦୁସ୍ମନ୍ତ ନାୟକ, ଉମେଶ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ବ୍ୟାପକ ଅନିୟମିତା ଓ ଦୁର୍ନୀତି ଘେରରେ ଲୋଇସିଂହା ବ୍ଲକ : ୨ ୱାର୍ଡ ବିଶିଷ୍ଟ ଗ୍ରାମକୁ କୋଟି କୋଟି ଟଙ୍କାର ଅନୁଦାନକୁ ନେଇ ବିଡିଓଙ୍କ ଦମ୍ଭୋକ୍ତି

ବଲାଙ୍ଗୀର,୨୩/୧୦ (ନି.ପ୍ର): ଲୋଇସିଂହା ବ୍ଲକ ହିରାପୁର ଗ୍ରାମ ପଂଚାୟତର ଏକମାତ୍ର ୨ ୱାର୍ଡ ବିଶିଷ୍ଟ ଗ୍ରାମ ମାଣ୍ଡିଆ ପଦର ଗ୍ରାମର ବିକାଶ ଉପରେ ଗତ ପ୍ରାୟ ୨ ବର୍ଷ ମଧ୍ୟରେ ସରାକାରଙ୍କ କୋଟି କୋଟି ଟଙ୍କାର ଅନୁଦାନର ସୁଅ ଛୁଟିବା ଅଂଚଳରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି। ପ୍ରାୟ ୪/୫ କିମି ପରିଧି ମଧ୍ୟରେ ଅନ୍ୟ କୌଣସି ଜନ ବସତି ନଥିବା ଏହି ଛୋଟ ଗ୍ରାମ ଉପରେ ଭେଉଁଭଳି ଭାବରେ ଅର୍ଥ ଯୋଗାଣ ଚାଲିଛି ତାହା ପ୍ରକୃତରେ ଅଂଚଳବାସୀଙ୍କ ବ୍ୟବହାରକୁ ନଆସି କେବଳ ଠିକାଦାର ପୋଷା ନୀତିରେ ପ୍ରକଳ୍ପ ମଞ୍ଜୁର ହେଉଛି ବୋଲି ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି । ସୂଚନା ଅନୁଯାୟୀ, ଏଠାରେ ବଂଶୀଦର ପାର୍କ ନିର୍ମାଣ, ପାଚେରୀ, ହନୁମାନ ବାଟିକା, ଜିମ ଓ ଖେଳ ସାମଗ୍ରୀ ବାବଦକୁ ୩ ଯୋଜନାରେ ୩୫ ଲକ୍ଷ ଟଙ୍କାରେ କାମ ଚାଲିଛି । ପୁରି ଉକ୍ତ ପାର୍କ ର ବିକାଶ ପାଇଁ ୬ ଟି ପ୍ରକଳ୍ପ ନାମରେ ୭୯ ଲକ୍ଷର ଅନୁଦାନ ପାଇଁ ବିଡିଓ ବଲାଙ୍ଗିର ଜିଲ୍ଲାପାଳଙ୍କୁ ପତ୍ର ନମ୍ବର ୧୭୫(୨୯.୧.୨୬) ଜରିଆରେ ଅନୁରୋଧ କରିଛନ୍ତି । ଏଠାରେ କଲ୍ୟାଳଣ ମଣ୍ଡପ ପାଇଁ ୪ ପର୍ଯ୍ୟାୟରେ ୮୫ ଲକ୍ଷ ଟଙ୍କା କାମ ଯୋଗାଇ ଦେଇଥିବା ବେଳେ ଖେଳ ପଡିଆର ବିକାଶ ଆନୁସଂଗୀକ ସାମଗ୍ରୀ ପାଇଁ ୨୦ ଲକ୍ଷ ଯୋଗାଇ ଦିଆଯାଇଥିବା ବେଳେ ଖେଳ ସାମଗ୍ରୀ ଓ ବିକାଶ ପାଇଁ ପୁଣି ୬୦ ଲକ୍ଷର ଅନୁଦାନ ପାଇଁ ବିଡିଓ ଭୁବନେଶ୍ୱର ସ୍ଥିତ ରାଜ୍ୟ ବେଭରଏଜ କର୍ପୋରେସନର ପରିଚାଳକ ଙ୍କୁ ପତ୍ର ଦେଇଥିବା ସୂଚନା ମଳିଛି । ଗତ କିଛିମାସ ତଳେ ସାମାନ୍ୟ ବର୍ଷାରେ ପାର୍କର ବାଡ ଭାଙ୍ଗିଥିବା ଓ ସଂଗେ ସଂଗେ ମରାମତି କରାଯିବା ଯୋଗୁଁ ଏଠାରେ କାମ ର ମାନ ଉପରେ ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି । ଅନ୍ୟ କୌଣସି ଅଞ୍ଚଳର ବିକାଶ ଉପରେ ଧ୍ୟାନ ଦିଆଯାଉ ନ ଥିବା ବେଳେ ଏହି ୨ ୱାର୍ଡ ବିଶିଷ୍ଟ ଗ୍ରାମ ଉପରେ ଏତେ ଉଦାରତା କାହିଁକି ଓ ଏହା ପ୍ରକୃତ ରେ ଜନ ସାଧାରଣ ଙ୍କ କାର୍ଯ ରେ ରାଗି ପାରିବ କି ବୋଲି ମଣରେ ଉରଜ ରେ ଦଳ ବିରିହ ଅକ୍ଷମ ମାଣି ଘର ଦୀର୍ଘ ପକ୍ଷୀଲୀମା ମଲାଣ କରିଛନ୍ତି।

ବିକାଶ ଉପରେ ଧ୍ୟାନ ଦିଆଯାଉ ନ ଥିବା ବେଳେ ଏହି ୨ ୱାର୍ଡ ବିଶିଷ୍ଟ ଗ୍ରାମ ଉପରେ ଏତେ ଉଦାରତା କାହିଁକି ଓ ଏହା ପ୍ରକୃତରେ ଜନ ସାଧାରଣ ଙ୍କ ବ୍ୟବହାର ରେ ଲାଗିପାରିବ କି ବୋଲି ପ୍ରଶ୍ନରେ ଉତରରେ ବ୍ଲକ ବିଡିଓ ଅକ୍ଷୟ ପାଣି ଉତ୍ତୁ ତୀବ୍ର ପ୍ରତିକ୍ରୀୟା ପ୍ରକାଶ କରିଛନ୍ତି । ସେ ସିଧାସଳଖ କହିଛନ୍ତି ଯେ, ସେ ଯାହାବି ହେଉ ଏହା ମୁଖ୍ୟ ମନ୍ତ୍ରୀଙ୍କ ଅନୁଦାନ ପାଣ୍ଠିରୁ ଆସୁଛି । କୌଣସି ଠିକାଦାର କିମ୍ବା ଅଧିକାରୀଙ୍କ ନାମ ନନେଇ ସେମାନେ ଅନୁଦାନ ମଞ୍ଜୁର କରି ଟଙ୍କା ଆଣୁଛନ୍ତି ଓ କାମ କରୁଛନ୍ତି । ଏଥିରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଓ ଜିଲ୍ଲାପାଳ ସମେତ ବରିଷ୍ଠ ଅଧିକାରୀମାନେ ନୀରବ ରହି ଉତ୍ସାହିତ। କରୁଥିବା ବେଳେ ବିଡିଓ ଜଣେ କଣ କରିପାରିବ ବୋଲି ପ୍ରଶ୍ନ କରିଛନ୍ତି । ଏହା ବ୍ୟତୀତ ଗତ ପ୍ରାୟ ୧୦ ମାସ ହେଲା ଲୋଇସିଂହା ଏନଏସି ହେବା ପରେ ଆବାସ ଯୋଜନା ବନ୍ଦ ହେବା ନିୟମ ରହିଥିଲେ ହେଁ ପନେସରା ଗ୍ରାମର ୨ ଜଣ ମହିଳାଙ୍କୁ ଆବାସ ଯୋଜନାରେ ଗତ ୧୬.୬.୨୬ କାର୍ଯ୍ୟାଦେଶ ପ୍ରଦାନ ସଂପର୍କରେ ଏହା ମୋର କ୍ଷମତାରେ ଅଛି ବୋଲି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। ଲୋଇସିଂହାରେ କଲ୍ୟାଣ ମଣ୍ଡପ ପାଇଁ ଗତ ଫେବୃୟାରୀ ମାସରୁ ଆସିଥିବା ୬୦ ଲକ୍ଷ ଅନୁଦାନ ଖର୍ଚ୍ଚପାଇଁ ଟେଣ୍ଡର ନହେବା ଏବଂ ନିର୍ବାଚନ ଆଚରଣ ବିଧି ଉଲଂଘନ କରି ଲୋଇସିଂହା କଲେଜରେ ପଙ୍ଖା ଲଗାଯିବ ସଂପର୍କରେ ସ୍ଥାନୀୟ ମନ୍ତ୍ରୀଙ୍କ ନିର୍ଦ୍ଦେଶ କୁ ଅବମାନନା କରାଯିବ କି ବୋଲି ପ୍ରଶ୍ନ କରିଛନ୍ତି ।

ଚମ୍ପୁଆ-ରିମୁଳି ଜାତୀୟ ରାଜପଥ ପାଲଟିଛି ମରଣ ଯନ୍ତା: ଭାରସାମ୍ୟ ହରାଇ ଓଲଟିଲା କାର୍, ଅଳ୍ପକେ ବର୍ତ୍ତିଲେ ୫ ଯୁବକ

ଚମ୍ପୁଆ,୨୩/୧୦ (ନି.ପ୍ର): ଚମ୍ପୁଆ-ରିମୁଳି ଜାତୀୟ ରାଜପଥରେ ପୁଣି ଏକ ବଡ଼ ଧରଣର ସଡ଼କ ଦୁର୍ଘଟଣା ଘଟିଛି। ଏକ ଦ୍ରୁତଗାମୀ କାର୍ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିବାବେଳେ ଗାଡ଼ିରେ ଥିବା ୫ ଜଣ ଯୁବକ ଅଳ୍ପକେ ମୃତ୍ୟୁମୁଖରୁ ବର୍ତି ଯାଇଛନ୍ତି। ସୌଭାଗ୍ୟବଶତଃ ସମସ୍ତଙ୍କ ଜୀବନ ରକ୍ଷା ପାଇଯାଇଥିଲେ ମଧ୍ୟ ସେମାନେ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଆଜି ସକାଳୁ ଚମ୍ପୁଆ ମୁସଲିମ ବସ୍ତିର ୫ ଜଣ ଯୁବକ ଏକ କାର୍‌ରେ କେନ୍ଦୁଝର ଅଭିମୁଖେ ବାହାରିଥିଲେ। ତେବେ ପତଳା ନିକଟସ୍ଥ ରଜିଆ ନାଳ ପାଖରେ କାର୍ଟି ହଠାତ ନିଜର ଭାରସାମ୍ୟ ହରାଇ ବସିଥିଲା ଏବଂ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ ଗାଡ଼ିଟି ସମ୍ପୂର୍ଣ୍ଣ ଓଲଟି ଯାଇଥିଲା। ଦୁର୍ଘଟଣା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳକୁ ଦୌଡ଼ି ଯାଇଥିଲେ। ସେମାନେ ଗାଡ଼ି ଭିତରୁ ସମସ୍ତ ୫ ଯୁବକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ଚମ୍ପୁଆ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତି କରିଛନ୍ତି। ସମସ୍ତେ ସାମାନ୍ୟ ଆହତ ହୋଇଥିବାବେଳେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସୂଚନା ମିଳିଛି। ଅପରପକ୍ଷରେ, ଖବର ପାଇ ଚମ୍ପୁଆ ପୋଲିସ ଘଟଣାସ୍ଥଳରେ ପହଂଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଦୁର୍ଘଟଣା ପରେ ସ୍ଥାନୀୟ ଅଂଚଳରେ ପ୍ରଶାସନ ବିରୋଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଚମ୍ପୁଆ-ରିମୁଳି ଜାତୀୟ ରାଜପଥର ଶୋଚନୀୟ ଅବସ୍ଥା ଯୋଗୁଁ ଏହା ଏବେ ଏକ ପ୍ରକାର 'ମରଣ ଯନ୍ତା' ସଦୃଶ ହୋଇଯାଇଛି। ରାସ୍ତାର ଦୂରାବସ୍ଥା କାରଣରୁ ଏଠାରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଏହାସତ୍ତ୍ୱେ ମଧ୍ୟ ସମ୍ପୃକ୍ତ ବିଭାଗ କିମ୍ବା ସ୍ଥାନୀୟ ପ୍ରଶାସନ ଏଥିପ୍ରତି ସମ୍ପୂର୍ଣ୍ଣ ଅଣଦେଖା କରୁଥିବାରୁ ଜନସାଧାରଣଙ୍କ ମଧ୍ୟରେ କ୍ରୋଧ ଓ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସ୍ଥାନୀୟ ଲୋକେ ତୁରନ୍ତ ଏହି ରାସ୍ତାର ମରାମତି ଏବଂ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି କରିଛନ୍ତି।

ମା' ହରଗୌରା କମିଟି ପକ୍ଷରୁ ରାବଣ ପୋଡ଼ି

ବସ୍ତା ,୨୩/୧୦ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ କସିପଦା ପଞ୍ଚାୟତ ର ଆଗମଉଦା ଗ୍ରାମ ରେ ମା ହରଗୌରା କମିଟି ପକ୍ଷରୁ ୩ ବର୍ଷ ସାର୍ବଜନୀନ ରାବଣ ପୋଡ଼ି ମହୋତ୍ସବ ପାଳିତ ହେଇଯାଇଛି । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ନୀଳମଣି ମହାବିଦ୍ୟାଳୟ ର ଅଧକ୍ଷ ତପନ କୁମାର ବେହେରା , ସମ୍ମାନିତ ଅତିଥି ଅବସର ପ୍ରାପ୍ତ ପ୍ରାଧାପକ ସୁଧୀର କୁମାର ଦତ୍ତ, ଅବସର ପ୍ରାପ୍ତ ଖେଳ ଶିକ୍ଷକ ଜିତେନ୍ଦ୍ର ପ୍ରଧାନ, ଗଛ ମଣିଷ ରବୀନ୍ଦ୍ର କୁମାର ବେହେରା। ସମ୍ବାଦ ପ୍ରତିନିଧି ମାନସ ରଞ୍ଜନ ବେହେରା। ଯୋଗ ଦେଇଥିବା ବେଳେ ସଭାପତିତ୍ୱ କରିଥିଲେ ମନୋରଞ୍ଜନ ନାୟକ ଓ ରାବଣ ପୋଡ଼ି ର ସମସ୍ତ ଧାରା ବିବରଣି ଦେଇଥିଲେ ସୁବାସ ପାତ୍ର। କମିଟି ର ସଭାପତି କାର୍ତ୍ତିକ ବାରିକ, ସମ୍ପାଦକ ବିଶ୍ୱନାଥ ବାରିକ , ଉପ ସଭାପତି ସତ୍ୟବ୍ରତ ଯତି ଙ୍କ ସହ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ କୁ ସୁଚାରୁ ରୂପେ ତୁଲାଇ ଥିଲେ । ହଜାର ହଜାର ଦର୍ଶକ ରାବଣ ପୋଡ଼ି ଦେଖିବା ସହ ବିଭିନ୍ନ ପ୍ରକାରର ଆତସବାଜି ବାଣ ଓ ବିଭିନ୍ନ ପ୍ରକାର ଦୋକାନ ର ମଜା ନେଇଥିଲେ । ରୂପସା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।

AFFIDAVIT

By virtue of an affidavit before the executive Magistrate Nilgiri, I Smt. Rashmita Nayak, aged 31 years, W/o- Girija Shankar Parida, resident of vill/ Po- Podasul, P.s- Nilgiri, Dist Balasore declare that my father's title, the deponent's title is Nayak, and as per this title my name is recorded in my Board Certificate as Rashmita Nayak and in other documents. That after marriage, the deponent's title was changed to Parida, and my name is recorded as Rashmita Parida in my Aadhaar Card bearing Aadhaar No. 931133770120 and in my Voter Identity Card bearing No. IBO0818419 also, I swear this affidavit for rectifying my title from Parida to Nayak, and I am the same person.

Rashmita Nayak

ସାମାଜିକ ସୁରକ୍ଷାରୁ ବଂଚିତ ମାଙ୍କିଡ଼ିଆ ଜନଜାତିର ଦିବ୍ୟାଙ୍ଗ

ଉଦଳା , ୨୩/୧୦ (ନି.ପ୍ର): ମୟୂରଭଂଜ ଜିଲ୍ଲାରେ ବସବାସ କରୁଥିବା ମାଙ୍କିଡ଼ିଆ ଜନଜାତିର ଲୋକେ ସବୁଠାରୁ ଅଧିକ ଅବହେଳିତ ବୋଲି ସରକାର ଘୋଷଣା କରିଛନ୍ତି । ଏବେ ମଧ ସରକାରୀ ସହାୟତା ଏହି ଜନଜାତିର ଲୋକଙ୍କ ପାଖରେ ପହଂଚିପାରିନଥିବାର କଥା ଚର୍ଚ୍ଚା ହେଉଛି । ଏହିପରି ମାଙ୍କିଡ଼ିଆ ଜନଜାତିର କେତେଜଣ ଦିବ୍ୟାଙ୍ଗ ବ୍ୟକ୍ତି ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ପାଇବାରୁ ବଂଚିତ ଥିବାର ଖବର ଆମର ହସ୍ତଗତ ହୋଇଛି । କପ୍ତିପଦା ବ୍ଲକର ଜେ.ଏସ୍.ଜାମଡ଼ିହା ପଂଚାୟତ ଅନ୍ତର୍ଗତ ହିଲ ବ୍ଲକ-୪ ରେ ବସବାସ କରୁଥିବା ଭୁଗୁଡ଼ି ମାଙ୍କିଡ଼ିଆଙ୍କ କନ୍ୟା ଗୁରୁମୁନି ମାଙ୍କିଡ଼ିଆ ଜଣେ ସ୍ୱାମୀ ପରିତ୍ୟକ୍ତା ଓ ଦିବ୍ୟାଙ୍ଗ ମହିଳା ଅଟନ୍ତି । କିଛିବର୍ଷ ପୁର୍ବେ ସେ ଏକ ଅଜଣା ରୋଗରେ ପିଡ଼ିତ ହେବା ଦ୍ୱାରା ତାଙ୍କର ୨ଟିଯାକ ଗୋଡ଼ ଅଚଳ ଅବସ୍ଥାରେ ରହିଛି । ଫଳରେ ସେ ଚାଲବୁଲ କରିପାରୁ ନାହାଁନ୍ତି । ଏତିକି ବେଳେ ତାଙ୍କର ସ୍ୱାମୀ ତାଙ୍କୁ ଛାଡ଼ି ଅନ୍ୟତ୍ର ଚାଲିଯାଇଥିବାର ଜଣାଇଛନ୍ତି । ସରକାର ଯୋଗାଇ ଦେଇଥିବା ଘରଟି ସମ୍ପୂର୍ଣ୍ଣ ଭାଙ୍ଗିଯିବା ପରେ ମାଟିକାନ୍ଥ ନଡ଼ାଛପର ଘରଟିଏ ନିର୍ମାଣ କରି ସେ ଏଠାରେ ଆଶ୍ରୟ ନେଇଛନ୍ତି । ବିଦ୍ୟୁତ ସଂଯୋଗ ନଥିବାରୁ ରାତିରେ ଅନ୍ଧକାରରେ ସମୟ ବିତାଉଛନ୍ତି । ଏହିଭଳି ଦୁର୍ଦ୍ଦିନରେ ସମୟ ବିତାଉଥିବା ଗୁରୁମୁନି ସାମାଜିକ ସୁରକ୍ଷା ଯୋଜନାରେ ଦିବ୍ୟାଙ୍ଗ ମାନଙ୍କୁ ମିଳୁଥିବା ଭତା ପାଇପାରି ନଥିବାର କହିଛନ୍ତି । ସେହିପରି ଏହି ହିଲବ୍ଲକ-୪ରେ ବାସ କରୁଥିବା କାବୁଲି ମାଙ୍କିଡ଼ିଆଙ୍କ ପୁତ୍ର କନ୍ଦା ମାଙ୍କିଡ଼ିଆ ମଧ ଅଜଣା ରୋଗରେ ପିଡ଼ିତ ହେବା ଫଳରେ ୨ଟି ଯାକ ଗୋଡ଼ ଅଚଳ ଅବସ୍ଥାରେ ରହିଛି । ତାଙ୍କର ଗୋଟିଏ ଆଖି ମଧ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି । ଫଳରେ ସେ କାମ କରିପାରୁ ନାହାଁନ୍ତି । ରୋଜଗାର ନଥିବାରୁ ସେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର ଜଣାଇଛନ୍ତି । ତାଙ୍କର ଏ ପର୍ଯ୍ୟନ୍ତ ଆଧାର କାର୍ଡ଼ ମଧ ନାହିଁ । ଆଧାର ପାଇଁ ବାରମ୍ବାର ଫଟୋ ଉଠାଇଥିଲେ ମଧ କାର୍ଡ଼ କାହିଁକି ଆସୁନାହିଁ ତାହା ତାଙ୍କୁ ଜଣାନଥିବାର କହିଛନ୍ତି । ଏହିଭଳି ଦୁର୍ଦ୍ଦିନରେ ସେ ଦିନ ବିତାଉଥିବା ବେଳେ ସାମାଜିକ ସୁରକ୍ଷା ଯୋଜନାରେ ଦିବ୍ୟାଙ୍ଗ ମାନଙ୍କୁ ସରକାର ଯୋଗାଇ ଦେଉଥିବା ଭତା ପାଇପାରି ନଥିବାର ଜଣାଇଛନ୍ତି । ଏତିକି ବେଳେ ପରିବାରକୁ ମିଳୁଥିବା ଚାଉଳ କୌଣସି କାରଣ ନଥାଇ ଦିର୍ଘ ୩ ମାସ ଧରି ବନ୍ଦ କରିଦିଆଯାଇଥିବାର କହିଛନ୍ତି । ଫଳରେ ପରିବାରର ମୋଟ ୩ଜଣ ସଦସ୍ୟ ଖୁବ୍ ଦୁଃଖ ଓ ଯନ୍ତ୍ରଣା ମଧରେ ଦିନ ବିତାଇବାକୁ ବାଧ ହେଉଥିବାର କହିଛନ୍ତି । ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଜନଜାଗୃତି ମଂଚର ସ୍ୱେଚ୍ଛାସେବି ମାନେ ଅନୁରୋଧ ଜଣାଇଛନ୍ତି ।

କାଳୀପୂଜା ଓ ଦୀପାବଳିରେ କେବଳ ଗ୍ରୀନ୍ କ୍ରାକର୍ସ ବିକ୍ରି ଉପରେ ଗୁରୁତ୍ୱ

ଭଦ୍ରକ ସହରରେ ବାଣ ବିକ୍ରି ପାଇଁ ଦୁଇଟି ସ୍ଥାନ ନିର୍ଦ୍ଧାରିତ



ଭଦ୍ରକ, ୨୩/୧୦ (ନି.ପ୍ର): ଆସନ୍ତା କାଳୀପୂଜା ଓ ଦୀପାବଳି ଅବସରରେ ଭଦ୍ରକ ସହର ତଥା ଜିଲ୍ଲାର ଗ୍ରାମାଞ୍ଚଳରେ ଅସ୍ଥାୟୀ ଆତସବାଜି ଦୋକାନ ପାଇଁ ଲାଇସେନ୍ସ ପ୍ରଦାନ ଓ ବିକ୍ରି ସ୍ଥାନ ନିର୍ଦ୍ଧାରଣ ନିମନ୍ତେ ଶୁକ୍ରବାର ସଦ୍‌ଭାବନା ସଭାଗୃହରେ ଏକ ପ୍ରାକ୍‌ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବି ନାରାୟଣ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଗ୍ରୀନ୍ କ୍ରାକର୍ସ ବିକ୍ରି, ଅଗ୍ନିନିରାପତ୍ତା ଓ ନିର୍ଦ୍ଧାରିତ ସ୍ଥାନରେ ସୁରକ୍ଷିତ ବାଣ ବିକ୍ରି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (ଗୁଇନ୍ଦା ସଂସ୍ଥା) ଶ୍ରୀ ଅଂଶୁମାନ ଦ୍ୱିବେଦୀ, ଡେପୁଟି କଲେକ୍ଟର (ବିଚାର) ଶ୍ରୀ କାର୍ତ୍ତିକ ନାଥ ମଣ୍ଡଳଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଶ୍ରୀ ମଣ୍ଡଳ ଉପସ୍ଥିତ ସଦସ୍ୟମାନଙ୍କୁ ସ୍ୱାଗତ କରିବା ସହ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଆଲୋଚନା ପରେ ଜିଲ୍ଲାରେ ଥିବା ସମସ୍ତ ଅସ୍ଥାୟୀ ଆତସବାଜି ଦୋକାନରେ କେବଳ ଗ୍ରୀନ୍ କ୍ରାକର୍ସ ବିକ୍ରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାଦ୍ୱାରା ପରିବେଶ ପ୍ରଦୂଷଣ ହ୍ରାସ କରିବା ସହ ପର୍ବପର୍ବାଣୀକୁ ଅଧିକ ସୁରକ୍ଷିତ ଓ ପରିବେଶ ଅନୁକୂଳ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ତେଣୁ ଦୋକାନୀମାନେ ନିର୍ଦ୍ଧାରିତ ନିୟମ ଅନୁଯାୟୀ ଗ୍ରୀନ୍ କ୍ରାକର୍ସ ବିକ୍ରି କରିବା ସହ ପ୍ରଶାସନର ନିର୍ଦ୍ଦେଶ ପାଳନ କରିବେ । ନିଷ୍ପତ୍ତି ଅନୁଯାୟୀ, ଅସ୍ଥାୟୀ ଆତସବାଜି ଦୋକାନଗୁଡ଼ିକ ୨ ନଭେମ୍ବର ୨୦୨୬ ଠାରୁ ୭ ନଭେମ୍ବର ୨୦୨୬ ରାତି ୧୦ଟା ପର୍ଯ୍ୟନ୍ତ ଖୋଲା ରହି ବାଣ ବିକ୍ରି କରିପାରିବେ । ଏଥିପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଅନୁମତିପତ୍ର ନେବା ବାଧ୍ୟତାମୂଳକ ରହିଛି । ବାଣ ଦୋକାନ ପାଇଁ ସୁରକ୍ଷିତ ସ୍ଥାନ ଚିହ୍ନଟ ନିମନ୍ତେ ସମ୍ପୃକ୍ତ ତହସିଲଦାର, ଅଗ୍ନିଶମ ଅଧିକାରୀ ଓ ଥାନାଧିକାରୀଙ୍କୁ ନେଇ ମିଳିତ ଭାବେ ସ୍ଥାନ ନିର୍ଦ୍ଧାରଣ କରାଯିବ । ଗ୍ରାମାଞ୍ଚଳରେ ଏହି ଅଧିକାରୀମାନେ ମିଳିତ ଭାବେ ଯାଞ୍ଚ କରି ଇଚ୍ଛୁକ ଦୋକାନୀମାନଙ୍କୁ ଆବଶ୍ୟକ ଅନାପତ୍ତି ପ୍ରମାଣପତ୍ର ପ୍ରଦାନ କରିବା ସହ ସରକାରୀ ଦେୟ ଆଦାୟ କରିବେ । ପୌରାଞ୍ଚଳ ଓ ବିଜ୍ଞାପିତ ଅଞ୍ଚଳରେ ଏହି ପ୍ରକ୍ରିୟାରେ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ମଧ ସାମିଲ ହେବେ । ଭଦ୍ରକ ପୌରାଞ୍ଚଳରେ ଅସ୍ଥାୟୀ ବାଣ ଦୋକାନ ପାଇଁ ଦୁଇଟି ସ୍ଥାନ ଚିହ୍ନଟ କରାଯାଇଛି । ସେଗୁଡ଼ିକ ହେଲା ଆ ?ଏମ୍ ?ସି ପଡ଼ିଆ ଓ ସାଳନ୍ଦୀ ନଦୀ ପଠା । ପ୍ରଶାସନ ପକ୍ଷରୁ ସମସ୍ତ ଅସ୍ଥାୟୀ ବାଣ ଦୋକାନୀଙ୍କୁ ସରକାରୀ ନିୟମାବଳୀ, ଅଗ୍ନିନିରାପତ୍ତା ନିୟମ ଓ ଅନୁମତି ସର୍ତ୍ତାବଳୀ କଡ଼ାକଡ଼ି ଭାବେ ପାଳନ କରିବାକୁ କୁହାଯାଇଛି । ନିୟମ ଉଲ୍ଲଂଘନ କଲେ ଯେକୌଣସି ସମୟରେ ଦୋକାନ ସିଲ୍ କରାଯିବା ସହ ଆବଶ୍ୟକ ଆଇନଗତ ପଦକ୍ଷେପ ନିଆଯିବ ।

ଜାନକୀ ବଲ୍ଲଭ ସ୍ମୃତି ସମ୍ମାନ ପାଇବେ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର

ଭୁବନେଶ୍ୱର, ୨୩/୧୦ (ନି.ପ୍ର): ଓଡ଼ିଶାର ମାଳିକା ପୁରୁଷ ଭାବେ ପରିଚିତ, ସିଦ୍ଧ ସାଧକ, ସଙ୍ଗୀତଜ୍ଞ, ସ୍ୱାଧୀନତା ସଂଗ୍ରାମୀ, ସନ୍ଥ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ଉପରେ ଆଧାରିତ 'ଅନୁଭୂତିରେ ବାବା ବୈକୁଣ୍ଠନାଥ' ପୁସ୍ତକ ବାବାଙ୍କ ପ୍ରତି ସମର୍ପିତ ପ୍ରାଣ ଡଃ ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କ ଦ୍ୱାରା ଲେଖା ଯାଇଛି । ଏହି ପୁସ୍ତକଟି ଆସନ୍ତା ୨୬ ତାରିଖ ସୋମବାର ପୂର୍ବାହ୍ନରେ ୟୁନିଟ୍-୯ସ୍ଥିତ ଏକାମ୍ର ସତ୍ୟସେବା ଆଶ୍ରମ ସଭାଗୃହରେ ବରେଣ୍ୟ ସନ୍ଥ ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଲୋକାର୍ପିତ ହେବ । ବାବା ସତ୍ୟାନନ୍ଦ ଦାସ ମହାରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, ଆର୍ଯ୍ୟସମାଜ ଓଡ଼ିଶାର ଅଧକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ହାପି ମୁଭମେଂଟ ଇଣ୍ଡିଆର ଅଧକ୍ଷ ଡଃ ରାଜେନ୍ଦ୍ର ପ୍ରସାଦ ପଣ୍ଡା, ଆଶ୍ରମର ସଭାପତି ବାବା ଶ୍ରୀ ଶ୍ରଦ୍ଧାନନ୍ଦ ଦାସ ପ୍ରମୁଖ ଯୋଗଦେବେ ।

ସାନପାଟପୁର ହାଇସ୍କୁଲରେ କୃଷକ ସଚେତନତା ଏବଂ ତାଲିମ ଶିବିର ଅନୁଷ୍ଠିତ



ନୀଳଗିରି , ୨୩/୧୦ (ନି.ପ୍ର): ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ବାଉଁଶବଣିଆ ପଞ୍ଚାୟତରେ ସାନପାଟପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପୁରାତନ ଛାତ୍ରସଂସଦ ତରଫରୁ ଏକ କୃଷକ ସଚେତନତା ଏବଂ ତାଲିମଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଚେତନତା ଶିବିରରେ ୪ଟି ପଞ୍ଚାୟତରୁ ୫୦ରୁ ଊର୍ଦ୍ଧଚାଷୀ ଭାଗନେଇଥିଲେ ।ଏହି ସଚେତନତା ସଭାରେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଗୋଲକ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିବାବେଳେ ପୁରାତନ ଛାତ୍ରସଂସଦର ସଭାପତି ଡକ୍ଟର ଉପେନ୍ଦ୍ରନାଥ ପାତ୍ର, ଉପଦେଷ୍ଟା ପଞ୍ଚାୟତର ସରପଞ୍ଚ ନିରଞ୍ଜନ ବାରିକ, ଅବସରପ୍ରାପ୍ତ କୃଷି ବିଭାଗ ଉପନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ସ, ନୀଳଗିରି ଏଡିଓ ଡକ୍ଟର ସମତା ମହନ୍ତ, କନିଷ୍ଠ କୃଷିଅଧିକାରୀ ରଘୁନାଥ ଶୁକ୍ଳକ୍ଷ, ଔପଦା ବ୍ଲକ ଉଦ୍ୟାନକୃଷି ଅଧିକାରୀ ମାନସରଞ୍ଜନ ହୋତା, ବିଦ୍ୟାଳୟ ପରିଚାଳନା କମିଟିର ଉପସଭାପତି ଅନିରୁଦ୍ଧ ବେହେରା, ଅବସରପ୍ରାପ୍ତ ଶିକ୍ଷାବିତ ବିଦ୍ୟାଧର ପ୍ରଧାନ, ଦୀପକ ବେହେରା, ଜନ୍ମେଜୟ ପଟ୍ଟନାୟକ, ଶରତଚନ୍ଦ୍ର ପୁଷ୍ଟି ପ୍ରମୁଖ ମଞ୍ଚାସିନ ରହି ଚାଷୀମାନଙ୍କୁ ଉଦବୋଧନ ଦେବା ସହିତ ନୂତନ ଜ୍ଞାନକୌଶଳରେ ଚାଷକରି କିଭଳି ଅଧିକ ଅମଳ କରିହେବ ଏବଂ ଲାଭାନ୍ୱିତ ହେବେ ଏନେଇ ସୂଚନା ପ୍ରଦାନ କରିଥିଲେ ।

ଲୋଇସିଂହା ବ୍ଲକ୍ ବୁଢ଼ୀପଦର ଗ୍ରାମରେ ୩୩ଟି ପ୍ରକଳ୍ପର ଶୁଭାରମ୍ଭ

ଭୁବନେଶ୍ୱର, ୨୩/୧୦ (ନି.ପ୍ର): ଲୋଇସିଂହା ବ୍ଲକ୍ ର ବୁଢ଼ୀପଦର ଗ୍ରାମଠାରେ ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଓ ପାନୀୟଜଳ ବିଭାଗ ଅଧୀନରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଏବଂ ଶୁଭ ଉଦ୍ଘାଟନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ଓ ପଂଚାୟତିରାଜ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକଙ୍କ ସମେତ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଉପସ୍ଥିତ ଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ପ୍ରାୟ ୬୫ କୋଟି ଟଙ୍କା ବ୍ୟୟବରାଦରେ ମୋଟ ୩୩ଟି ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ଅରୁଣାଚଳ ସୀମାରେ...

ଗତ ସେପ୍ଟେମ୍ବର ମାସରେ ଅନୁଷ୍ଠିତ କୋର୍ କମାଣ୍ଡର ସ୍ତରୀୟ ଆଲୋଚନାର ଫଳାଫଳ ଉପରେ ଦାବି ରଖିଛନ୍ତି । ଡୋକଲାମ ଏବଂ ପୂର୍ବ ଲଦାଖ ବିବାଦ ପରେ ଅରୁଣାଚଳ ପ୍ରଦେଶରେ ସୃଷ୍ଟି ହୋଇଥିବା ଏହି ନୂତନ ସୀମା ବିବାଦକୁ ଭାରତ ଏବଂ ଚୀନ୍ କିପରି ସମାଧାନ କରୁଛନ୍ତି, ତାହା ଏବେ ଗୁରୁତ୍ୱପୂର୍ଣ୍ଣ ବିଷୟ ପାଲଟିଛି ।

କୋଟିଆରେ ପଂଚାୟତ...

ପ୍ରତିନିଧି ଦଳ କୋଟିଆ ଯାଇ ସ୍ଥିତି ଅନୁଧାନ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି । ସେପଟେ ଆସନ୍ତାକାଲି ସର୍ବଦଳୀୟ ବୈଠକ ଡାକିଛନ୍ତି ସରକାର । ଏ ପ୍ରସଙ୍ଗରେ ସବୁଦଳ ଏକାଠି ହେବା ପାଇଁ ଆହ୍ୱାନ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ । ଓଡ଼ିଆ ଅସ୍ମିତାର ଅସଲ ଲଢ଼େଇ ହେଉଛି କୋଟିଆ । ଏହି ଜଟିଳ ବିବାଦର ସମାଧାନ ନେଇ କେବଳ ସୁପ୍ରିମକୋର୍ଟ ନୁହେଁ କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତାର ଆବଶ୍ୟକତା ମଧ ରହିଛି । ଗୋଟିଏ ପଟେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଅନ୍ୟପଟେ ଓଡ଼ିଶାର ୨୦ ସାଂସଦଙ୍କର ସମର୍ଥନ ରହିଛି କେନ୍ଦ୍ରକୁ । କିନ୍ତୁ ଓଡ଼ିଶାର ସାଂସଦମାନଙ୍କ ନିରବତା ଅନେକ ସନ୍ଦେହ ସୃଷ୍ଟି କରିଛି । ସାଂସଦଙ୍କ ପାଇଁ ମାଟି ବଡ଼ ନା ପାର୍ଟି ବଡ଼ ? ତାହା ଆଗକୁ ସ୍ପଷ୍ଟ ହେବ । ତେବେ ମହାନଦୀ ଜଳବିବାଦ ଭଳି କୋଟିଆ ବିବାଦରେ ଆପୋସ ବୁଝାମଣା ପାଇଁ ହସ୍ତକ୍ଷେପ କରିବେ କି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ?

ନିର୍ବାଚନ ଆୟୁକ୍ତଙ୍କ ମଧ୍ୟରେ ...

କିମ୍ବା ସହମତି ବିନା ଉଚ୍ଚସ୍ତରୀୟ ଅଧିକାରୀମାନଙ୍କ ବିଭାଗ ଏବଂ କାର୍ଯ୍ୟ ବଣ୍ଟନରେ ପରିବର୍ତ୍ତନ କରି ଏକପାଖିଆ ଭାବେ ଆଦେଶ ଜାରି କରିଥିଲେ । ଦୁଇ ଆୟୁକ୍ତଙ୍କ ସବୁଠାରୁ ବଡ଼ ଚିନ୍ତା ଥିଲା ଯେ, ଏହି ପରିବର୍ତ୍ତନ ଫଳରେ ଭୋଟର ତାଲିକା ସହ ଜଡ଼ିତ ସମ୍ବେଦନଶୀଳ ଓଙ୍କ ବ୍ୟବସ୍ଥାର ତଦାରଖ ଏବଂ ତଥ୍ୟର କେନ୍ଦ୍ରୀକରଣକୁ ନେଇ ସୁରକ୍ଷା ଓ ସ୍ୱଚ୍ଛତା ସମ୍ପର୍କିତ ବଡ଼ ବିପଦ ସୃଷ୍ଟି ହୋଇପାରେ । ନିର୍ବାଚନ ଆୟୁକ୍ତ ସୁଖବୀର ସିଂହ ସନ୍ଧୁ ତାଙ୍କ ଚିଠିରେ ଲେଖିଥିଲେ ଯେ, ଏହି ବିଷୟରେ ମନୀଷ ଗର୍ଗଙ୍କୁ ବାରମ୍ବାର ଅବଗତ କରାଯାଉଥିଲା । ତଥାପି ସେ ଏହା ପ୍ରତି ଧ୍ୟାନ ଦେଇନଥିଲେ, ଯାହା ନିୟମର ସିଧାସଳଖ ଉଲ୍ଲଂଘନ । ଡା. ବିବେକ ଯୋଶୀ ମଧ ସମାନ ପ୍ରକାରର ଅଭିଯୋଗ କରିଥିଲେ । ତାଙ୍କ କହିବା ଅନୁସାରେ, ଗର୍ଗ ଆୟୋଗ ସହ ଆଲୋଚନା ନକରି କିମ୍ବା ତାଙ୍କୁ ଅବଗତ ନକରି ସଂଶୋଧିତ କାର୍ଯ୍ୟ ବଣ୍ଟନ ଆଦେଶ ଜାରି କରିଥିଲେ । ଯୋଶୀ ଏହା ମଧ ଅଭିଯୋଗ କରିଥିଲେ ଯେ, ସେ ପ୍ରଶାସନ ବିଭାଗ ସମ୍ପର୍କିତ ଏକ ଫାଇଲ୍ ମାଗିଥିବାବେଳେ ତାଙ୍କୁ ସେହି ଫାଇଲ୍ ଦେଖିବା କିମ୍ବା ପାଇବାକୁ ଅନୁମତି ଦିଆଯାଇନଥିଲା । ଖାସ କଥା ହେଉଛି, ଦୁଇ ନିର୍ବାଚନ ଆୟୁକ୍ତ ନିଜର ଅଭିଯୋଗ ସିଧାସଳଖ କ୍ୟାବିନେଟ୍ ସଚିବ ଟି.ଭି. ସୋମନାଥନଙ୍କୁ ପଠାଇଥିଲେ । କାରଣ ଏହି ବିବାଦ ଏକ ସାମ୍ବିଧାନିକ ସଂସ୍ଥାର କାର୍ଯ୍ୟପ୍ରଣାଳୀ ସହ ଜଡ଼ିତ ଥିଲା । ଏହି ମାମଲାରେ କ୍ୟାବିନେଟ୍ ସଚିବାଳୟର ଏକ ଫାଇଲ୍ ନୋଟିଂରେ ଉକ୍ତ ଚିଠିଗୁଡ଼ିକର ଗୁରୁତ୍ୱକୁ ସ୍ୱୀକାର କରାଯାଇଥିଲା । କିନ୍ତୁ ସମଗ୍ର ନିର୍ବାଚନ ଆୟୋଗ ପକ୍ଷରୁ କୌଣସି ଆଧିକାରିକ ଯୋଗାଯୋଗ ନଥିବାରୁ ଏହି ମାମଲାରେ ସରକାରୀ ହସ୍ତକ୍ଷେପ ନକରିବାକୁ ସତର୍କ ଆଭିମୁଖ୍ୟ ନିଆଯାଇଥିଲା । କ୍ୟାବିନେଟ୍ ସଚିବ ଟି.ଭି. ସୋମନାଥନ ଏବଂ ସରକାର ଏହି ବିବାଦରେ ସିଧାସଳଖ ହସ୍ତକ୍ଷେପ କରିବାକୁ ମନା କରିଥିଲେ । କ୍ୟାବିନେଟ୍ ସଚିବାଳୟର ମତ ଥିଲା ଯେ, ଏହି ଚିଠି ଦୁଇ ନିର୍ବାଚନ ଆୟୁକ୍ତ ନିଜ ନିଜ ବ୍ୟକ୍ତିଗତ କ୍ଷମତାରେ ଲେଖିଥିଲେ । ସମଗ୍ର ନିର୍ବାଚନ ଆୟୋଗ ପକ୍ଷରୁ ଏହା କୌଣସି ଆଧିକାରିକ ଯୋଗାଯୋଗ ନଥିଲା । ତେଣୁ ସରକାର ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ କରାଗଲେ ତାହା ନିର୍ବାଚନ ଆୟୋଗର ସାମ୍ବିଧାନିକ ସ୍ୱାୟତ୍ତତାରେ କାର୍ଯ୍ୟନିର୍ବାହୀ ବିଭାଗର ସିଧାସଳଖ ହସ୍ତକ୍ଷେପ ବୋଲି ଧରାଯାଇପାରେ ।

ନାବାଳିକା ବଳାତ୍କାର...

ଘଟଣା ପରେ ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ ନେତୃବୃନ୍ଦ ଜଳେଶ୍ୱର ଗସ୍ତ କରି ପୀଡ଼ିତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଆନ୍ଦୋଳନରତ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି ।ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର,ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ,ନେତା ଜ୍ୟୋତିପ୍ରକାଶ ପାଣିଗ୍ରାହୀ,ନାରୀନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଏବଂ ରଘୁନାଥ ମହାନ୍ତି ପ୍ରମୁଖ ପୀଡ଼ିତାଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଛନ୍ତି ।ସେହିପରି ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ତଥା ବିଧାୟକ ଅଶୋକ କୁମାର ଦାସ ଏବଂ କଂଗ୍ରେସ ନେତା ସୁଦର୍ଶନ ଦାସଙ୍କୁ ନେଇ ଗଠିତ ଏକ ପ୍ରତିନିଧି ଦଳ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧାନ କରିବା ସହ ଉତ୍ୟକ୍ତ ଜନତାଙ୍କ ସହ ଆଲୋଚନା କରି ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

ଓଡ଼ିଶାକୁ ଘନେଇଲା...

ଅକ୍ଟୋବର ୨୫ରୁ ବଦଳିପାରେ ପାଗ, ଆରମ୍ଭ ହୋଇପାରେ ବର୍ଷା, ଆଉ ବଢ଼ିପାରେ ପବନର ବେଗ । ୨୬ରେ ବାତ୍ୟା ଓ ୨୭ରେ ଭୀଷଣ ବାତ୍ୟାର ରୂପ ନେବ । ସମୁଦ୍ର ଭିତରେ ଶକ୍ତି ସଞ୍ଚୟ କରି ଆଗକୁ ବଢ଼ିପାରେ ସମ୍ଭାବ୍ୟ ବାତ୍ୟା । ଉତ୍ତର-ପଶ୍ଚିମ ଦିଗରେ ଗତି କରି ୨୭ ତାରିଖ ବେଳକୁ ଭୀଷଣ ବାତ୍ୟାର ରୂପ ନେବା ନେଇ ଆକଳନ କରାଯାଉଛି । ୨୮ ତାରିଖ ଭୋରରେ ଉପକୂଳ ପାଇଁ ବଡ଼ ବିପଦ ଆଶଙ୍କା । ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଉପକୂଳ ନିକଟରେ ପହଞ୍ଚିପାରେ ଭୀଷଣ ବାତ୍ୟା । ଆକଳନ ଅନୁଯାୟୀ, ଘଣ୍ଟାପ୍ରତି ୧୪୦ରୁ ୧୫୦ କିଲୋମିଟର ବେଗରେ ପବନ ବହିବା ଆଶଙ୍କା ରହିଛି । ଏପଟେ ସମ୍ଭାବ୍ୟ ବାତ୍ୟାର ପ୍ରଭାବରେ ରାଜ୍ୟରେ ବଡ଼ ବର୍ଷାର ଆଶଙ୍କା । ୨୭ ଓ ୨୮ ତାରିଖରେ ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ବିଶେଷ କରି ଗଜପତି, ଗଞ୍ଜାମ, ପୁରୀ, ମାଲକାନଗିରି, ରାୟଗଡା, କୋରାପୁଟ ଜିଲ୍ଲା ପାଇଁ ଜାରି ହୋଇଛି ରେଡ୍ ଆଲର୍ଟ । ଦକ୍ଷିଣ ଉପକୂଳ ଓଡିଶାରେ ଜାରି ରହିବ ବଡ଼ ବର୍ଷା । ଗଭୀର ସମୁଦ୍ରକୁ ନ ଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ସତର୍କତା ଜାରି । ସମ୍ଭାବ୍ୟ ବାତ୍ୟାକୁ ନେଇ ସଜାଗ ରାଜ୍ୟ ସରକାର । ପ୍ରସ୍ତୁତିର ସମୀକ୍ଷା ପାଇଁ ୧୬ଟି ଜିଲ୍ଲାର ଜିଲ୍ଲାପାଳ ଓ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ବସିଛି ବୈଠକ । ବାତ୍ୟା ମୁକାବିଲା ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ।

ଗଣତନ୍ତ୍ର ବଞ୍ଚାଅ, ଭିଡ଼ତନ୍ତ୍ର ହଟାଅ ଶୀର୍ଷକରେ ବିଜେପିର ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ



ବାଲେଶ୍ୱର, ୨୩/୧୦ (ନି.ପ୍ର): ଭାରତୀୟ ଜନତା ପାର୍ଟି (ବିଜେପି), ବାଲେଶ୍ୱର ପକ୍ଷରୁ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଈଶ୍ୱର ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ 'ଗଣତନ୍ତ୍ର ବଞ୍ଚାଅ, ଭିଡ଼ତନ୍ତ୍ର ହଟାଅ' ଶୀର୍ଷକ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଭେନିଆ ପାରାଡାଇଜ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଓଡ଼ିଶା ରାଜ୍ୟ ସହପ୍ରଭାରୀ ଡଃ ସ୍ୱଦେଶ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା, ଜନସାଧାରଣଙ୍କ ମଧ୍ୟରେ ରାଜନୈତିକ ସଚେତନତା ବୃଦ୍ଧି ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟା ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ ସୁଦୃଢ଼ କରିବା । ମୁଖ୍ୟ ଅତିଥି ଡଃ ସ୍ୱଦେଶ ସିଂହ ନିଜ ଅଭିଭାଷଣରେ କହିଥିଲେ ଯେ, କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡି ମେଣ୍ଟ ଗଣତାନ୍ତ୍ରିକ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇ ଜନସାଧାରଣଙ୍କ ମନରେ ଅବିଶ୍ୱାସ ସୃଷ୍ଟି କରିବା ସହ କ୍ଷମତା ହାସଲ ପାଇଁ ଭିଡ଼ତନ୍ତ୍ରର ଆଶ୍ରୟ ନେଉଛି । ଏହାଦ୍ୱାରା ଦେଶରେ ଅରାଜକତା ସୃଷ୍ଟି ହେବାର ଆଶଙ୍କା ରହିଛି ବୋଲି ସେ ମତପ୍ରକାଶ କରିଥିଲେ । ସେ ଆହୁରି କହିଥିଲେ ଯେ, ଇଭିଏମ୍‌ର କାର୍ଯ୍ୟପ୍ରଣାଳୀ, ନିର୍ବାଚନ ପ୍ରକ୍ରିୟା ଏବଂ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡ଼ିକ ସମୟ ସମୟରେ ମନଗଢା ପ୍ରଶ୍ନ ଉଠାଉଛନ୍ତି । ଏପରି ଅଭିଯୋଗ କେବଳ ଜନସାଧାରଣଙ୍କ ମଧ୍ୟରେ ଭ୍ରମ ସୃଷ୍ଟି କରିବା ପାଇଁ । ତେଣୁ ଏହି ପ୍ରସଙ୍ଗରେ ଲୋକଙ୍କୁ ସଚେତନ କରିବା ପାଇଁ ଦଳ ପକ୍ଷରୁ ଆଲୋଚନା, ସଭା, ଜନସମ୍ପର୍କ ଅଭିଯାନ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସେ କହିଥିଲେ । ଡଃ ସ୍ୱଦେଶ ସିଂହ କର୍ମୀମାନଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ, ଗଣତନ୍ତ୍ରର ସୁରକ୍ଷା ପାଇଁ ଜନସାଧାରଣଙ୍କ ସହ ନିରନ୍ତର ସମ୍ପର୍କ ରଖିବା, ଆଲୋଚନା ମାଧ୍ୟମରେ ନିଜର ମତ ଉପସ୍ଥାପନ କରିବା ଏବଂ ଲୋକଙ୍କୁ ଗଣତାନ୍ତ୍ରିକ ବ୍ୟବସ୍ଥାର ମହତ୍ତ୍ୱ ବୁଝାଇବା ଆବଶ୍ୟକ । ଦେଶରେ ଶାନ୍ତି, ଶୃଙ୍ଖଳା ଓ ଗଣତାନ୍ତ୍ରିକ ପରମ୍ପରା ବଜାୟ ରଖିବା ପାଇଁ ସମସ୍ତଙ୍କୁ ଦାୟିତ୍ୱବାନ ଭୂମିକା ନିର୍ବାହ କରିବାକୁ ପଡ଼ିବ ବୋଲି ସେ ମତ ଦେଇଥିଲେ । ଯେଉଁଠି ନିର୍ବାଚନରେ ହାର ହୁଏ, ସେଇଠି କିଛି ଲୋକଙ୍କୁ ସବୁଠି ଗଡ଼ବଡ଼ ଦେଖାଯାକ୍ଷଏ । ଦେଶରେ କ'ଣ ପ୍ରଥମ ଥର ପାଇଁ ଭୋଟର ତାଲିକାରେ ସଂଶୋଧନ ହେଉଛି ? ଭୋଟର ତାଲିକାକୁ ଶୁଦ୍ଧ, ସଠିକ୍ ଓ ସ୍ୱଚ୍ଛ କରିବା କ'ଣ ଭୁଲ୍ ? ୧୩ କୋଟି ଲୋକଙ୍କ ନାମ କଟିଗଲା ବୋଲି କହି ଜନସାଧାରଣଙ୍କୁ ଭ୍ରମିତ କରିବା ପୂର୍ବରୁ ଏହାର ଉତ୍ତର ଦେବା ଦରକାର, ଏହି ନାମଗୁଡ଼ିକ ମଧ୍ୟରୁ କେତେ ଜଣ ମୃତକ, କେତେ ଜଣ ସ୍ଥାୟୀ ଭାବେ ଅନ୍ୟ ସ୍ଥାନକୁ ଚାଲିଯାଇଛନ୍ତି, କେତେ ଜଣଙ୍କ ନାମ ଏକାଧିକ ସ୍ଥାନରେ ରହିଛି ଏବଂ କେତେ ଜଣଙ୍କ ସମ୍ପର୍କରେ ଯାଞ୍ଚ କରିବା ସମ୍ଭବ ହୋଇନାହିଁ ? ପ୍ରାରମ୍ଭିକ ଅଭିଭାଷଣରେ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଈଶ୍ୱର ଚନ୍ଦ୍ର ବେହେରା କର୍ମଶାଳାର ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଦଳୀୟ କର୍ମୀମାନେ ଜନସାଧାରଣଙ୍କ ନିକଟରେ ପହଞ୍ଚି ଦଳର ମତାମତ ଓ ଆଭିମୁଖ୍ୟ ଉପସ୍ଥାପନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ବାଲେଶ୍ୱରର ମାନ୍ୟବର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଦଳୀୟ କର୍ମୀ ଓ ନେତାମାନଙ୍କୁ ଏକଜୁଟ ହୋଇ ଦେଶର ସ୍ୱାର୍ଥ ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ । ରାଜ୍ୟ ସଂଗଠନ ମହାମନ୍ତ୍ରୀ ମାନସ ମହାନ୍ତି, ଜିଲ୍ଲା ପ୍ରଭାରୀ ଗୌତମ ରାୟ କର୍ମଶାଳାରେ ଗଣତନ୍ତ୍ରର ସୁରକ୍ଷା, ଜନସଚେତନତା, ଜନସମ୍ପର୍କ ଓ ସାଂଗଠନିକ କାର୍ଯ୍ୟକ୍ରମକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଗଣତାନ୍ତ୍ରିକ ପଦ୍ଧତିରେ ମତଭେଦର ସମାଧାନ, ଶାନ୍ତିପୂର୍ଣ୍ଣ ଜନଆନ୍ଦୋଳନ ଏବଂ ସାମ୍ବିଧାନିକ ମୂଲ୍ୟବୋଧର ସୁରକ୍ଷା ହିଁ ଏକ ସୁସ୍ଥ ଗଣତନ୍ତ୍ରର ମୂଳ ଆଧାର ବୋଲି ଏହି କର୍ମଶାଳାରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଓ ଚନ୍ଦ୍ରଶେଖର ନନ୍ଦ କର୍ମଶାଳା ପରିଚାଳନା କରିଥିଲେ, ଅନ୍ୟମାନଙ୍କ ମଧ୍ୟରେ ସରକାରୀ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ନିଳଗିରି ବିଧାୟକ ସନ୍ତୋଷ ଖଟୁଆ, ରାଜ୍ୟ ଉପସଭାପତି ସିପ୍ରା ବାଜପେୟୀ, ପୂର୍ବତନ ସାଂସଦ ରବିନ୍ଦ୍ର ଜେନା, ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ଏବଂ ସୋର ବିଧାୟକ ପ୍ରାର୍ଥୀ ପର୍ଶୁରାମ ଧଡା ମଞ୍ଚାସିନ ଥିଲେ ।

ଆଧ୍ୟାତ୍ମିକ ପ୍ରବଚନ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ବାରିପଦା, ୨୩/୧୦ (ନି.ପ୍ର): ଭାଷା, ସାହିତ୍ୟ, ସଂସ୍କୃତି ଓ ଆଧାତ୍ମିକ ଚେତନାର ବାର୍ତ୍ତାବହ ମୟୂରଭଞ୍ଜର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ 'ପ୍ରତିଶ୍ରୁତି' ପ୍ରତିଷ୍ଠାନ ଆନୁକୂଲ୍ୟେର ଏକ ପ୍ରବଚନ ଜ୍ଞାନଯଜ୍ଞ ସ୍ଥାନୀୟ ୩ନଂ ୱାର୍ଡ ସ୍ଥିତ ସତ୍‌ସଙ୍ଗ ଭବନ ପରିସରେର ପ୍ରତିଷ୍ଠାନର ସଭାପତି ଡାଃ ପାର୍ଥ ସାରଥୀ ଜେନାଙ୍କ ପୌରୋହିତ୍ୟେର ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟନ ଉତ୍ସବେର ବାରିପଦା ପୌରପରିଷଦର ନଗରପାଳ ଶ୍ରୀଯୁକ୍ତ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବର୍କ ଜ୍ଞାନଯଜ୍ଞକୁ ଉଦ୍‌ଘାଟନ କରିବା ସହିତ ଏହି ପ୍ରବଚନ ଲୋକଙ୍କ ଭିତେର ଥିବା ମୋହକୁ ଦୂର କରିବା ପାଇଁ ସହାୟକ ହେବ ବୋଲି କହିଥିଲେ । ୩ନଂ ୱାଡର୍ର ୱାର୍ଡ କାଉନସିଲର ରାଜ ଗୁପ୍ତା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିବା ବେଳ ବିଶିଷ୍ଟ ଶଲ୍ୟ ଚିକିତ୍ସକ ଡାଃ ଶିବାନନ୍ଦ ମହାନ୍ତି, ବିଶିଷ୍ଟ ଅତିଥି, ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାଃ କୁମୁଦ ରଂଜନ ରାଉତ, ସମ୍ମାନୀତ ବକ୍ତା, ବ୍ରାହ୍ମଣ ମହାସଭା, ମୟୂରଭଞ୍ଜ ଶାଖାର ସଭାପତି ଡାଃ ମହାଦେବ ଦାଶ ପ୍ରମୁଖ ଯୋଗ ଦେଇ ଭକ୍ତି ସାହିତ୍ୟ ହିଁ ସମାଜେର ପରିବତ୍ତର୍ନ ଆଣିବାକୁ ସକ୍ଷମ ବୋଲି ମତ ଦେଇଥିଲେ । ଏହି ପ୍ରବଚନ କାର୍ଯ୍ୟକ୍ରମେର ସ୍ୱାମୀ ରୁଦ୍ରେଶାନନ୍ଦ ଗିରି ସାରଗଭର୍କ ପ୍ରବଚନ ପ୍ରଦାନ କରି ମଣିଷ ନିଜ ଭିତେର ଥିବା ଇର୍ଷା, ହିଂସା ଓ ଅହଂକାରକୁ ପରିତ୍ୟାଗ ନ କେଲ ଈଶ୍ୱରଙ୍କ ସାକ୍ଷାତକାର ପାଇବା ସମ୍ଭବ ନହୁଁ ବୋଲି ବ୍ରହ୍ମର୍ଷି ବଶିଷ୍ଠ ଓ ବିଶ୍ୱାମିତ୍ରଙ୍କ ଉଦାହରଣ ଦେଇ ଶ୍ରୋତାମାନଙ୍କୁ ମନ୍ତ୍ର ମୁଗ୍ଧ କରିଦେଇଥିଲେ । ପ୍ରାରମ୍ଭେର ଜଗନ୍ନାଥ ସଂସ୍କୃତି ଗେବଷକ ଭାଗବତ ପଣ୍ଡା ସତସଙ୍ଗର ମହତ୍ତ୍ୱ ସମ୍ପକର୍ରେ ଦେବର୍ଷି ନାରଦଙ୍କର କାହାଣୀ ମାଧମେର ନିଜର ମତ ରଖିଥିଲେ । ସଭାପତି ଡାକ୍ତର ଜେନା ଶ୍ରୀମଦ୍ ଭଗବଦ୍ ଗୀତାେର ହିଁ ମନୁଷ୍ୟ ଜୀବନର ସମସ୍ତ ସମସ୍ୟା ସମାଧାନର ସୂତ୍ର ରହିଛି ବୋଲି ଉେଲ୍ଲଖ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ଗୋପାଳ ଚନ୍ଦ୍ର ସାହୁ, ବିଭୂ ମହାଳିକ, ବିଶ୍ୱଜିତ ମହାନ୍ତ, କୈଳାସ ଚନ୍ଦ୍ର ଧଳ, ସଭ୍ୟା ଗୀତାରାଣୀ ସାହୁ, ଭାସ୍ୱତୀ ପଣ୍ଡା, ସୁଧାମୟୀ ଦାସ, ଛବିରାଣୀ ସାହୁ ଓ କମଳିନୀ ବେହେରା ପ୍ରମୁଖ ପରିଚାଳନା କରିଥିଲେ ।

ଶନିବାର, ଅକ୍ଟୋବର ୨୪, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ସମାଜସେବୀ ଟିକାଭାଇଙ୍କୁ ସାହାଯ୍ୟର ହାତ ବଢାଇଲେ ଧ୍ରୁବ ନାୟକ

ବାସୁଦେବପୁର , ୨୩/୧୦ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ରାଜଘର ପୋଖରୀ ପଞ୍ଚାୟତର ଜଣେ ଅତି ପରିଚିତ ସମାଜ ସେବୀ ହେଉଛନ୍ତି ରାମଚନ୍ଦ୍ର ଜେନା ଓରଫ୍ ଟିକା ଭାଇ। ଶ୍ରୀ ରାମଚନ୍ଦ୍ର ଜେନାଙ୍କୁ ନିକଟରେ ସାହାଯ୍ୟ ସହଯୋଗର ହାତ ବଢାଇଛନ୍ତି ଧ୍ରୁବ ଚରଣ ନାୟକ। ରାଜଘର ପୋଖରୀ ପଞ୍ଚାୟତର ପାଟଣା ସାହିର ଭୀମ ସେନ୍ ନାୟକଙ୍କ ପୁତ୍ର ଧ୍ରୁବ ଚରଣ ନାୟକ ବିଶିଷ୍ଟ ସମାଜ ସେବୀ ରାମଚନ୍ଦ୍ର ଜେନାଙ୍କୁ ଏହି ଦୁଃଖ ଓ ବିପଦ ସମୟରେ ସାହାଯ୍ୟ ସହଯୋଗ ଯୋଗାଇ ଦେଇଛନ୍ତି। ଯେତେବେଳେ ଟିକା ଭାଇ ଙ୍କ ଗୋଡ଼ ଖରାପ ଥିଲା ଏବଂ ସେ ଡାକ୍ତର ଖାନାରେ ଚିକିତ୍ସା ହେଉଥିଲେ ସେତେବେଳେ ସମାଜ ସେବୀ ଧ୍ରୁବ ଚରଣ ନାୟକ ଟିକା ଭାଇଙ୍କୁ ଔଷଧ ପତ୍ର ଓ ବିଭିନ୍ନ ପ୍ରକାରର ଫଳ ଯୋଗାଇ ଦେଇଛନ୍ତି। ଏବେବି ଆମ ସମାଜରେ ମଣିଷ ପଣିଆ ବଞ୍ଚିଛି। ଯାହାର ପ୍ରକୃତରେ ମଣିଷ ପଣିଆ ଓ ଭଲ ହୃଦୟ ରହିଚି ତାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ରାଜଘର ପୋଖରୀ ପଞ୍ଚାୟତର ଧ୍ରୁବ ଚରଣ ନାୟକ। ଈଶ୍ୱରଙ୍କ ପାଖରେ ବିଶିଷ୍ଟ ସମାଜସେବୀ ରାମଚନ୍ଦ୍ର ଜେନା ଧ୍ରୁବ ଚରଣ ନାୟକଙ୍କ ମଙ୍ଗଳ କାମନା କରିଛନ୍ତି। ଏହିପରି ଭାବରେ ଘଡ଼ି ସନ୍ଧି ମୁହୂର୍ତ୍ତରେ ଦୁଃଖୀ ଗରିବ ଲୋକଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦେଉଥିବା ପ୍ରିୟ ମଣିଷ ସମାଜ ସେବୀ ରାମଚନ୍ଦ୍ର ଜେନାଙ୍କୁ ଧ୍ରୁବ ଚରଣ ନାୟକ ସାହାଯ୍ୟ ସହଯୋଗ ଯୋଗାଇ ଦେଇଥିବାରୁ ଶ୍ରୀ ରାମଚନ୍ଦ୍ର ଜେନା କୃତଜ୍ଞତା ଜ୍ଞାପନ କରିଛନ୍ତି ଓ ଅନେକ ଅନେକ ଧନ୍ୟବାଦ ଜଣାଇଛନ୍ତି।



ଏଲ୍‌ଆଣ୍ଡ୍‌ଟି କାର୍ଯ୍ୟକ୍ଷେତ୍ର ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୩/୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଲ୍ ଆଣ୍ଡ୍ ଟି ର କାର୍ଯ୍ୟକ୍ଷେତ୍ର ପରିଦର୍ଶନ କରି କମ୍ପାନୀର ପ୍ରମୁଖ ପ୍ରକଳ୍ପ ଓ ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ଅବଗତ ହୋଇଛନ୍ତି। ଏହି ଅବସରରେ କମ୍ପାନୀର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) ଏସ୍.ଏନ୍. ସୁବ୍ରମଣ୍ୟନ୍ ମୁଖ୍ୟମନ୍ତ୍ରୀଙ୍କୁ କମ୍ପାନୀର ବିଶ୍ୱବ୍ୟାପୀ ଉପସ୍ଥିତି, କାର୍ଯ୍ୟପରିଚାଳନା ଓ କାର୍ଯ୍ୟଶୈଳୀ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏଲ୍ ଆଣ୍ଡ୍ ଟିରେ କାର୍ଯ୍ୟରତ ଓଡ଼ିଆ କର୍ମଚାରୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଏଥିସହ କମ୍ପାନୀର ବିଭିନ୍ନ ଗ୍ରୁପ୍ ର ମୁଖ୍ୟମାନଙ୍କ ସହ ଓଡ଼ିଶାରେ ପୁଞ୍ଜିନିବେଶର ସମ୍ଭାବନା ଓ ଭବିଷ୍ୟତରେ ସହଯୋଗ ସମ୍ପର୍କରେ ବିଚାରବିମର୍ଶ କରିଥିଲେ। ରାଜ୍ୟର ଶିଳ୍ପଭିତିଭୂମିକୁ ସୁଦୃଢ଼ କରିବା ସହ ଓଡ଼ିଶାର ଯୁବପିଢ଼ିଙ୍କ ପାଇଁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏହି ଆଲୋଚନାର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ଭଦ୍ରକରେ ଶିଶୁମାନଙ୍କ ପ୍ରତିଭା ଓ କ୍ରୀଡ଼ା ଦକ୍ଷତାର ବିକାଶ ପାଇଁ 'ମହକ' ଓ 'ଉତ୍ସାହ-୨୦୨୬' ଆୟୋଜିତ

ରାଜ୍ୟସ୍ତରକୁ ମନୋନୀତ ହେଲେ ଭଦ୍ରକର ଦୁଇ ଫୁଟବଲ୍ ଦଳ

ଭଦ୍ରକ, ୨୩/୧୦ (ନି.ପ୍ର): ଶିଶୁମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ, ଆତ୍ମବିଶ୍ୱାସ ବୃଦ୍ଧି ଓ କ୍ରୀଡ଼ା ମନୋଭାବ ସୃଷ୍ଟି କରିବା ଲକ୍ଷ୍ୟରେ ଭଦ୍ରକ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଅକ୍ଟୋବର ୨୨ ଓ ୨୩ ତାରିଖରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ 'ମହକ' ଓ 'ଉତ୍ସାହ-୨୦୨୬' ଆୟୋଜିତ ହୋଇଯାଇଛି। ଅକ୍ଟୋବର ୨୨ ତାରିଖରେ ଜିଲ୍ଲା ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ଶିଶୁ ଯତ୍ନ ଅନୁଷ୍ଠାନ ମହୋତ୍ସବ 'ମହକ' ଅନୁଷ୍ଠିତ ହୋଇଥିବା ବେଳେ ୨୩ ତାରିଖରେ ବାଗୁରାଇସ୍ଥିତ ବିନ୍ଦୁ ମାଧବ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଆନ୍ତଃ ଶିଶୁଯତ୍ନ ଅନୁଷ୍ଠାନ କ୍ରୀଡ଼ା ପ୍ରତିଯୋଗିତା 'ଉତ୍ସାହ-୨୦୨୬' ଉଦ୍‌ଯାପିତ ହୋଇଛି। ଏହି ଦୁଇ କାର୍ଯ୍ୟକ୍ରମ ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭା ଓ କ୍ରୀଡ଼ା ଦକ୍ଷତାକୁ ଉଜାଗର କରିବାର ଏକ ଉତ୍ତମ ମଞ୍ଚ ପ୍ରଦାନ କରିଛି। ଅକ୍ଟୋବର ୨୨ ତାରିଖରେ ଆୟୋଜିତ 'ମହକ' ମହୋତ୍ସବକୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ସୁବ୍ରତ ବିଶ୍ୱାଳ, କିଶୋର ନ୍ୟାୟ ପରିଷଦର ସଦସ୍ୟ ବେଣୁଧର ସାହୁ, ସୁରକ୍ଷା ଅଧିକାରିଣୀ ସବିତା ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ଓ ପ୍ରାକ୍ତନ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ କମଳାକାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଶ୍ରୀ ସାହୁ ନିଜ ଅଭିଭାଷଣରେ ଶିଶୁମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ଉନ୍ମୋଚନ ହିଁ 'ମହକ'ର ପ୍ରମୁଖ ଉଦ୍ଦେଶ୍ୟ ବୋଲି କହିଥିଲେ। ଡେପୁଟି କଲେକ୍ଟର ଶ୍ରୀ ମଣ୍ଡଳ ଅନେକ ଶିଶୁଙ୍କ ପ୍ରତିଭା ବଣମଲ୍ଲୀ ପରି ଅପ୍ରକାଶିତ ରହିଯାଉଥିବାରୁ ସେମାନଙ୍କୁ ଉପଯୁକ୍ତ ସୁଯୋଗ ଓ ପ୍ରୋତ୍ସାହନ ଯୋଗାଇଦେବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି ମତ ଦେଇଥିଲେ। ଏହି ମହୋତ୍ସବରେ ଶିଶୁଯତ୍ନ ଅନୁଷ୍ଠାନର ଅନ୍ତେବାସୀମାନଙ୍କ ମଧ୍ୟରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ବକ୍ତୃତା, ଚିତ୍ରାଙ୍କନ, ସଙ୍ଗୀତ, କୁଇଜ୍, ପ୍ରତିଭା ଅନ୍ୱେଷଣ ଓ ଦଳଗତ ନୃତ୍ୟ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଚାରକମାନେ ପ୍ରତିଯୋଗୀଙ୍କ ପ୍ରଦର୍ଶନର ମୂଲ୍ୟାଙ୍କନ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ 'ମହକ' ଉତ୍ସବରେ ଭାଗ ନେବାର ସୁଯୋଗ ପାଇବେ। ପ୍ରାରମ୍ଭରେ ଗାନ୍ଧୀ ବାଳାଶ୍ରମର ଅନ୍ତେବାସୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ଅକ୍ଟୋବର ୨୩ ତାରିଖରେ ବାଗୁରାଇସ୍ଥିତ ବିନ୍ଦୁ ମାଧବ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ 'ଉତ୍ସାହ-୨୦୨୬' କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଶିଶୁମାନଙ୍କ ଶାରୀରିକ ସୁସ୍ଥତା, ଆତ୍ମବିଶ୍ୱାସ, କ୍ରୀଡ଼ା ମନୋଭାବ ଓ ଦଳଗତ ସହଯୋଗ ବୃଦ୍ଧି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଉଦ୍‌ଘାଟନୀ ସଭାରେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ସୁବ୍ରତ ବିଶ୍ୱାଳ, ସଦସ୍ୟ ପ୍ରଦୀପ୍ତ କର, ଶିକ୍ଷକ ରବୀନ୍ଦ୍ର ମହାନ୍ତି, କିଶୋର ନ୍ୟାୟ ପରିଷଦର ସଦସ୍ୟ ବେଣୁଧର ସାହୁ, ପ୍ରାକ୍ତନ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ କମଳାକାନ୍ତ ସ୍ୱାଇଁ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲାର ବିଭିନ୍ନ ଶିଶୁଯତ୍ନ ଅନୁଷ୍ଠାନର ଅନ୍ତେବାସୀମାନେ ଏହି କ୍ରୀଡ଼ା ପ୍ରତିଯୋଗିତାରେ ଉତ୍ସାହର ସହ ଭାଗ ନେଇଥିଲେ। ବାଳକ ଓ ବାଳିକାଙ୍କ ପାଇଁ ୧୦୦ ମିଟର ଓ ୨୦୦ ମିଟର ଦୌଡ଼, ଲମ୍ବଡିଆଁ, ଉଚ୍ଚଡିଆଁ, କ୍ୟାରମ୍, ଚେସ୍ ଓ ଫୁଟବଲ୍ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଖେଳ ପ୍ରଶିକ୍ଷକ ତପନ କୁମାର ମିଶ୍ର ଓ ତାଙ୍କ ଦଳର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଗୁଡ଼ିକ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଗାନ୍ଧୀ ଓଡ଼ିଶା ବାଳାଶ୍ରମର ବାଳକ ଫୁଟବଲ୍ ଦଳ ଓ ଶାନ୍ତି ଆଶ୍ରମର ବାଳିକା ଫୁଟବଲ୍ ଦଳ ଉତ୍କୃଷ୍ଟ ପ୍ରଦର୍ଶନ କରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଏହା ଭଦ୍ରକ ଜିଲ୍ଲା ପାଇଁ ଗୌରବର ବିଷୟ ହୋଇଛି।



ଜେକେଏସି କ୍ଲବ୍ ଆନୁକୂଲ୍ୟରେ ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଯାପିତ: ନରହରିପୁର ଦଳ ବିଜୟୀ

ନୀଳଗିରି, ୨୩/୧୦ (ନି.ପ୍ର): ନୀଳଗିରି ବ୍ଲକ୍ ଭଉଁରିଆବାଡ଼ ପଞ୍ଚାୟତ ତେରଲଡିହି ଖେଳପଡ଼ିଆରେ ଜେକେଏସି କ୍ଲବ୍ ଆନୁକୂଲ୍ୟରେ ୩୩ତମ ଦୁଇଦିନିଆ ଫୁଟବଲ ପ୍ରତିଯୋଗିତା ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମୋଟ ୧୬ଟି ପ୍ରମୁଖ ଫୁଟବଲ ଦଳ ଭାଗନେଇ ନିଜନିଜର କ୍ରୀଡ଼ାକୌଶଳ ପ୍ରଦର୍ଶନ କରିଥିଲେ। ଉଦ୍ଘାଟନୀ ଦିବସରେ ନୀଳଗିରି ବ୍ଲକ୍ ଅଧକ୍ଷା ତଥା ବିଜେଡି ଜିଲ୍ଲା ମହିଳା ସଭାନେତ୍ରୀ ଶୁଭଲକ୍ଷ୍ମୀ ମାଝୀ ଫିତାକାଟି ଆନୁଷ୍ଠାନିକ ଉଦଘାଟନ କରିଥିଲେ। ଉକ୍ତ ଦିବସରେ ଅନ୍ୟ ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ମଦନମୋହନ ମାଝୀ , ରଘୁନାଥ ମାଝୀ, ଲମ୍ବୋଦର ମାଝୀ,ପଙ୍କଜ କୁମାର ମାଝୀ, ମାନସରଞ୍ଜନ ମାଝୀ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ଅନ୍ତିମଦିବସ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ସୁନାମି ଏଫ୍.ସି ଏବଂ ନରହରିପୁର ଦଳ ମଧ୍ୟରେ କଡ଼ାମୁକାବିଲା ହୋଇଥିଲା। ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରି ନରହରିପୁର ଦଳ ବିଜୟୀ ଲାଭକରି ଚାମ୍ପିୟନ୍ ଆଖ୍ୟା ହାସଲ କରିଛି। ଏହି ଉଦ୍‌ଯାପନୀ ସମାରୋହରେ ମାନ୍ୟବର ବିଧାୟକ ଶ୍ରୀ ସନ୍ତୋଷ ଖଟୁଆ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତଅତିଥି ଭାବେ ଭଉଁରିଆବାଡ଼ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶ୍ରୀ ରତିକାନ୍ତ ମଲ୍ଲିକ ଉପସ୍ଥିତ ଥିଲେ। କ୍ଲବ୍‌ର ସଭାପତି ଶ୍ରୀ ଭରତ ଚନ୍ଦ୍ର ମାଝୀ ଏବଂ ସମ୍ପାଦକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳିତ ହୋଇଥିଲା। ମ୍ୟାଚର ରେଫରି ଭାବେ ସନ୍ତୋଷ କୁମାର ରାଉତ, ସିରୁ ସୋରେନ, ଦିଲ୍ଲୀପ ସାର୍ ପ୍ରମୁଖ ୬ଜଣ ରେଫାରି ଖେଳ ପରିଚାଳନା କରିଥିଲେ। ସୁନାମଧନ୍ୟ ଉତ୍ତୋଷକ ବୃଷଭାନୁ ମହାପାତ୍ର ଏବଂ ମନୋଜ ପାତ୍ର ଖେଳର ଧାରାବିବରଣୀ ପ୍ରଦାନ କରିଥିବା ବେଳେ ପ୍ରାୟ ୧୦ହଜାରରୁ ଉର୍ଦ୍ଧ୍ୱ ଦର୍ଶକ ଖେଳ ଉପଭୋଗ କରିଥିବା ଦେଖାଯାଇଥିଲା। କ୍ଲବ୍‌ର ସଦସ୍ୟ କୁନା ମାଝୀ, ଅଜୟ କୁମାର ମାଝୀ, ବିଜୟ କୁମାର ମାଝୀ, ଅରବିନ୍ଦ ମାଝୀ, କାହ୍ନୁ ମାଝୀ, ଚନ୍ଦନ ମାଝୀ, ଗଦେଇ ମାଝୀ, ମାନସ ମାଝୀ, ଚରେ ମାଝୀ, ପାଲଟନ୍ ମାଝୀଙ୍କ ସମେତ ଓ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ଏହି କ୍ରୀଡ଼ାମହୋତ୍ସବ ସଫଳତାପୂର୍ବକ ସମ୍ପନ୍ନ ହୋଇଛି।

ନୀଳଗିରି କାଠପାଳ ପୋଲଉପରୁ ଅଜଣା ବିଧବା ମହିଳା ଉଦ୍ଧାର: ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ

ନୀଳଗିରି, ୨୩/୧୦ (ନି.ପ୍ର): ନୀଳଗିରି ମିତ୍ରପୂର ସ୍ଥିତ କାଠପାଳ ପୋଲଉପରେ ଜୈନିକ ବିଧବା ପ୍ରୌଢ ମହିଳା ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବାବେଳେ ସ୍ଥାନୀୟଲୋକେ ଦେଖି ନୀଳଗିରି ଥାନାକୁ ଖବର ଦେଇଥିଲେ। ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ତୁରନ୍ତ ୧୧୨ଗାଡ଼ି ପଠାଇ ନୀଳଗିରି ମେଡିକାଲକୁ ଆଣି ଚିକିତ୍ସା କରାଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ବିଧବା ମହିଳାଙ୍କ ପରିଚୟ ମିଳିନଥିବା ବେଳେ ମରଶରୀରକୁ ନୀଳଗିରି ମେଡିକାଲରେ ଶବବ୍ୟବଚ୍ଛେଦ ଘରେ ଫ୍ରିଜରରେ ରଖାଯାଇଥିବା ସୂଚନା ମିଳିଛି।


ଇଣ୍ଡିଆନ୍ ଅଏଲ୍ ପାରଦୀପ ରିଫାଇନରୀରେ ଅନ୍‌ସାଇଟ୍ ଡିଜାଷ୍ଟର ଡ୍ରିଲ୍

ପାରାଦୀପ, ୨୩/୧୦ (ନି.ପ୍ର): ଇଣ୍ଡିଆନ୍‌ଅଏଲ୍ ପାରାଦୀପ ରିଫାଇନରୀ ରେ ଏକ ମକ୍ ଡ୍ରିଲ୍ (ଅନ୍ ସାଇଟ୍ ଡିଜାଷ୍ଟର୍ ଡ୍ରିଲ୍) ଆୟୋଜନ କରାଯାଇଥିଲା। ଯେଉଁଥିରେ ରିଫାଇନରୀ ତାହାର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ପ୍ରସ୍ତୁତିର ପ୍ରଭାବ ଯାଞ୍ଚ କରିଥିଲା। ପାରାଦୀପ ରିଫାଇନରୀର ଅନୁମୋଦିତ ଇମରର୍ଜେନ୍ସି ରେସପନସ୍ ଆଣ୍ଡ୍ ଡିଜାଷ୍ଟର୍ ମ୍ୟାନେଜରମେଣ୍ଟ୍ ପ୍ଲାନ୍ ଅନୁଯାୟୀ ଏହି ଡ୍ରିଲ୍ କାର୍ଯ୍ୟକାରୀ କରାଯାଇଥିଲା । ମ୍ୟୁଚୁଆଲ୍ ଏଡ୍ ସଂସ୍ଥାର ପ୍ରତିନିଧିମାନେ ମଧ୍ୟ ଏହି ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ । ପାରାଦୀପ ରିଫାଇନରୀର ଡିସିୟୁ ଫ୍ରାକ୍ସନେଟର ରିଫ୍ଲକ୍ସ ପମ୍ପରୁ ସିଲ୍ ଲିକ୍ ହୋଇ ଯଦି ନିଆଁ ଲାଗେ, ତାହାକୁ ସଫଳତାର ସହିତ କିପରି ମୁକାବିଲା କରାଯିବ ସେହି ବିଷୟବସ୍ତୁ ଉପରେ ମକଡ୍ରିଲ୍‌ଟି ଆଧାରିତ ଥିଲା । ଏଥିରେ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନାର ପ୍ରୋଟୋକଲ୍ ଅନୁଯାୟୀ ନିଆଯାଇଥିବା ପ୍ରତିକ୍ରିୟା ଏବଂ ନିୟନ୍ତ୍ରଣ ପଦକ୍ଷେପ ଗୁଡିକ ସଠିକ୍ ଭାବରେ ସମନ୍ୱିତ ହୋଇଥିଲା ଏବଂ ଏହାକୁ ସମସ୍ତ କର୍ତ୍ତୃପକ୍ଷ ପ୍ରଶଂସା କରିଥିଲେ । ଏହି ଡ୍ରିଲ୍ ପରେ ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ଏବଂ ରିଫାଇନରୀ ପ୍ରମୁଖ କୌଶିକ ବସୁଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ସଭାର ଆୟୋଜନ କରାଯାଇଥିଲା ।



ଭୁବନେଶ୍ୱରରେ ଆଉ ୩ଟି ସୌରଚାଳିତ ସ୍ମାର୍ଟ ବେଂଚ ସ୍ଥାପନ କଲା ବିଏମସି

ଭୁବନେଶ୍ୱର, ୨୩/୧୦ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଯାତ୍ରୀଙ୍କ ସୁବିଧା ଓ ସହରର ପରିବେଶକୁ ଅଧିକ ସବୁଜ କରିବା ଲକ୍ଷ୍ୟରେ ଆଉ ୩ଟି ସୌରଚାଳିତ ସ୍ମାର୍ଟ ବେଂଚ ସ୍ଥାପନ କରାଯାଇଛି। ଏକାମ୍ର ପାର୍କ ନିକଟରେ ଏବଂ ଉତ୍କଳ ହସ୍ପିଟାଲ ରାସ୍ତା କଡ଼ରେ ଏହି ବେଂଚଗୁଡ଼ିକ ସ୍ଥାପନ କରାଯାଇଛି। ୧୯ତମ ଅର୍ବାନ ମୋବିଲିଟି ଇଣ୍ଡିଆ ସମ୍ମିଳନୀ ଓ ପ୍ରଦର୍ଶନୀ-୨୦୨୬ ପୂର୍ବରୁ ଏହି ପଦକ୍ଷେପ ନିଆଯାଇଛି। ସୌରଶକ୍ତି ଦ୍ୱାରା ପରିଚାଳିତ ଏହି ସ୍ମାର୍ଟ ବେଂଚ ଗୁଡ଼ିକ ଯାତ୍ରୀ ଓ ସାଧାରଣ ଲୋକଙ୍କୁ ଆରାମଦାୟକ ବିଶ୍ରାମ ସୁବିଧା ଯୋଗାଇଦେବ। ନାଗରିକକେନ୍ଦ୍ରିକ ଭିତିଭୂମିର ବିକାଶ, ସାର୍ବଜନୀନ ସୁବିଧାରେ ଉନ୍ନତି ଏବଂ ସ୍ୱଚ୍ଛ ଶକ୍ତିର ବ୍ୟବହାର ମାଧ୍ୟମରେ ଏକ ସବୁଜ ଓ ସ୍ଥାୟୀ ସହର ଗଠନ ଦିଗରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ପ୍ରତିବଦ୍ଧତାକୁ ଏହି ପଦକ୍ଷେପ ପ୍ରତିଫଳିତ କରୁଛି।





❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ ିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida